
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୩ ଅଗଷ୍ଟ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 23 AUGUST 2023
Vol.No. 35 ■ No. 222 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବ୍ରିକ୍ସ ସମ୍ମିଳନୀରେ ଭାଗ ନେବା ପାଇଁ ଜୋହାନ୍ସବର୍ଗରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୨/୦୮: ୧୫ତମ ବ୍ରିକ୍ସ ସମ୍ମିଳନୀରେ ଭାଗ ନେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ପହଞ୍ଚିଛନ୍ତି। ମଙ୍ଗଳବାର ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଜୋରଦାର ସ୍ୱାଗତ କରାଯାଇଛି। ମୋଦୀ ଏଠାରେ ରାଷ୍ଟ୍ରପତି ସିରିଲ୍ ରାମଫୋସାଙ୍କ ନିମନ୍ତ୍ରିତ କରିଥିଲେ। ସେଠାରେ ୨୨ରୁ ୨୪ ଅଗଷ୍ଟ ପର୍ଯ୍ୟନ୍ତ ରହିବେ। ପିଏମ ମୋଦୀଙ୍କ ସ୍ୱାଗତ କରିବା ପାଇଁ ବିମାନ ବନ୍ଦରରେ ଅନେକ ଭାରତୀୟ ଉପସ୍ଥିତ ଥିଲେ। ଏହି ସମୟରେ ମୋଦୀ ଲୋକଙ୍କୁ ସହ ଅଭିବାଦନ କରିବା ସହ ହାତ ମିଳାଇଥିଲେ । ଏହି ସମ୍ମିଳନୀରେ ବ୍ରାଜିଲ୍, ଋଷ୍, ଭାରତ, ଚୀନ୍, ଦକ୍ଷିଣ ଆଫ୍ରିକା ଆଦି ବ୍ରିକ୍ସ ଦେଶ ସାମିଲ ହେବେ । ଏହି ସମ୍ମିଳନୀରେ ୨ଟି ଅଧିବେଶନ ହେବ । ଗୋଟିଏ ମଞ୍ଚରେ ନଜର ଆସିବେ ପିଏମ୍ ମୋଦୀ ଓ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ୍ । ତେଣୁ ଭାରତ ଦୃଷ୍ଟିରୁ ବ୍ରିକ୍ସ ସମ୍ମିଳନୀ ବହୁ ଗୁରୁତ୍ୱପୂର୍ଣ୍ଣ । ୨୦୧୯ ପରେ ବ୍ରିକ୍ସ ନେତାଙ୍କ ପ୍ରଥମ ଆମ୍ନା-ସାମ୍ନି ବୈଠକ। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦୀ ବ୍ରିକ୍ସ ଅଧକ୍ଷକଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ । ୨୪ ତାରିଖରେ ବ୍ରିକ୍ସ ଆଉଟରିଚ୍ କାର୍ଯ୍ୟକ୍ରମରେ ସାମିଲ ହେବେ । ଏହା ପରେ ପ୍ରବାସୀ ଭାରତୀୟଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗ୍ରୀସ୍ ଗସ୍ତ କରିବେ । ଗ୍ରୀସ୍ ରାଷ୍ଟ୍ର ଅଧ୍ୟକ୍ଷଙ୍କ ନିମନ୍ତ୍ରଣ କ୍ରମେ ଗ୍ରୀସ ଯିବେ । ଗତ ୪୦ ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଗ୍ରୀସ ଗସ୍ତ । ୨୫ ଅଗଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଗ୍ରୀସ୍ ରାଜକୀୟ ସମ୍ମାନରେ ସମ୍ମାନିତ କରାଯିବ । ଏହା ପରେ ଉଭୟ ଦେଶ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ସହ ଏକାଧିକ ବୁଝାମଣା ହେବାର କାର୍ଯ୍ୟକ୍ରମ ରହିଛି । ଏହା ପରେ ଗ୍ରୀସରେ ପ୍ରବାସୀୟ ଭାରତୀୟଙ୍କୁ ସମ୍ବୋଧନ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ।

## ମାହାଙ୍ଗା ନାବାଳିକା ମୃତ୍ୟୁ ମାମଲା

# ନିଲମ୍ବିତ ବିଜେଡି ନେତା ଶରତ ନାୟକ ଓ ଖେଳ ଶିକ୍ଷକ ଅନୁପମ ରାୟ ଗିରଫ



କଟକ , ୨୨/୦୮ (ନି.ପ୍ର): ମାହାଙ୍ଗା ନାବାଳିକା ମୃତ୍ୟୁ ମାମଲାରେ ଗିରଫ ହୋଇଛନ୍ତି ନିଲମ୍ବିତ ବିଜେଡି ନେତା ଶରତ ନାୟକ ଓ ଖେଳ ଶିକ୍ଷକ ଅନୁପମ ରାୟ। ମାହାଙ୍ଗା ପୁଲିସ ସେମାନଙ୍କୁ ଗିରଫ କରିଛି। କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର ପଣ୍ଡା ଏହି ସୂଚନା ଦେଇଛନ୍ତି। ଏସପି କହିଛନ୍ତି, ନାବାଳିକା ଜଣଙ୍କୁ ଆତ୍ମହତ୍ୟା କରିବା ପାଇଁ ପରିସ୍ଥିତି ସୃଷ୍ଟି କରିବା ନେଇ ଅନୁପମ ରାୟଙ୍କୁ ଗିରଫ କରାଯାଇଛି । ସେହିପରି ନାବାଳିକା ଜଣଙ୍କ ଆତ୍ମହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ଅଭିଯୋଗରେ ଶରତ ନାୟକଙ୍କୁ ଗିରଫ କରାଯାଇଛି। ନାବାଳିକା ଜଣଙ୍କ ଆତ୍ମହତ୍ୟା କରିବା ପଛରେ ଅନୁପମ ରାୟଙ୍କ ହାତ ଥିବା କଥା ଶରତ ଜାଣିଥିଲେ। ନାବାଳିକା ଜଣଙ୍କ ଦଶମ ଶ୍ରେଣୀରେ ପଢୁଥିଲେ। ୨ ମାସ ତଳେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଏଇ କିଛି ଦିନ ତଳେ ଏକ ଅଡିଓ ଭାଇରାଲ ହେବା ପରେ ▶▶ପୃଷ୍ଠା ୭

# ସାରଦା ଚିଟ୍‌ଫଣ୍ଡ ଠକେଇ ମାମଲାରେ ୨ କର୍ମଚାରୀଙ୍କୁ ୫ ବର୍ଷ ଜେଲ୍ ଦଣ୍ଡାଦେଶ

ବାଲେଶ୍ୱର, ୨୨/୦୮ (ନି.ପ୍ର): ସାରଦା ଚିଟ୍‌ଫଣ୍ଡ ଠକେଇ ମାମଲାରେ ସଂସ୍ଥାର ୨ ଜଣ କର୍ମଚାରୀଙ୍କୁ ୫ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ ମିଳିଛି । ସେମାନେ ହେଉଛନ୍ତି ସଂସ୍ଥା (ସାରଦା ରିୟଲିଟୀ ଇଣ୍ଡିଆ ଲିମିଟେଡ)ର ରାଜ୍ୟ ସଂଯୋଜକ ବିଚିତ୍ରାନନ୍ଦ ଦାସ ଓ ବାଲେଶ୍ୱର ଶାଖା ପରିଚାଳକ ବାସୁଦେବ ସାମଲ। ବାଲେଶ୍ୱରର ସ୍ୱତନ୍ତ୍ର ଓପିଆଇଡି କୋର୍ଟ ଜଜ୍ ବିଶ୍ୱଜିତ ଦାସ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ତା' ସହିତ ଉଭୟଙ୍କୁ ୨ ଲକ୍ଷ ୪୦ ହଜାର ଟଙ୍କା ଲେଖାଏଁ ଜୋରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ଅର୍ଥ ପଇଠ ନ ହେଲେ ସେମାନଙ୍କୁ ଅଧିକ ଦୁଇ ବର୍ଷ ଲେଖାଏଁ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି। ସାରଦା ରିୟଲିଟୀ ଇଣ୍ଡିଆ ଲିମିଟେଡ୍ ବିଭିନ୍ନ ସ୍କିମ୍‌ରେ ୨୭୩୫ ଜଣ ଜମାକାରୀଙ୍କଠାରୁ ଠକି ନେଇଥିଲା ୪ କୋଟି ୧୬ ଲକ୍ଷ ଟଙ୍କା। ଏହି ଠକେଇ ନେଇ କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁରେ ମାମଲା ରୁଜୁ ହୋଇଥିଲା। ୬୫ ଜଣ ସାକ୍ଷୀ ଓ ୧୪୪ଟି ଦଲିଲ ଏବଂ ଦସ୍ତାବିଜକୁ ଭିତ୍ତିକରି ଦଣ୍ଡ ଶୁଣାଇଛନ୍ତି ମାନ୍ୟବର କୋର୍ଟ। ଏହି ମାମଲାରେ ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରୁଥିଲେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା।

# ସେପ୍ଟେମ୍ବର ୮ରୁ ୩ ଦିନ ରାଜଧାନୀର ସବୁ ସ୍କୁଲ ଓ ଅଫିସ ବନ୍ଦ

ନୂଆଦିଲ୍ଲୀ, ୨୨/୦୮ (ନି.ପ୍ର): ଦେଶର ରାଜଧାନୀ ଦିଲ୍ଲୀରେ ଥିବା ସମସ୍ତ ସ୍କୁଲ ଓ ସରକାରୀ ଅଫିସ ସେପ୍ଟମ୍ବର ୮, ୯ ଓ ୧୦ ତାରିଖରେ ବନ୍ଦ ରହିବ। ଦିଲ୍ଲୀରେ ଜି-୨୦ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଆଜି ଏପରି ଘୋଷଣା କରିଛନ୍ତି। କେବଳ ସରକାରୀ ଅଫିସ କିମ୍ବା ସ୍କୁଲ ନୁହେଁ, ନୂଆଦିଲ୍ଲୀ ଜିଲ୍ଲାର ନିୟନ୍ତ୍ରଣ ଜୋନ ମଧ୍ୟରେ ଆସୁଥିବା ବ୍ୟବସାୟିକ ପ୍ରତିଷ୍ଠାନ ଓ ମାର୍କେଟ ମଧ୍ୟ ଏହି ୩ ଦିନ ବନ୍ଦ ରହିବ। ଭିଡ଼ ଓ ସୁରକ୍ଷା ଦୃଷ୍ଟିରୁ ୩ ଦିନ ଛୁଟି ପ୍ରସ୍ତାବ ପ୍ରଥମେ ପୁଲିସ୍ ପକ୍ଷରୁ ମୁଖ୍ୟ ଶାସନ ସଚିବ ନରେଶ କୁମାରଙ୍କୁ ଦିଆଯାଇଥିଲା। ସେ ଏହାର ମଞ୍ଜୁରୀ ପାଇଁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପାଖକୁ ପଠାଇଥିଲେ। ଆଜି ଏହି ପ୍ରସ୍ତାବ ଅନୁଯାୟୀ, କେଜ୍ରିୱାଲ ସେପ୍ଟେମ୍ବର ୮, ୯ ଓ ୧୦ ତାରିଖକୁ ଛୁଟି ଘୋଷଣା କରିଛନ୍ତି। ଦିଲ୍ଲୀ ପୁଲିସ୍ ଅଗଷ୍ଟ ୧୮ରେ ଚିଠି ଲେଖି ମୁଖ୍ୟ ଶାସନ ସଚିବଙ୍କୁ ପ୍ରସ୍ତାବ ଦେଇଥିଲା ଯେ ସରକାର ଜି-୨୦ ସମ୍ମିଳନୀ ଦୃଷ୍ଟିରୁ ନୂଆଦିଲ୍ଲୀ ଅଞ୍ଚଳ ମଧ୍ୟରେ ଆସୁଥିବା ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନକୁ ସେପ୍ଟେମ୍ବର ୮ରୁ ୧୦ ତାରିଖ ଯାଏ ବନ୍ଦ ରଖନ୍ତୁ। ସୁରକ୍ଷା ଦୃଷ୍ଟିରୁ ସୁପ୍ରିମକୋର୍ଟ ଓ କେନ୍ଦ୍ରୀୟ ସଚିବାଳୟ ମେଟ୍ରୋକୁ ବନ୍ଦ ରଖାଯାଉ। ▶▶ପୃଷ୍ଠା ୭

# ଓଏଏସ ସ୍ତରରେ ବଦଳି




ଭୁବନେଶ୍ୱର, ୨୨/୦୮ (ନି.ପ୍ର): ରାଜ୍ୟ ସରକାର ଆଜି ଓଏଏସ୍ ଅଫିସରସ୍ତରରେ ବଦଳି କରିଛନ୍ତି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ସଂସ୍ଥାନ(ରୋଟି) ଯୁଗ୍ମ ନିର୍ଦ୍ଦେଶକ ତଥା ବରିଷ୍ଠ ଓଏଏସ୍ ଅଫିସର ଆଇଷ କୁମାର ଜେନାଙ୍କୁ ଯୁଗ୍ମ ଏସଆରସି(ସ୍ୱତନ୍ତ୍ର ରିଲିଫ କମିଶନର) ଭାବେ ବଦଳି କରାଯାଇଛି। ସେହିପରି ବରିଷ୍ଠ ଓଏଏସ୍ ବୈତୁରା ଦୀପଙ୍କୁ ରୋଟି ଯୁଗ୍ମ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି । ଶ୍ରୀ ଦୀପଙ୍କର ଖୋର୍ଦ୍ଧା ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳିକୁ ବାତିଲ କରାଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦରେ ଓଏସଡି ଭାବେ କାର୍ଯ୍ୟରତ ଓଏଏସ୍ ଅଫିସର ସରିତା ପ୍ରଧାନଙ୍କୁ ଉପନିର୍ଦ୍ଦେଶକ,ନିଯୁକ୍ତି(ପ୍ରଶାସନ) ଭାବେ ବଦଳି କରାଯାଇଛି। ବଲାଙ୍ଗିର ଜିଲ୍ଲାର ତୁଷୁରା ତହସିଲଦାର ରବୀନ୍ଦ୍ର କୁମାର ପଟେଲଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଓଏସଡି ଏବଂ ଢେଙ୍କାନାଳ ଜିଲ୍ଲା ଗନ୍ଦିଆ ବିଡିଓ ଆଶିଷ ରଞ୍ଜନ ସାହୁଙ୍କୁ ମିଶନ ଶକ୍ତି ବିଭାଗର ଉପସଚିବ ଭାବେ ବଦଳି କରାଯାଇଛି।

# ୩୦ ବଗି ଛାଡ଼ି ପଳାଇଲା ମାଲବାହୀ ଟ୍ରେନ

ଭଦ୍ରକ, ୨୨/୦୮ (ନି.ପ୍ର): ୩୦ଟି ବଗି ଛାଡ଼ି ପଳାଇଲା ମାଲବାହୀ ଟ୍ରେନ୍। ଆଜି ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚରମ୍ପା ଷ୍ଟେସନ ନିକଟରେ। ମାଲବାହୀ ଟ୍ରେନଟି ଖଡ଼ଗପୁରରୁ ଆସୁଥିଲା। ଏଥିରେ ୬୦ଟି ବଗି ଥିଲା। ତେବେ ଚରମ୍ପା ଷ୍ଟେସନ ନିକଟରେ କୌଣସି କାରଣ ବଶତଃ ଏହା ମଝିରୁ ଛିଡ଼ି ଯାଇଥିଲା। ଅର୍ଥାତ୍ ୩୦ଟି ବଗି ଧରି ଇଞ୍ଜିନ ପଳାଇଥିଲା। ଆଉ ୩୦ଟି ବଗି ରହି ଯାଇଥିଲା। ପରେ ଗାର୍ଡ ଷ୍ଟେସନକୁ ଖବର ଦେବା ପରେ ଟ୍ରେନ୍‌କୁ ଅଟକିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ଇଞ୍ଜିନ ପଛକୁ ଫେରିଥିଲା। ବଗି ଗୁଡ଼ିକ ଯୋଡ଼ିବା ପରେ ଟ୍ରେନ୍ ପୁଣି ଗନ୍ତବ୍ୟ ସ୍ଥଳ ଅଭିମୁଖେ ଯାତ୍ରା କରିଥିଲା। ଏହି ଘଟଣା ନେଇ ରେଳ କର୍ତ୍ତୃପକ୍ଷଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ଆଜି ଜହ୍ନକୁ ଛୁଇଁବ ଭାରତ: ଚନ୍ଦ୍ରଯାନ-୩ର ସଫଳତା କାମନା କରି ସାରା ଦେଶରେ ଚାଲିଛି ପୂଜାର୍ଚ୍ଚନା



ନୂଆଦିଲ୍ଲୀ,୨୧/୦୮ :ଆରମ୍ଭ ହୋଇ ଯାଇଛି କାଉଂଟଡାଉନ୍ । ପ୍ରତିକ୍ଷଣ, ପ୍ରତି ମୁହୂର୍ତରେ ଚନ୍ଦ୍ରର ଆହୁରି ନିକଟତର ହେଉଛି ଭାରତ । ଆସନ୍ତାକାଲି ସନ୍ଧ୍ୟା ୬ଟା ୪ମିନିଟ୍ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ବିକ୍ରମ ଲ୍ୟାଣ୍ଡର । ଏଥିପାଇଁ ସାରା ଦେଶରେ ଚାଲିଛି ପୂଜାର୍ଚ୍ଚନା । ଚନ୍ଦ୍ରଯାନ-୩ର ସଫଳ ଅବତରଣ ପାଇଁ ଦେଶର ବିଭିନ୍ନ ଦେବାଳୟରେ ପୂଜାର୍ଚ୍ଚନା କରାଯାଉଛି । କିପରି ସଫଳତାର ସହ ବିକ୍ରମ୍ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ ଲ୍ୟାଣ୍ଡ କରିବ ସେନେଇ ଦେଶବାସୀ ଭଗବାନଙ୍କ ପାଖରେ କାମନା କରୁଛନ୍ତି । ସାରା ଦେଶ ଅପେକ୍ଷା କରିଛି ସେହି ସ୍ୱର୍ଣ୍ଣିମ ସମୟକୁ। ଯେତେବେଳେ ଇତିହାସ ରଚିବ ଭାରତ । ଚନ୍ଦ୍ରମାର ଅପହଂଚ ଅଂଚଳରେ ଅବତରଣ କରି ସାରା ବିଶ୍ୱରେ ରେକର୍ଡ ସ୍ଥାପନ କରିବ । ଜହ୍ନ କକ୍ଷପଥରେ ବୁଲୁଛି ବିକ୍ରମ୍ ଲ୍ୟାଣ୍ଡର କିଛି ଦୁର୍ଲଭ ଫଟୋ । ଚନ୍ଦ୍ରରେ ଅବରତରଣ କରିବା ପୂର୍ବରୁ ଏହି ଫଟୋକୁ ଇସ୍ରୋ ପକ୍ଷରୁ ଟ୍ୱିଟ୍ ଜରିଆରେ ସେୟାର କରାଯାଇଛି । ଭାରତର ଚନ୍ଦ୍ରଯାନ-୩କୁ ନେଇ ଅବଗଣନା ଆରମ୍ଭ ହୋଇସାରିଛି । ଯଦି ପାଗ ଅନୁକୂଳ ରହେ ତାହାହେଲେ ବୁଧବାର ସନ୍ଧ୍ୟା ୬ଟା ୦୪ ମିନିଟରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ଚନ୍ଦ୍ରଯାନ-୩ । ସେପଟେ ଆସିଛି ଚନ୍ଦ୍ରମାର ନୂଆ ଫଟୋ । ଚନ୍ଦ୍ରର ଅଦେଖା ଅଂଚଳ ଦକ୍ଷିଣ ପ୍ରାନ୍ତରେ ▶▶ପୃଷ୍ଠା ୭

# ପୂର୍ବତନ ସରପଞ୍ଚଙ୍କ ଘରେ ପଶିଲା ଭିଜିଲାନ୍ସ



କଟକ, ୨୨/୦୮ (ନି.ପ୍ର): ସରକାରୀ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହେବା ପରେ ପୂର୍ବତନ ସରପଞ୍ଚଙ୍କ ଘରେ ପଶିଲା ଭିଜିଲାନ୍ସ। ଭିଜିଲାନ୍ସ ଟିମ୍ ପୂର୍ବତନ ସରପଞ୍ଚଙ୍କ ଘର ସମେତ ଏକକାଳୀନ ୩ଟି ସ୍ଥାନରେ ଚଢ଼ାଉ କରୁଛି । ଏହି ସରପଞ୍ଚଜଣକ ହେଲେ କଟକ ଜିଲ୍ଲା ଡମପଡା ବ୍ଲକ ଦୁଲଣାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁନୀଲ କୁମାର ସାହୁ । ମନେରେଗା ଯୋଜନା ସମେତ କୋଭିଡ ସମୟରେ ଆସିଥିବା ଅର୍ଥ ତଥା ଆହୁରି ବହୁ ଯୋଜନାର ଅର୍ଥକୁ ସୁନିଲ କୁମାର ହଡ଼ପ କରିଥିବା ଅଭିଯୋଗ ହୋଇଥିଲା । ଏନେଇ ପୂର୍ବରୁ ଲୋକାଯୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିବା ବେଳେ ଲୋକାଯୁକ୍ତ ଏହାର ତଦନ୍ତ ଭାର ଭିଜିଲାନ୍ସକୁ ଦେଇଥିଲେ। ଭିଜିଲାନ୍ସ ପୂର୍ବରୁ ପଞ୍ଚାୟତର ବିଭିନ୍ନ କାମର ତଦନ୍ତବେଳେ ଆଜି ଭୋରୁ ତାଙ୍କ ଘରେ ପଶିଛି। ଆଜି ଏକକାଳୀନ ଭିଜିଲାନ୍ସ ସୁନୀଲଙ୍କ ଘର ସମେତ ତାଙ୍କ ଶ୍ୱଶୁର ଘର ଓ ପେଟ୍ରୋଲ ଟାଙ୍କିରେ ବି ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ସୁନୀଲଙ୍କ ଘରୁ ବହୁ ସୁନା, ଗହଣା ତଥା ବିଭିନ୍ନ ବଣ୍ଡ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ଜଣାଯାଇଛି।

# ମଧ୍ୟପ୍ରଦେଶ ପାଇଁ କଂଗ୍ରେସର ନିର୍ବାଚନୀ ପ୍ରତିଶ୍ରୁତି

## କ୍ଷମତାକୁ ଆସିଲେ ୫ଶହ ଟଙ୍କାରେ ମିଳିବ ରୋଷେଇ ଗ୍ୟାସ ମହିଳାଙ୍କୁ ମାସିକ ଦିଆଯିବ ୧୫ଶହ ଟଙ୍କା ଭତ୍ତା



ନୂଆଦିଲ୍ଲୀ,୨୧/୦୮ : ମଧ୍ୟପ୍ରଦେଶ ବିଧାନସଭା ପାଇଁ ସରଗରମ ରାଜନୀତି । ବିଜେପି, ଆମ ଆଦମୀ ପାର୍ଟି ପରେ ଏବେ କଂଗ୍ରେସ ମଧ୍ୟପ୍ରଦେଶ ବାସୀଙ୍କୁ ଦେଇଛି ପ୍ରତିଶ୍ରୁତି । ରାଜ୍ୟରେ କଂଗ୍ରେସ ସରକାର ଗଠନ କଲେ ଚାଷୀଙ୍କ ଋଣ ଛାଡ କରିବ ବୋଲି ଆଜି ଘୋଷଣା କରିଛି ଦଳ । ସେପଟେ ୫ଶହ ଟଙ୍କାରେ ରୋଷେଇ ଗ୍ୟାସ ଓ ପ୍ରତ୍ୟକ ମହିଳାଙ୍କୁ ପ୍ରତିମାସରେ ୧୫ଶହ ଟଙ୍କା ଭତା ଦିଆଯିବ । ଏଥିସହ ବିହାର ଫର୍ମୂଲା ମଧ୍ୟପ୍ରଦେଶରେ ଆପଣାଇବ କଂଗ୍ରେସ । ତେଣୁ ସରକାର ଆସିଲେ ଜାତିଭିତିକ ଜନଗଣନା କରାଯିବା ନେଇ ଦଳ ପ୍ରତିଶ୍ରୁତି ଦେଇଛି । ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି, ସରକାରୀ କର୍ମଚାରୀଙ୍କ ପାଇଁ ଓଲଡ ଏଜ ପେନସନ ସ୍କିମ, ଏନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ସଭାକୁ ସମ୍ବୋଧିତ କରି ଘୋଷଣା କରିଛନ୍ତି ।

# ସ୍ୱାଭିମାନ ଓ ଅଧିକାର ପାଇଁ ଲଢ଼େଇ କର: ବିଶ୍ୱଭୂଷଣ ହରିଚନ୍ଦନ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଅନ୍ତର୍ଜାତୀୟ ଓଡ଼ିଆ ସ୍ୱାଭିମାନ ପ୍ରତିଷ୍ଠାନ ଆନୁକୂଲ୍ୟରେ ଭୁବନେଶ୍ୱର ଜୟଦେବ ଭବନ ଠାରେ ଆୟୋଜିତ ଜାତୀୟ ଓଡ଼ିଶା ସ୍ୱାଭିମାନ ସମ୍ମିଳନୀରେ ଯୋଗଦେଇ ଓଡ଼ିଶାର ସଂସ୍କୃତି, ସାହିତ୍ୟ, ଐତିହ୍ୟ, ପରମ୍ପରା ଆଦି ଅନନ୍ୟ ଓ ଅନ୍ୟତମ ବୋଲି କହିଛନ୍ତି। ଏହି ଅବସରରେ ସେ ଓଡ଼ିଶାର ଇତିହାସକୁ ମନେପକାଇ କହିଛନ୍ତି ଯେ ଓଡ଼ିଶାର ଗଜପତିମାନେ ନିଜକୁ ରାଜ୍ୟର ରାଜା ବୋଲି ସମ୍ବୋଧନ ନକରି ଓଡ଼ିଆର ପ୍ରାଣ ଶ୍ରୀଜଗନ୍ନାଥଙ୍କୁ ସମସ୍ତ ଶ୍ରେୟ ଦେଇ ଓଡ଼ିଆମାନଙ୍କର ରାଜା ବୋଲି ସମ୍ବୋଧନ କରି ନିଜକୁ ସେବକ ପଦରେ ରଖିବାର ସ୍ପର୍ଦ୍ଧା ଓ ସ୍ୱାଭିମାନ କେବଳ ଓଡ଼ିଶାବାସୀଙ୍କ ପାଖରେ ଦେଖାଯାଏ। ଯେଉଁଜାତିର ପୂର୍ବପୁରୁଷମାନେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରି ଦିଗ୍‌ବୀଜୟର ବାନା ଉଡ଼ାଇ ଓଡ଼ିଶାର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ରଖିଛନ୍ତି ସେ ଜାତିର ଲୋକମାନେ ଭୀରୁ କାପୁରୁଷ ନହୋଇ ନିଜର ସ୍ୱାଭିମାନ ଓ ଅଧିକାର ପାଇଁ ଲଢ଼େଇ କରନ୍ତୁ ବୋଲି ରାଜ୍ୟପାଳ ଶ୍ରୀ ହରିଚନ୍ଦନ ନିଜ ବକ୍ତବ୍ୟରେ କହିଛନ୍ତି। ଓଡ଼ିଶାର ସାହିତ୍ୟ ଯେତିକି ସମୃଦ୍ଧ ସେତିକ ସୁନ୍ଦର। ଆମ ସାହିତ୍ୟରେ ଲୁଚି ରହିଛି ଦର୍ଶନ, ଜୀବନ ଜିଇଁବାର କଳା, ସମଗ୍ର ବିଶ୍ୱକୁ ନିଜର ପରିବାର ବୋଲି କହିବାର ଧୃଷ୍ଟତା। ଆମ ସାହିତ୍ୟ କହିପାରେ , "ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ" ଏବଂ "ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲି ଯାନ୍ତୁ ପିଠିରେ"। ଏଭଳି ଏକ ମହାନ ଜାତି ସନ୍ତାନ ଭାବରେ ଅମେ ନିଜକୁ ଗର୍ବ କରିବା ଉଚିତ୍। ଆମର ସଂସ୍କୃତି ଓ ପରମ୍ପରା ସଂପର୍କ ଓ ସୌହାର୍ଦ୍ଦ୍ୟକୁ ସୃଦୃଢ଼ କରି ଏକାଠି ରହିବାର ଦର୍ଶନ ଦେଇଥାଏ। ଆମର ସାମରିକ ଶକ୍ତି ଶାନ୍ତି ବାର୍ତ୍ତା ପ୍ରଦାନ କରୁଥିଲା ବେଳେ ଅନ୍ୟାୟ, ଅତ୍ୟାଚାର, ଭ୍ରଷ୍ଟାଚାର ବିରୋଧରେ ଲଢ଼େଇ କରିବା ପାଇଁ ପ୍ରେରଣା ଦିଏ। ଆମର ଐତିହ୍ୟ ତୋଷାମଦକୁ ପରିତ୍ୟାଗ କରି ସ୍ୱାଭିମାନର ସହ ଜୀବନ ଜୀଇଁବାକୁ କହେ ବୋଲି ରାଜ୍ୟପାଳ ଶ୍ରୀ ହରିଚନ୍ଦନ ବକ୍ତବ୍ୟପ୍ରଦାନ କରିଥିଲେ। ଏହି ଅବସରରେ ରାଜ୍ୟପାଳ ଯନ୍ତ୍ରଣାରେ ଛଟପଟ ହେଉଥିବା ମଣିଷଙ୍କ ପାଇଁ ଆଗେଇ ଆସି ତାଙ୍କ ନିକଟରେ ଛିଡା ହୋଇ ସେମାନଙ୍କର ଅଧିକାର ତାଙ୍କୁ ଫେରାଇ ଦେବା ପାଇଁ ଆହ୍ୱାନ ଦେଇଛନ୍ତି। ବର୍ତ୍ତମାନର ସମୟ ତଲୱାର କିମ୍ବା ତୋପର ନୁହେଁ ବରଂ ଶାନ୍ତି ଓ ସଂହିତିର। ପ୍ରତ୍ୟେକ ମଣିଷ ନିଜ ନିଜର ଅଧିକାରରୁ ବଂଚିତ ନହୁଅନ୍ତୁ ଓ ମା', ମାଟି ଓ ଦେଶର ସେବାକରି ନିଜକୁ ଗର୍ବିତ ମନେ କରନ୍ତୁ। ବିଶ୍ୱକୁ ଏକ ପରିବାର ମନେକରି ପରସ୍ପର ପରସ୍ପର ପ୍ରତି ସୌହାର୍ଦ୍ଦ୍ୟର ହାତ ବଢ଼ାଇବା। ଯେପରି କୋଭିଡ଼ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଦେଶକୁ ମାଗଣା କୋଭିଡ଼ ଟିକା ପ୍ରଦାନ କରି ଦେଶର ଗୌରବକୁ ବୃଦ୍ଧି କରିଛନ୍ତି। ସେହିପରି ଆମେ ଅନ୍ୟାୟ, ଅତ୍ୟାଚାର ବିରୋଧରେ ଲଢ଼େଇ କରି ବଂଚିତକୁ ତାହାର ଅଧିକାର ଫେରେଇ ତା ମୁହଁରେ ଖୁସି ଭରିଦେବା। ମା, ମାଟି ଓ ଦେଶର ଟେକ ରଖି ନିଜକୁ ସୌଭାଗ୍ୟ ଅଧିକାରୀ ବୋଲି ମଣି ଜାତିକୁ ଗୌରବାନ୍ୱିତ କରିବା ପାଇଁ ରାଜ୍ୟପାଳ ଉପସ୍ଥିତ ସଭାସଦ୍‌କୁ ଉଦ୍‌ବୋଧନ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ସମେତ ସମାଜର ସଂପାଦକ ପ୍ରମୋଦ ମହାପାତ୍ର, ପଦ୍ମଶ୍ରୀ ରବି ବସ୍ତିଆ, ଶିକ୍ଷାବିତ୍ ବଦ୍ରିନାଥ ପଟ୍ଟନାୟକ, ସମାଜସେବୀ ଦିଲ୍ଲୀପ ଶ୍ରୀଚନ୍ଦନ, ଶିକ୍ଷାବିତ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଅନୁଷ୍ଠାନର ସଭାପତି ସୁଶାନ୍ତ କୁମାର ସାବତ ପ୍ରମୁଖ ଉକ୍ତ ଯୋଗଦାନ କରିଥିଲେ।

# ନୂଆଁଖାଇ ପାଇଁ ଦୁଇଦିନିଆ ଛୁଟି ଓ ସେପ୍ଟେମ୍ବର ୨୧ ସଂସ୍କୃତ ଶିକ୍ଷକ ପରୀକ୍ଷା ଘୁଂଚାଇବା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

ସମ୍ବଲପୁର, ୨୨/୦୭ (ନି.ପ୍ର): ଆଗାମୀ ସେପ୍ଟେମ୍ବର ୨୦ରେ ପଶ୍ଚିମାଂଚଳର ମହାନ୍ କୃଷି ଭିତିକ ଗଣପର୍ବ ନୂଆଁଖାଇ ପଡୁଥିବା ଯୋଗୁଁ ସରକାରୀ କ୍ୟାଲେଣ୍ଡରରେ ମାତ୍ର ଗୋଟିଏ ଦିନ ଛୁଟି ଘୋଷଣା କରାଯାଇଛି। ଗତବର୍ଷ ବହୁ ବାଦବିବାଦ ପରେ ସମ୍ବଲପୁର ଓ ବରଗଡ଼ ଜିଲ୍ଲାରେ ନୂଆଁଖାଇର ପରବର୍ତ୍ତୀ ଦିନଟିକୁ ଛୁଟି ଘୋଷଣା କରାଯାଇଥିଲା। ପଶ୍ଚିମାଂଚଳର ବହୁ ଲୋକ ରୋଜଗାର ପାଇଁ ଓ ତତ୍ ସଙ୍ଗେ ସାଙ୍ଗେ ହଜାର ହଜାର ଛାତ୍ର ଛାତ୍ରୀ ଉଚ୍ଚଶିକ୍ଷା ପାଇଁ ରାଜ୍ୟର ତଥା ଦେଶର ବିଭିନ୍ନ ସ୍ଥାନରେ ରୁହନ୍ତି। ନୂଆଁଖାଇ ପାଇଁ ସମସ୍ତେ ନିଜ ନିଜ ଘରକୁ ଆସି ସପରିବାର ନବାନ୍ନ ଭକ୍ଷଣ କରିଥାଆନ୍ତି। ନୂଆଁଖାଇର ପୂର୍ବଦିନ ଶ୍ରୀଗଣେଶ ପୂଜା ଥିବା ଯୋଗୁଁ ଘରକୁ ଆସିବାରେ ଲୋକଙ୍କର କୌଣସି ଅସୁବିଧା ହୋଇନଥାଏ, ମାତ୍ର ନୂଆଁଖାଇ ପାଳନ କରି ଦୂରଦୂରାନ୍ତକୁ ଫେରିବା ଯିବା ପାଇଁ ଅତି କମରେ ଗୋଟିଏ ଦିନ ଛୁଟିର ଆବଶ୍ୟକତା ରହିଛି। ତତ୍‌ସହ ବିଭିନ୍ନ ସମୟରେ ନୂଆଁଖାଇ ପରବର୍ତ୍ତୀ ଦିନ ରଜ୍ୟ ସରକାରଙ୍କର କୌଣସି ନା କୌଣସି ଶିକ୍ଷାନୁଷ୍ଠାନଗୁଡ଼ିକର ପରୀକ୍ଷା କିମ୍ବା ସରକାରୀ ନିଯୁକ୍ତ ପରୀକ୍ଷାର ସୂଚୀ ରହିଥିବା ପରିଲକ୍ଷିତ ହେଇଛି। ଚଳିତ ବର୍ଷ ମଧ ରାଜ୍ୟ ସରକାରଙ୍କ ପକ୍ଷରୁ ହେଉଥିବା ଶିକ୍ଷକ ନିଯୁକ୍ତ ପରୀକ୍ଷାର ସଂସ୍କୃତ ଶିକ୍ଷକ ନିଯୁକ୍ତର ପରୀକ୍ଷା ରହିଛି। ତେଣୁ ନୂଆଁଖାଇ ସରିବାର ପରଦିନ ଦୂରଦୂରାନ୍ତରେ ରହିଥିବା ପରୀକ୍ଷା କେନ୍ଦ୍ରରେ ପହଂଚି ପରୀକ୍ଷା ଦେବା ଅତ୍ୟନ୍ତ କଷ୍ଟଦାୟକ। ତେଣୁ ଏହାକୁ ଉପଲବ୍ଧି କରି ସ୍ଥାନୀୟ ଅଗ୍ରଣୀ ସାମାଜିକ ସାଂସ୍କୃତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଶ୍ଚିମାଂଚଳ ଏକତା ମଂଚ ଉତରାଂଚଳ ରାଜସ୍ୱ ଆୟୁକ୍ତଙ୍କୁ ସାକ୍ଷାତ କରି ଏକ ଦୁଇଦଫା ଦାବିପତ୍ର ପ୍ରଦାନ କରିଛି। ଦାବିପତ୍ରରେ ନୂଆଁଖାଇ ପରବର୍ତ୍ତୀ ଦିନକୁ ମଧ ରାଜ୍ୟବ୍ୟାପୀ ସରକାରୀ ଛୁଟି ଭାବରେ ଘୋଷଣା କରାଯାଉ ଓ ନୂଆଁଖାଇ ପରବର୍ତ୍ତୀ ଦିନ ରହିଥିବା ସଂସ୍କୃତ ଶିକ୍ଷକ ପରୀକ୍ଷାର ସୂଚୀକୁ ପରିବର୍ତ୍ତନ କରାଯାଉ। ଆଜି ଉତରାଂଚଳ ରାଜସ୍ୱ ଆୟୁକ୍ତଙ୍କୁ ସାକ୍ଷାତ କରି ସମସ୍ତ ବିଷୟରେ ଆଲୋଚନା କରି ମଂଚର ସଦସ୍ୟ ସଦସ୍ୟାମାନେ ଦାବିପତ୍ର ପ୍ରଦାନ କରିଥିଲେ। ମଂଚର ସଂଯୋଜିକା ପଙ୍କଜିନୀ ମେହେରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଝୁନୁ ତ୍ରିପାଠୀ, ସୁଜାତା ଗୁରୁ, ଶ୍ୱତିକା ନାୟକ, ତୃପ୍ତିମୟୀ ପଣ୍ଡା, ଜନନୀ ମିଶ୍ର, ଦେବୀ ପ୍ରସାଦ ଭୋଇ, ଲଳିତ ମୋହନ ବେବର୍ତ୍ତା, ବାବଲୁ ବାଗ, କୃଷ୍ଣଚନ୍ଦ୍ର ବାଗ, ଶଙ୍କର ମେହେର, ଶରତ ବହିଦାର, ଶାନ୍ତନୁ ପାଢ଼ୀ, ନିଶିକାନ୍ତ ବିଶ୍ୱାଳଙ୍କ ସମେତ ମଂଚର ଆବାହକ ଭବାନୀ ଶଙ୍କର ଭୋଇ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି ପ୍ରମୁଖ ସାମିଲ ଥିଲେ।

# ପବିତ୍ର ମୋହନ ସେତୁ ନାମରେ ନାମିତ ହେଲା କଣିହାସ୍ଥିତ ବ୍ରାହ୍ମଣୀନଦୀ ସେତୁ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ଅନୁଗୋଳ ଜିଲ୍ଲା କଣିହା ଠାରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ସେତୁକୁ ରାଜ୍ୟ ସରକାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପ୍ରଜାମଣ୍ଡଳ ନେତା ତଥା ଓଡିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ସ୍ମୃତିରେ ପବିତ୍ର ମୋହନ ସେତୁ ନାମରେ ନାମିତ କରିଛନ୍ତି।ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଜୁଲାଇ ୧୧ ତାରିଖରେ ୫ -ଟି ସଚିବ ଭି.କେ. ପାଣ୍ଡିଆନ ତାଳଚେର ଗସ୍ତରେ ଯାଇଥିବା ବେଳେ ପବିତ୍ର ମୋହନ ପ୍ରଧାନଙ୍କ ସ୍ମୃତି ରକ୍ଷା ପାଇଁ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ସେତୁ କୁ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ନାମିତ କରିବା ପାଇଁ ଜନସାଧାରଣ ଅନୁରୋଧ କରିଥିଲେ । ତଦନୁଯାୟୀ, ରାଜ୍ୟ ସରକାର ଏହି ସେତୁର ନାମକୁ ପ୍ରଜାମଣ୍ଡଳ ଆନ୍ଦୋଳନର ଅଗ୍ରଗଣ୍ୟ ସାରଥି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ନାମିତ କରିଛନ୍ତି। ସୂଚନାଯୋଗ୍ୟ ଯେ, ୫୧୧ ମିଟର ଦୈର୍ଘ୍ୟ ବିଶିଷ୍ଟ, ସିଲିଙ୍ଗ ଠାରୁ ତାଳପଦା ରାସ୍ତାକୁ ଯୋଡୁ ଥିବା ଏହି ସେତୁ, ୪୫ କୋଟି ୭୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି।

# ବିଜୁ ଛାତ୍ର ଜନତା ଦଳ କଲେଜ କ୍ୟାମ୍ପସରେ ଦୌରାତ୍ମ୍ୟ ଚଲାଇଛି : ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ବିଜୁ ଛାତ୍ର ଜନତା ଦଳ ବିଜେବି କଲେଜର କ୍ୟାମ୍ପସ ଭିତରେ ଦୌରାତ୍ମ୍ୟ ଚଲାଇଛି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ ଅଭିଯୋଗ କରିଛନ୍ତି। ଆଜି ପୂର୍ବାହ୍ନ ୧୨ ଘଂଟା ସମୟରେ ବିଜେବି କଲେଜର କିଛି ଛାତ୍ର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜଙ୍କୁ ସାକ୍ଷାତ କରି ଛାତ୍ର ବିଜେଡ଼ିର କର୍ମକର୍ତ୍ତା ଓ ସମର୍ଥକମାନେ ବିଜେବି କଲେଜରେ କିପରି ଭାବରେ ସେମାନଙ୍କୁ ହଇରାଣ ହରକତ କରିବା ସହ ମରଣାନ୍ତକ ଆକ୍ରମଣ କରୁଛନ୍ତି ତାହା ଜଣାଇଥିଲେ। କିଛି ଛାତ୍ରମାନେ ସ୍ୱାଧୀନତା ଦିବସ ପାଳନ କରିବାପାଇଁ ଭାରତମାତାଙ୍କ ଚିତ୍ର ସହ ଏବଂ ଜାତୀୟ ପତାକାର ଫଟୋ ସହ ବ୍ୟାନର ମାରିଥିଲେ। ସେହି ବ୍ୟାନରରେ କୌଣସି ଦଳର ଚିହ୍ନ ନଥିଲା ବା ଏହା କୌଣସି ଦଳର ସମର୍ଥିତ ବ୍ୟାନର ନଥିଲା। ବିଜୁ ଛାତ୍ର ଜନତା ଦଳର ସଭ୍ୟ ଏବଂ କର୍ମକର୍ତ୍ତାମାନେ ଏହି ବ୍ୟାନରକୁ ଚିରିଦେବା ସହ ସେଠାରେ ବ୍ୟାନର ଲଗାଉଥିବା ପିଲାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ମାଡ଼ଖାଇଥିବା ଛାତ୍ରମାନେ ସ୍ଥାନୀୟ ବରଗଡ଼ ଥାନାରେ ୫ ଘଂଟା ଅଟକ ରଖିଥିବା ବେଳେ ଯେଉଁମାନେ ମାଡ଼ ମାରିଥିଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ପୂର୍ବରୁ ବିଜୁ ଛାତ୍ର ଜନତା ଦଳର କିଛି କର୍ମକର୍ତ୍ତା ଜଣେ ଛାତ୍ରୀକୁ ଦୁର୍ବ୍ୟବହାର କରିଥିଲେ ମଧ୍ୟ ପୋଲିସ୍ କାର୍ଯ୍ୟାନୁଷ୍ଠାନ ନେଲାନାହିଁ। କେବଳ ବିଜେବି କଲେଜ ନୁହେଁ ସାରା ଓଡ଼ିଶାର କଲେଜରେ ଏବଂ ୟୁନିଭରସିଟି ମାନଙ୍କରେ ବିଜୁ ଛାତ୍ର ଜନତା ଦଳ ରାଜ୍ୟ ପ୍ରଶାସନର ସହାୟତାରେ ଆତଙ୍କରାଜ ଚଲାଇଛି। ଛାତ୍ରମାନଙ୍କୁ ଜୋରଜବରଦସ୍ତ ବିଜୁ ଛାତ୍ର ଜନତା ଦଳରେ ଯୋଗଦେବା ପାଇଁ ବାଧ କରାଯାଉଛି। ଯେଉଁମାନେ ରାଜି ହେଉନାହାନ୍ତି ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରୁଛନ୍ତି ଏବଂ ସେମାନଙ୍କ ବିରୋଧରେ ମିଥ୍ୟା କେସ ଲଗାଇ ଗିରଫ କରାଯାଉଛି। ଛାତ୍ର କଂଗ୍ରେସ ବିଜୁ ଜନତା ଦଳର ଆତଙ୍କରାଜକୁ କଲେଜ ଓ ୟୁନିଭରସିଟିକୁ ମୁକ୍ତ କରିବାପାଇଁ ଦାବି କରିଛି। ବିଜେବି କଲେଜରେ ଆତଙ୍କ ରାଜ କରୁଥିବା ବିଜୁଛାତ୍ର ଜନତା ଦଳର ସଭ୍ୟ ଏବଂ ସମର୍ଥକ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ୟାସିର ନୱାଜ କହିଛନ୍ତି।

## ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ

କନ୍ଧମାଳ, ୨୨/୦୭ (ନି.ପ୍ର): ଜିଲା ବରିଷ୍ଠ ନାଗରିକ ସଂଘ କନ୍ଧମାଳ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ୨୦୨୩ ସଭାପତି କମଳାକାନ୍ତ ପାଣ୍ଡେଙ୍କ ସଭାପତିତ୍ୱରେ ବିଜୁସ୍ମୃତି କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସମ୍ପର୍କରେ ଅଶୋକ ପରିଡ଼ା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକମାନେ ଦେଶର ସମ୍ପତି ପରିବାରରେ ବରିଷ୍ଠ ନାଗରିକଙ୍କ ପ୍ରତି ସ୍ନେହ ଶ୍ରଦ୍ଧା କମିଯାଉଛି। ପୁତ୍ରମାନଙ୍କୁ ଅତ୍ୟଧିକ ସ୍ନେହ ଓ ଗୁରୁତ୍ୱ ଦେବା ଫଳରେ ବାପାମାଆ ଓ ଜେଜେବାପା ଜେଜେମା'ମାନଙ୍କୁ ଆବଶ୍ୟକ ସମ୍ମାନ ପ୍ରଦର୍ଶନ କରାଯାଉନାହିଁ। ସମାଜରେ ସାମାଜିକ ସମ୍ପର୍କର ଅଧୋଗତି ହେଉଛି। ବହୁ ସମ୍ଭ୍ରାନ୍ତ ଉଚ୍ଚ ଶିକ୍ଷିତ ପରିବାରରେ ଏଭଳି ଅଧିକ ଘଟୁଛି। ବରିଷ୍ଠମାନେ ନିଜକୁ ନ୍ୟୁନ ମନେନକରି ନିଜର ଆବଶ୍ୟକତାକୁ ଦେଖି ନିଜ ପାଇଁ ଆର୍ଥିକ ଖର୍ଚ୍ଚ କରିବା ସହ ସ୍ୱାସ୍ଥ୍ୟରକ୍ଷା ଦିଗରେ ଯତ୍ନବାନ ହେବା ଆବଶ୍ୟକ। ବରିଷ୍ଠମାନଙ୍କ ନିମନ୍ତେ ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଂଚିତ ନହେବା ଭଳି ପ୍ରଶାସନିକ ସହଯୋଗ ରହିବା ଆବଶ୍ୟକ। ନିଜକୁ କର୍ମତତ୍ପର ରଖିବା ଆବଶ୍ୟକ। ଯେତେ ସମ୍ଭବ ନିଜର ସକ୍ଷମ ମୁତାବକ ଅନ୍ୟକୁ ସାହାଯ୍ୟ କରି ସଂଗଠନ ମାଧ୍ୟମରେ ଗଠନମୂଳକ କାର୍ଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବାକୁ ମଂଚାସୀନ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଫୁଲବାଣୀ ପୌରାଧକ୍ଷା ସ୍ମିତାରାଣୀ ମହାନ୍ତି ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିବାବେଳେ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ ଯତୀଶ କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କ ବିଭିନ୍ନ ସ୍କିମ ବିଷୟରେ ସୂଚନା ଦେଇଥିଲେ।

# ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ କୃତକାର୍ଯ୍ୟ ଓଡ଼ିଶା ପ୍ରାର୍ଥୀଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ଆମେ ଈଶ୍ୱରଙ୍କୁ ଦେଖିନାହୁଁ। କିନ୍ତୁ ଧରାପୃଷ୍ଠରେ ମାତାପିତାଙ୍କ ରୂପରେ ଆମେ ଈଶ୍ୱରଙ୍କୁ ଦେଖିଥାଉ ଓ ନିକଟରେ ମଧ ପାଇଥାଉ। ସେମାନଙ୍କ ସ୍ଥାନ ବାସ୍ତବରେ ଅପୂରଣୀୟ ଓ ମୂଲ୍ୟବାନ୍। ସେମାନଙ୍କ ଆଶୀର୍ବାଦ ଜୀବନକୁ ସାର୍ଥକ ଓ ସଫଳ କରିଥାଏ। ପ୍ରତି ବଦଳରେ ମାତାପିତାଙ୍କ ଇଚ୍ଛାକୁ ସର୍ବଦା ସମ୍ମାନ ଦେବାକୁ ଓ ଏହାକୁ ସାକାର କରିବାରେ ଯେଉଁ ଶାନ୍ତି ଓ ଆତ୍ମସନ୍ତୋଷ ମିଳିଥାଏ ତାହା ପ୍ରକୃତରେ ବର୍ଣ୍ଣନାର ଉର୍ଦ୍ଧ୍ୱରେ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି । ସୋମବାର ରାଜଭବନର ଅଭିଷେକ ହଲ୍‌ଠାରେ ସଂଘ ଲୋକସେବା ଆୟୋଗ (ୟୁପିଏସ୍‌ସି) ଦ୍ୱାରା ୨୦୧୮,୨୦୨୦ ଓ ୨୦୨୧ ବର୍ଷ ପାଇଁ ଅନୁଷ୍ଠିତ ସିଭିଲ୍ ସର୍ଭିସେସ୍ ପରୀକ୍ଷା ଓ ଭାରତୀୟ ବନସେବା ପରି ସର୍ବଭାରତୀୟ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଓଡ଼ିଶାର ପ୍ରାର୍ଥୀମାନଙ୍କ ମାତା ପିତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଉଦ୍ଦେଶ୍ୟରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ରାଜ୍ୟପାଳ ଏହା କହିଥିଲେ। ଶିବାଜୀ ମହାରାଜ ନିଜ ମାତାଙ୍କ ଇଚ୍ଛାକୁ ପୂରଣ କରିବା ପାଇଁ କିପରି ସଂକଳ୍ପ ନେଇ ସଫଳ ହୋଇଥିଲେ ତାହା ବର୍ଣ୍ଣନା କରିବା ସହିତ ବର୍ତମାନ ସମାଜରେ କିଛି ସଫଳ ବ୍ୟକ୍ତିଙ୍କ ଦୃଷ୍ଟାନ୍ତ ଦେଇ ସେମାନେ ନିଜ ମା'ଙ୍କ ଇଚ୍ଛା ପୂରଣରେ ସଂପୂର୍ଣ୍ଣ ବ୍ରତୀ ଅଛନ୍ତି ବୋଲି ସେ କହିଥିଲେ। ସଫଳ ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସେବାରେ ଯେପରି କୌଣସି ଭେଦଭାବ ନ'ରହେ ଓ ନ୍ୟାର୍ଯ୍ୟ ଅଧିକାରରୁ କେହି ଯେପରି ବଂଚିତ ନହୁଅନ୍ତି ତାହାକୁ ସର୍ବଦା ଅଗ୍ରାଧିକାର ଦେବାକୁ ରାଜ୍ୟପାଳ ସେମାନଙ୍କୁ କହିଥିଲେ। ମାତାପିତାଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ପିଲାମାନଙ୍କୁ ସତ୍ୟ ଓ ନ୍ୟାୟ ପଥରେ ରହି କାର୍ଯ୍ୟ କରିବା ପାଇଁ ପ୍ରବର୍ତାଇବାକୁ କହିଥିଲେ। ଈଶ୍ୱର ନିଜର ଉଦ୍ଦେଶ୍ୟ ମାତାପିତାଙ୍କ ମାଧମରେ ସାଧିତ କରାଇଥାନ୍ତି ବୋଲି କହିବା ସହିତ ଏକ ସମୃଦ୍ଧ ରାଷ୍ଟ୍ର ଗଠନରେ ସେମାନଙ୍କର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର କୃତକାର୍ଯ୍ୟ ପ୍ରାର୍ଥୀମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ଚାକିରୀ ଜୀବନରେ ଉତମ ଚରିତ୍ରର ମହତ୍ୱ ଅଧିକ ଯାହା ନିଜକୁ ସଚ୍ଚୋଟ ରଖିବା ସହିତ, ଅନ୍ୟାୟକୁ ପ୍ରଶୟ ନଦେବା ଓ ସମସ୍ୟା ସମାଧାନର କଳା ଓ କୌଶଳ ଆହରଣ କରିବାକୁ ଗୁରୁତ୍ୱ ଦେଇଥାଏ। ଭଲ ଅଫିସର ହେବା ସହିତ ଭଲ ମଣିଷଟିଏ ହେବାକୁ ସେ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟପାଳଙ୍କ ପରିକଳ୍ପନା ଓ ମାର୍ଗ ଦର୍ଶନରେ ଆରମ୍ଭ କରାଯାଇଥିବା ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପ୍ରାର୍ଥୀ ତଥା ସେମାନଙ୍କ ମାତାପିତାଙ୍କୁ ଅଭିଭୂତ କରିପାରିଛି। କରୋନା ଯୋଗୁ ବାଧାପ୍ରାପ୍ତ ହୋଇଥିବା ଏହି କାର୍ଯ୍ୟକ୍ରମ ବିଗତ ତିନୋଟି ବର୍ଷର ସଫଳ ପ୍ରାର୍ଥୀ ଓ ସେମାନଙ୍କ ମାତାପିତାଙ୍କୁ ନେଇ ଆଜି ଆୟୋଜନ କରାଯାଇଥିଲା। ସିଭିଲ ସର୍ଭିସେସ୍ ପରୀକ୍ଷା-୨୦୨୨ର ସଫଳ ପ୍ରାର୍ଥୀଙ୍କୁ ନେଇ ଗତ ଜୁଲାଇ ମାସରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଫଳ ପ୍ରାର୍ଥୀଙ୍କ ମଧ୍ୟରେ ସିଏସଇ-୨୦୧୮ରେ କୃତକାର୍ଯ୍ୟ ହୋଇଥିବା ସୋମାନନ୍ଦ ସାହୁ (ଆଇଆରଏସ୍), ଭାରତୀୟ ବନସେବା୨୦୨୦ ପରୀକ୍ଷାରେ ସଫଳ ହୋଇଥିବା ମହମ୍ମଦ ଫାତାହୁନ ଅଜିଜ୍ ଖାନ୍, ସିଏସ୍‌ଇ-୨୦୨୧ରେ କୃତକାର୍ଯ୍ୟ ହୋଇଥିବା ସମୀର କୁମାର ଜେନା (ଆଇଏଏସ୍), ସିଏସ୍‌ଇ-୨୦୨୧ରେ ସଫଳତା ପାଇ ଆଇଏଏସ୍ ହୋଇଥିବା ଶ୍ରେଷ୍ଠା ଶ୍ରୀ ଓ ଭାରତୀୟ ବନସେବା ଅଧିକାରୀ-୨୦୨୧ କେ. ନାଗରାଜୁ ନିଜ ପିତାମାତାଙ୍କ ସହ ଆସିଥିବାବେଳେ ଅନ୍ୟ ତେରଜଣ ପ୍ରାର୍ଥୀଙ୍କ ମାତାପିତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ବଲଙ୍ଗା କଲେଜ ଚୋରୀ ମାମଲା : ମୁଖ୍ୟ ଅଭିଯୁକ୍ତ ଗିରଫ

ନିମାପଡ଼ା, ୨୨/୦୭ (ନି.ପ୍ର): ଯେଉଁ କଲେଜର ପାଠ ପଢୁଥିଲେ ସେହି କଲେଜରୁ ଚୋରୀ କରି ଜଣେ ଛାତ୍ର ଗିରଫ ହୋଇ ଜେଲ ଯିବା ଘଟଣା ନିମାପଡା ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ବଲଙ୍ଗା କଲେଜରୁ ଚୋରୀ ମାମଲାର ୮ଦିନ ନପୂରୁଣୁ ସୋମବାର ବିଳମ୍ବିତ ରାତିରେ ମାମଲାର ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ପରେ ଏମିତି ଘଟଣା ଏବେ ସାମ୍ନାକୁ ଆସିଛି । ଅଭିଯୁକ୍ତ ଜଣକ ମତଗଜପୁର ଗ୍ରାମର ରାକେଶ ବେହେରା (୧୯) ବଲଙ୍ଗା କଲେଜର ଯୁକ୍ତ ୨ର ଛାତ୍ର ବୋଲି ଜଣାପଡିଛି । ରାକେଶ ନିକଟରୁ ୩ଟି ସିସି କ୍ୟାମେରା,୩ଟି ସିଂଲି ଫ୍ୟାନ ସହ ଏକ ବଡ ଏଲଇଡି ଟିଭିକୁ ଜବତ କରାଯାଇଛି । ଅନ୍ୟ ଅଭିଯୁକ୍ତ ମାନେ ଫେରାର ଥିବାରୁ ଖୁବ ଶିଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ରଶ୍ମିରଂଜନ ପୃଷ୍ଟି କହିଛନ୍ତି । ସୁଚନା ମୁତାବକ ଗତ ୧୬ ତାରିଖ ବିଳମ୍ବିତ ରାତିରେ କେତେକ ଦୁର୍ବୃତ ବଲଙ୍ଗା କଲେଜର ସାମ ଲାବରୋଟେରୀ ରୁମର ତାଲା ଭାଙ୍ଗି ଭିତରେ ପଶି ୨ଟି କମ୍ପ୍ୟୁଟର ସିଷ୍ଟମରେ ପାଣି ଢାଳିଦେବା ସହ ଆଲମିରାକୁ ଭାଙ୍ଗି ସେଥିରେ ଥିବା ଅନେକ ଗୁରୁତ୍ୱ ପୁର୍ଣ୍ଣ କାଗଜପତ୍ରକୁ ନଷ୍ଟ କରିଦେଇଥିଲେ । ସେହିଭଳି ରୁମବାହାରେ ଲାଗିଥିବା ୩ଟି ସିସିଟିଭି କ୍ୟାମେରା ଓ ଭିତରେ ଲାଗିଥିବା ୩ଟି ସିଲିଂ ଫ୍ୟାନକୁ ଚୋରୀ କରିଥିବା ନେଇ କଲେଜ ଅଧକ୍ଷ ପ୍ରଭାତ କୁମାର ସାହୁ ବଲଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ୧୪୭/୨୩ରେ ଏକ ଚୋରୀ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରିରଖିଥିଲେ । ତଦନ୍ତ ସମୟରେ ଦୁର୍ବୃତ ମାନେ ଚୋରୀ କରୁଥିବା ସମୟରେ କିଛି ଦୁର୍ବୃତଙ୍କ ପଛପଟ ଦୃଶ୍ୟ ସିସିଟିଭିରେ ରେକର୍ଡ ହୋଇଯାଇଥିଲା ।

# କଂଗ୍ରେସ ଅନୁସୂଚିତ ଜାତି / ଜନଜାତି ବିଭାଗର ମିଳିତ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଏକ ମିଳିତ କାର୍ଯ୍ୟକାରିଣୀ ବୈଠକ ସୋମବାର ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଅଖିଳ ଭାରତ କଂଗ୍ରେସ କମିଟି (ଏସ୍.ସି.,ଏସ୍.ଟି., ଓ.ବି.ସି ଓ ସଂଖ୍ୟାଲଘୁ) ବିଭାଗର ସଂଯୋଜକ କେ. ରାଜୁ କହିଲେ ଯେ, ଓଡ଼ିଶାର ୧୪୭ ଟି ବିଧାନ ସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ସଂରକ୍ଷିତ ଥିବା ୫୭ ଟି ଅନୁସୂଚୀତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ନେତୃତ୍ୱ ବିକାଶ ମିଶନ ଗଠନ କରାଯାଇଛି। ୩୩ ଗୋଟି କଂଗ୍ରେସ ସାଂଗଠନିକ ଜିଲ୍ଲାର ସଭାପତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ନେତୃତ୍ୱ ବିକାଶ କମିଟି ଗଠନ କରାଯିବା ପାଇଁ ଶ୍ରୀ ରାଜୁ ପ୍ରକାଶ କରିଥିଲେ। ଏହି କମିଟି ଗୁଡ଼ିକ ସଂରକ୍ଷିତ ନିର୍ବାଚନ ମଣ୍ଡଳୀ ଗୁଡ଼ିକରେ ନୂତନ ନେତୃତ୍ୱ ସୃଷ୍ଟି ଏବଂ ଉକ୍ତ ବର୍ଗର କଂଗ୍ରେସ କର୍ମୀ ଓ ନେତାଙ୍କୁ ଦଳରେ ଯେପରି ଅଧିକ ପ୍ରାଧାନ୍ୟ ମିଳିବ ସେ ଦିଗରେ ଶ୍ରୀ ରାଜୁ ଆଲୋକପାତ କରିଥିଲେ। କଂଗ୍ରେସ ସାଂଗଠାନିକ ବ୍ୟବସ୍ଥାରେ ଅନୁସୂଚୀତ ଜାତି ଓ ଜନଜାତି ବର୍ଗର ନେତୃତ୍ୱମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ସହ କେନ୍ଦ୍ରରେ କଂଗ୍ରେସ ସରକାର ଥିବା ସମୟରେ ଏହି ବର୍ଗର ଉଦ୍ଦ୍ୟେଶରେ ଶିକ୍ଷା, ଅର୍ଥନୈତିକ ବିକାଶ ଓ ସାମାଜିକ ସୁରକ୍ଷା ପାଇଁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକୁ ସଂକଳିତ କରି ପ୍ରତ୍ୟେକ ଅନୁସୂଚୀତ ଜାତି ଓ ଜନଜାତି ବର୍ଗର ଭୋଟର ମାନଙ୍କ ପାଖକୁ ଯିବା ପାଇଁ ନେତୃତ୍ୱ ବିକାଶ କମିଟି କାର୍ଯ୍ୟ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଅଖିଳ ଭାରତ କଂଗ୍ରେସ କମିଟି ଅନୁସୂଚୀତ ଜାତି ବିଭାଗ ଅଧ୍ୟକ୍ଷ ରାଜେଶ ଲିଲୋଠିଆ କହିଲେ ଯେ, ଅନୁସୂଚୀତ ଜାତିଙ୍କ ପାଇଁ ସଂରକ୍ଷିତ ଥିବା ୨୪ ଟି ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଚୟନବେଳେ ରାଜ୍ୟ ନିର୍ବାଚନ କମିଟି ପ୍ରକୃତ ନେତୃତ୍ୱ ଆବେଦନକୁ ଉପଯୁକ୍ତ ବିଚାର କରାଯିବାର ଆବଶ୍ୟକତା ବୋଲି କହିଥିଲେ। ଅନୁସୂଚୀତ ଜାତି ଓ ଜନଜାତି ବର୍ଗର ବିଭିନ୍ନ ସମସ୍ୟାର ସମାଧାନ ପାଇଁ କଂଗ୍ରେସ ନେତାମାନେ ଆନ୍ଦୋଳନାତ୍ମକ ପଦକ୍ଷେପ ନେଇ ଏହି ବର୍ଗର ଜନସାଧାରଣଙ୍କ ବିଶ୍ୱାସ ଭାଜନ ହେବା ଦରକାର। ଅଖିଳ ଭାରତ କଂଗ୍ରେସ ଆଦିବାସୀ ବିଭାଗ ଅଧ୍ୟକ୍ଷ ଶିବାଜୀ ରାଓ ମୋଖେ ଆହ୍ୱାନ ଦେଇ କହିଥିଲେ ଯେ ଆଦିବାସୀ ଓ ଦଳୀତ ନେତାମାନଙ୍କୁ ଅନ୍ୟ ନେତା ଓ କର୍ମକର୍ତାମାନେ ଉପଯୁକ୍ତ ସମ୍ମାନ ଦେଲେ ସେମାନଙ୍କ ଅଧିକରୁ ଅଧିକ ଆଗ୍ରହ ପ୍ରକାଶ କରି ଦଳରେ ସାମିଲ ହେବେ ଏବଂ ଦଳରୁ ଅଭିମାନରେ ଚାଲିଯାଇଥିବା ନେତାମାନେ ମଧ ଆଉଥରେ ଆମ ସହ ସାମିଲ ହେବେ। ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନେତୃତ୍ୱ ବିକାଶ ଲକ୍ଷ କାର୍ଯ୍ୟକ୍ରମକୁ ବୁଥସ୍ତର ପର୍ଯ୍ୟନ୍ତ ନିଆଯିବ। ବିଶେଷ କରି ଗ୍ରାମାଂଚଳରେ ଥିବା ଉପରୋକ୍ତ ଭୋଟର ମାନଙ୍କୁ କଂଗ୍ରେସର ତ୍ୟାଗ ଓ ବଳିଦାନ ସଂପର୍କରେ ଅବଗତ କରାଯାଇ କଂଗ୍ରେସ ପ୍ରତି ସେମାନଙ୍କର ମନୋଭାବର ପରିବର୍ତନ କରାଯିବ। ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବିଧାୟକ ଦଳର ନେତା ନରସିଂହ ମିଶ୍ର, ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ସୁଶିଳା ତିରିଆ, ଭୂଜବଳ ମାଝୀ, ଡଃ ରାମଚନ୍ଦ୍ର ଖୁଂଟିଆ, ଅନନ୍ତ ସେଠୀ, ନକୁଳ ନାୟକ, ତାରାବାହିନୀ ପତି, ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।

# ଆନ୍ଧ୍ର-ଓଡ଼ିଶା ସୀମାରେ ମହାବଳ: ଭିଡିଓ ଭାଇରାଲ ପରେ ଆତଙ୍କ



ଗୁଣପୁର, ୨୨/୦୭ (ନି.ପ୍ର): ଓଡ଼ିଶା-ଆନ୍ଧ୍ର ସୀମା ତଥା ଗୁଣପୁର ବ୍ଲକ୍‌ରୁ ଅଳ୍ପ ଦୂରରେ ଗୋଟିଏ ମହାବଳ ବାଘ ବୁଲୁଥିବା ଭିଡିଓ ଭାଇରାଲ ହୋଇଛି। ଆନ୍ଧ୍ରର ଶ୍ରୀକାକୁଲମ ଜିଲ୍ଲା ଭାମିନି ମଣ୍ଡଳରେ ଏହି ମହାବଳ ବାଘ ଚଳପ୍ରଚଳ କରୁଥିବା କୁହାଯାଉଛି। ଯାହାକୁ ଆନ୍ଧ୍ରର ବନ ବିଭାଗ ଅଧିକାରୀ ମଧ ସ୍ପଷ୍ଟ କରିଛନ୍ତି। ଭାଇରାଲ ଭିଡିଓରେ ଗୋଟିଏ ବୟସ୍କ ମହାବଳ ବାଘ ହଠାତ ରାସ୍ତା ଉପରକୁ ଚାଲି ଆସିବା ସହ କିଛି ଦୂର ଅତିକ୍ରମ କରି ଗୋଟିଏ ପୋଲ ତଳକୁ ଚାଲିଯାଉଛି। ଆନ୍ଧ୍ର ତଥା ଓଡ଼ିଶାର ବିଭିନ୍ନ ସାମାଜିକ ଗଣମାଧମରେ ଏହି ୯ସେକେଣ୍ଡର ଭିଡିଓ ଭାଇରାଲ ହେବା ପରେ ଆତଙ୍କ ସୃଷ୍ଟି ହୋଇଛି। ଅନ୍ୟପଟେ ବାଘ ଚଳପ୍ରଚଳ ଖବର ମିଳିବାମାତ୍ରେ ଶ୍ରୀକାକୁଳମ ବନ ବିଭାଗ କର୍ମଚାରୀ ଉକ୍ତ ଅଞ୍ଚଳରେ ପହଞ୍ଚିଥିଲେ। ସମ୍ଭାବ୍ୟ ସ୍ଥାନରେ ସନ୍ଧାନ ମଧ କରିଥିଲେ। ଆଖପାଖ ଗ୍ରାମବାସୀଙ୍କୁ ପଚାରିବାରୁ ବାଘକୁ କେହି ଦେଖିନଥିବା କହିଥିଲେ। କିନ୍ତୁ କିଛି ସ୍ଥାନରେ ବାଘର ପାଦଚିହ୍ନ ବନ ବିଭାଗ କର୍ମଚାରୀ ସ୍ପଷ୍ଟ ରୂପେ ଦେଖିଥିଲେ। ଏହାପରେ ସତର୍କତା ମୂଳକ ପଦକ୍ଷେପ ନିଆଯାଇଛି। ଗ୍ରାମବାସୀଙ୍କୁ ଜଙ୍ଗଲ ମଧକୁ ନଯିବା ପାଇଁ ଭାମିନି ମଣ୍ଡଳ ତହସିଲଦାର ସତର୍କ କରିଛନ୍ତି। ସେହିପରି ଗୃହପାଳିତ ପଶୁଙ୍କୁ ଜଙ୍ଗଲ ନଛାଡ଼ିବାକୁ ପରାମର୍ଶ ଦିଆଯାଇଥିବା ଭାମିନି ମଣ୍ଡଳ ଫରେଷ୍ଟର ରାମା ରାଓ କହିଛନ୍ତି। ବିଭିନ୍ନ ଗାଁରେ ବାରମ୍ବାର ପ୍ରଚାର କରି ଲୋକଙ୍କୁ ସଚେତନ କରାଯାଇଛି ବୋଲି ମଧ ଜଣାଇଛନ୍ତି। ଏ ନେଇ ଗୁଣପୁର ଡେପୁଟି ରେଞ୍ଜର ନୀଳମାଧବ ପାଢ଼ୀଙ୍କୁ ଯୋଗାଯୋଗ କରିବାରୁ ଆନ୍ଧ୍ରରେ ମହାବଳ ବାଘ ଚଳପ୍ରଚଳ ଭିଡିଓ ଭାଇରାଲ ହୋଇଛି। କିନ୍ତୁ ଓଡ଼ିଶାରେ ଭୟର କୌଣସି କାରଣ ନାହିଁ।

# ଫିଲ୍ମ ଦେଖି ଗୁପ୍ତଚର ହେବାକୁ ଇଚ୍ଛା ରଖିଥିଲେ ପୁଟିନ୍

ରଷର ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ପିଲାଟି ଦିନରୁ ହିଁ ଦେଶର ଗୁଇନ୍ଦା ଏଜେନ୍ସି କେଜିବିର ଗୁପ୍ତଚର ହେବାକୁ ଚାହୁଁଥିଲେ। ପ୍ରଥମ ଥର କୌଣସି ସାକ୍ଷାତକାରରେ ପୁଟିନ୍ ନା କେବଳ ରାଜନୈତିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ କଥା ହୋଇଥିଲେ। ବରଂ ନିଜ ପରିବାର, ପିଲାଦିନ ଓ ସଉକ ବିଷୟରେ କଥାବାର୍ତ୍ତା କରିଥିଲେ। ପୁଟିନ୍ ନିଜର ବ୍ୟକ୍ତିଗତ ଜୀବନ ବିଷୟରେ ସର୍ବସାଧାରରେ ବହୁତ କାମ ହିଁ କହିଥାନ୍ତି। ଆମେରିକୀୟ ଫିଲ୍ମ ନିର୍ଦ୍ଦେଶକ ତଥା ପଟ୍ଟକଥା ଲେଖକ ଆଲିଭର ଷ୍ଟୋନଙ୍କୁ ଦେଇଥିବା ଏହି ସାକ୍ଷାତକାରରେ ପୁଟିନ୍ ଗୁପ୍ତଚର ଥିବା ସମୟରେ କଥା ମଧ୍ୟ କହିଥିଲେ। ସେତେବେଳେ ସେ କେଜିବି ପାଇଁ ଅଣ୍ଡରକଭର ଏଜେ[ ଭାବେ କାମ କରୁଥିଲେ।



ପୁଟିନ୍ କହିଛନ୍ତି, ଫିଲ୍ମ ଦେଖି ତାଙ୍କ ଭିତରେ ଗୁପ୍ତଚର ହେବାକୁ ଇଚ୍ଛା ଜାଗ୍ରତ ହୋଇଥିଲା। ଉଲ୍ଲେଖନୀୟ ଯେ ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ ପୁଟିନ୍ ଜଣେ ଅଣ୍ଡରକଭର ଗୁପ୍ତଚର ଥିଲେ। ଇଚ୍ଛାଥିଲା। ସେଥିପାଇଁ ସେ ଲ' କରିଥିଲେ। ସେ କହିଛନ୍ତି ଥରେ ସ୍କୁଲରେ ପଢ଼ିବା ସମୟରେ ଏକୁଟିଆ ସାହସ କରି ସେ କେଜିବି ଅଫିସରେ ପହଂଚିଯାଇଥିଲେ। ସେତେବେଳେ ଏହା ଲେନିନପଗ୍ରାଡ଼ (ସେ[ପିଟର୍ସବର୍ଗ)ରେ ଥିଲା। ସେଠାରେ ସେ ଅଧିକାରୀଙ୍କୁ ପଚାରିଥିଲେ ଯେ କେଜିବିରେ ସାମିଲ ହେବାକୁ କ'ଣ କ'ଣ ଆବଶ୍ୟକ ରହିଥାଏ। ସେମାନେ କହିଥିଲେ ଯେ, ଉଚ୍ଚଶିକ୍ଷା ସହିତ ଲ' ପଢ଼ିଥିବା ଆବଶ୍ୟକ। ଏହାପରେ ପୁଟିନ୍ ଯେତେବେଳେ ଲ' ଶେଷ କଲେ ତାଙ୍କ ସହିତ କେଜିବି ନିଜ ପକ୍ଷରୁ ସମ୍ପର୍କ କରି ଚାକିରିର ପ୍ରସ୍ତାବ ଦେଇଥିଲା।



ସୋଭିଏତ ରୁଷର ପତନ ପରେ ସେ ଲେଫ୍ଟନାଂଟ ପଦରେ ଥିବାବେଳେ କେଜିବିରୁ ଅବସର ନେଇଥିଲେ। ଏହାପରେ ୯୦ ଦଶକରେ ସେ ପୁଣି ଥରେ ଏଫଏସ୍‌ବିର ମୁଖ୍ୟ ଭାବେ କାମ କରିଥିଲେ। କେଜିବି ଭଙ୍ଗ ହେବାପରେ ରୁଷ୍ ଏଫ୍‌ଏସବିକୁ ଗୁଇନ୍ଦା ସଂସ୍ଥା ଭାବେ ପ୍ରତିଷ୍ଠା କରିଥିଲା। ରୁଷିୟାନ ଟାଇମ୍ସ ଅନୁଯାୟୀ, ପୁଟିନ୍ କହିଛନ୍ତି, ୧୯୭୫ରେ ସେ କେଜିବି ସହିତ ଯୋଡ଼ି ହୋଇଥିଲେ। କେଜିବି ସହ କାମ କରିବା ତାଙ୍କର ପିଲାଦିନର

ପୁଟିନ୍ ତାଙ୍କ ପରିବାର ବିଷୟରେ ବି ଏହି ସାକ୍ଷାତକାରରେ କହିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କ ଭାଇ ଭିକ୍ଟର ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲା। ସେତେବେଳେ ପୁଟିନଙ୍କର ଜନ୍ମ ହୋଇନଥିଲା। ସବୁଆଡ଼େ ଅଶାନ୍ତ ପରିବେଶ ଥିଲା। ଭିକ୍ଟରକୁ ସେତେବେଳେ ୩ବର୍ଷ ବି ହୋଇ ନଥିଲା। ସେତେବେଳେ ସୋଭିଏତ ସେନାବାହିନୀ ଅସୁସ୍ଥ ଶିଶୁଙ୍କର ଦେଖାଶୁଣା କରୁଥିଲେ। କିନ୍ତୁ ପୁଟିନଙ୍କ ଭାଇର ମୃତ୍ୟୁପରେ ତାକୁ କେଉଁଠାରେ କବର ଦେଲେ ସେ ବିଷୟରେ ତାଙ୍କୁ କେଉଁଠାରେ କିଛି ଜଣା ନଥିଲେ। କିଛି ବର୍ଷ ତଳେ ପୁଟିନ ପୁରୁଣା ରେକର୍ଡ଼ ଦେଖିଥିଲେ ଓ ତାଙ୍କ ଭାଇକୁ ପୋତା ଯାଇଥିବା କବରସ୍ଥଳୀ ବିଷୟରେ ଜାଣିବାକୁ ପାଇଥିଲେ। ଗତ ବର୍ଷ ସେଠାକୁ ସେ ପ୍ରଥମଥର କରି ବୁଲି ଯାଇଥିଲେ। ପୁଟିନଙ୍କ ବାପା ବି ସୋଭିଏତର ଗୁଇନ୍ଦା ଶାଖାରେ କାମ କରୁଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ତାଙ୍କୁ ସବୁଠୁ ବିପଦପୂର୍ଣ୍ଣ ସ୍ଥାନରେ ପୋଷ୍ଟିଂ ଦିଆଯାଇଥିଲା। ପୁଟିନ କହିଛନ୍ତି ୧୯୯୯ରେ ସେ ଯେତେବେଳ ପ୍ରଥମଥ ପାଇଁ ପ୍ରଧାନମନ୍ତ୍ରୀ ହେଲେ ତା'ର କିଛି ସମୟ ପୂର୍ବରୁ ତାଙ୍କ ବାପାଙ୍କର ପରଲୋକ ଘଟିଥିଲା। କିନ୍ତୁ ତାଙ୍କ ବାପାଙ୍କର ବିଶ୍ୱାସ ଥିଲା ଯେ ସେ ଦିନେନା ଦିନେ ରୁଷ୍‌ର ରାଷ୍ଟ୍ରପତି ହେବେ ବୋଲି।

ପୁଟିନଙ୍କୁ ଖେଳକୁଦ ଭାରି ପସନ୍ଦ। ସେ ୬୦ବର୍ଷ ବୟସରେ ପ୍ରଥମ ଥର ହକି ଖେଳିବା ଶିଖିଥିଲେ। ୨୦୧୫ରେ ସେ ଆଇସ ହକି ଖେଳି ତାଙ୍କ ୬୩ ତମ ଜନ୍ମଦିନ ପାଇଥିଲେ। ଏହାବ୍ୟତୀତ ସ୍କେଟିଂ, ସମୁଦ୍ରରେ ଡାଇଭିଂ ଆଦି ତାଙ୍କର ପ୍ରିୟ।

# କୁମ୍ଭକର୍ଣ୍ଣ ସହର



ମଜାକ- ମସ୍ତିରେ ଆମେ ସବୁବେଳେ କହିଥାଉ ଶୋଇବା ହେଉଛି ଦୁନିଆର ସବୁଠୁ ସହଜ ଓ ଆରାମଦାୟୀ କାମ। ଯଦି ସୁଯୋଗ ମିଳେ ତ ଆମେ ସବୁକିଛୀ ଛାଡ଼ି କି କେବଳ ଶୋଇବାକୁ ପସନ୍ଦ କରିବୁ। କିନ୍ତୁ ଭାବନ୍ତୁ ଏମିତି ଏକ ଜୀବନ ବିତାଇବାକୁ ହେବ ଯେଉଁଠି ଆପଣଙ୍କୁ ସବୁ ସମୟରେ କେବଳ ଶୋଇବାକୁ ପଡ଼ିବ। ମିଳିଥିବା ସୂଚନା ମୁତାବକ, ଉତରୀ କାଜାକିସ୍ତାନରେ କଲାଚୀ ନାମକ ଏକ ଗାଁରେ ଅଧିକାଂଶ ଲୋକ ସବୁ ସମୟରେ ଶୋଇ ରହିଥାନ୍ତି। ଏହା କୌଣସି ମଜାକ ନୁହେଁ କି ଲୋକଙ୍କର ସଉକ ନୁହେଁ। ଗତ ୪ବର୍ଷଧରି ଏହି ଅଜଣା ରୋଗ ଗ୍ରାମବାସୀଙ୍କୁ ଜାବୁଡ଼ି ଧରିଛି। ୬୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମରେ ପ୍ରାୟ ୧୪ ପ୍ରତିଶତ ଲୋକ ଏହି ରୋଗରେ ଶିକାର ହେଉଥିବାବେଳେ ସବୁଠୁ ଅଧିକ ଶିଶୁମାନେ ପ୍ରଭାବିତ ହେଉଛନ୍ତି। ଡାକ୍ତରମାନେ ଏହି ଶୋଇବା ରୋଗକୁ ମହାମାରୀର ନାଁ ଦେଇଛନ୍ତି। କିନ୍ତୁ ଏହି ରୋଗର କାରଣ ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ସେଠାକାର ଲୋକଙ୍କ କହିବାନୁସାରେ, ଏହି ରୋଗର ପୀଡ଼ିତ ଲୋକ କେବେ ବି ହୋସରେ ରୁହନ୍ତି ନାହିଁ।

# ଗାଜର, ବ୍ରୋକଲି ଏବଂ ବିଲାତି ବାଇଗଣ ଖାଇ ଏଡ଼େଇ ଦେଇ ହେବ ଏହି ରୋଗ

ହୃଦ୍‌ରୋଗ ଆଜିକାଲିକା ସମୟ ପାଇଁ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ପିଲାରୁ ନେଇ ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ଏବେ ଏହି ରୋଗ ଦେଖିବାକୁ ମିଳୁଛି। ଦୂଷିତ ପରିବେଶ ଓ ବିଷାକ୍ତ ଖାଦ୍ୟ ଏହାର ମୁଖ୍ୟ କାରଣ। ଆମେ ସୁସ୍ଥକର ଖାଦ୍ୟ ଖାଇଲେ ଏହି ସମସ୍ୟାକୁ ଏଡ଼େଇ ଦେଇ ପାରିବା। ତେବେ, ଚାଲନ୍ତୁ ଜାଣିବା କେଉଁ ସବୁ ଖାଦ୍ୟ ଖାଇଲେ ଆମେ ହୃଦ୍ ରୋଗରୁ ମୁକ୍ତି ପାଇପାରିବା।

: ଗାଜର ଖାଇବା ହୃତ୍‌ପିଣ୍ଡ ପାଇଁ ଖୁବ୍ ଭଲ ହୋଇଥାଏ। ଏଥିରେ ପ୍ରଚୁର ପରିମାଣର କ୍ୟାରୋଟିନଏଡ୍‌ସ୍ ଥାଏ। ଏଥିରେ ଥିବା ଶକ୍ତିଶାଳୀ ଆଣ୍ଟି ଅକ୍ସିଡାଣ୍ଟ୍ ହୃଦ୍ ରୋଗୀଙ୍କ ପାଇଁ ଖୁବ୍ ଭଲ ହୋଇଥାଏ।

: ବିଲାତି ବାଇଗଣ ଖାଇବା ମଧ୍ୟ ଖୁବ୍ ଉପକାରୀ। ଏଥିରେ ଥିବା ଲାଇକୋଫିନ୍ ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ। କଞ୍ଚା ବିଲାତି ବାଇଗଣ ଖାଇବା ବି ଖୁବ୍ ଭଲ।

: ବ୍ରୋକୋଲି ଏକ ଖୁବ୍ ଭଲ ପରିବା। ଏଥିରେ



ଥିବା ଭିଟାମିନ୍ ସି ହୃଦ୍ ରୋଗ ଦମନ କରିବା ପାଇଁ ଯଥେଷ୍ଟ।

: ଯେତେ ପାରୁଛନ୍ତି ବିଭିନ୍ନ ପ୍ରକାରର ଶାଗ ଖାଆନ୍ତୁ। ଏହା କେବେଳ ହୃଦ୍ ରୋଗ ନୁହେଁ, ଆହୁରି ଅନେକ ପ୍ରକାର ରୋଗକୁ ଭଲ କରିଥାଏ।

: ପିଆଜ ଓ ରସୁଣ ବି ହୃଦ୍ ରୋଗୀଙ୍କ ପାଇଁ ଭଲ ହୋଇଥାଏ। ଆପଣଙ୍କ ହୃଦ୍ ସମସ୍ୟା ଥିଲେ ଏହାକୁ ଭକ୍ଷଣ କରିପାରିବେ।

: ଆଳୁରେ ପ୍ରଚୁର ପରିମାଣର ପଟାସିୟମ ଅଛି। ତେଣୁ ଆଳୁ ଖାଇବା ଦ୍ୱାରା ହୃଦ୍ ରୋଗ ସହ ରକ୍ତ ଚାପ ବି ନିୟନ୍ତ୍ରଣରେ ରହିଥାଏ।

# ଅଫିସରେ ବି କରିପାରିବେ ଯୋଗ

ଅଫିସରେ ବସିବସି କାମ କରି ଥକି ପଡୁଛନ୍ତି କି? ଚେୟାରରେ ବସି ବସି ଆପଣଙ୍କ ଗୋଡ଼ ବିନ୍ଧାବିନ୍ଧି କରୁଛି କି? କିଛି ଘଂଟା କାମ କରିବା ପରେ ଥକ୍କା ଲାଗୁଛି କି? ଯଦି ଆପଣଙ୍କୁ ପ୍ରତିଦିନ ୮/୧୦ ଘଂଟା ଅଫିସରେ ଚେୟାରରେ ବସିବସି କାଟିବାକୁ ପଡୁଛି, ତାହେଲେ ଯୋଗାସନ ଆପଣଙ୍କ ପାଇଁ ଲାଭଦାୟକ ହେବ।

ଏମିତିକିଛି ଆସନ ଅଛି ଯାହାକୁ ଆପଣ ନିଜ ସିଟରେ ବସି କରିପାରିବେ। ଏଥିପାଇଁ ବେଶୀ ସ୍ଥାନରେ ଆବଶ୍ୟକତା ନାହିଁ। ଏହାଦ୍ୱାରା ଆପଣଙ୍କୁ ପୂର୍ବରୁ ହେଉଥିବା ସମସ୍ୟାରୁ ମୁକ୍ତି ମିଳିପାରିବ। ଅଫିସରେ କାମ କରିବା ସମୟରେ ବେକ, କାନ୍ଧ, କହୁଣୀ, ହାତ, କମର, ଆଣ୍ଠୁ, ପଞ୍ଝା ଆଦିକୁ ଦୁଇଥର ଲେଖାଏଁ ବାମରୁ ଡାହାଣ ଓ ଡାହାଣରୁ ବାମକୁ ବୁଲାନ୍ତୁ। ନିଜ ସିଟରେ ଛିଡ଼ା ହୋଇ ତାଡ଼ାସନ କରନ୍ତୁ।

# ଗୋଟିଏ ଗଛରେ ୪୦ ପ୍ରକାର ଫଳ



ଗୋଟିଏ ଗଛରୁ ଫଳୁଛି ୪୦ ପ୍ରକାରର ଫଳ ଆଜ୍ଞା ହଁ, ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏହା ହିଁ ସତ। ଆମ ଧରାପୃଷ୍ଠରେ ପ୍ରକୃତରେ ଏମିତି ଏକ ଗଛ ଅଛି ଯେଉଁଥିରେ ୪୦ ପ୍ରକାରର ଫଳ ଫଳିଥାଏ। ଏପରି ଏକ ଚମତ୍କାର ପ୍ରକୃତି ବା କୌଣସି ବୈଜ୍ଞାନିକ କରିନାହାନ୍ତି ବରଂ ଜଣେ କଳାକାର କରି ଦେଖାଇଛନ୍ତି। ଆମେରିକାର ନ୍ୟୁୟର୍କରେ ରହୁଥିବା ସେନ୍ ବାନ ଅକେନ ନାମକ ଭିଜୁଆଲ ଆର୍ଟିଷ୍ଟ କିଛି ବର୍ଷଧରି ଖୁବ ପରିଶ୍ରମ କରି ଏପରି ଏକ ଗଛ ବନାଇଛନ୍ତି। ଏହା ରହସ୍ୟମୟୀ ଗଛରୁ ପିଚ୍‌ଫଳ, ଚେରି, ବାଦାମ, କୋଳି ଜାତୀୟ ଅନେକ ଫଳ ଫଳିଥାଏ। କଲମୀକରଣ ପଦ୍ଧତିରେ ବିଭିନ୍ନ ପ୍ରକାର ଗଛର ଡାଳକୁ ବ୍ୟବହାର କରି ଏପରି ଏକ ବିଚିତ୍ର ଗଛର ଉଦ୍ଭାବନ କରିଛନ୍ତି। ଏହି ପଦ୍ଧତିକୁ କାର୍ଯ୍ୟକାରୀ କରାଇବା ସମୟରେ ସେ ଫଳ ବିଶେଷଜ୍ଞଙ୍କ ସାହାଯ୍ୟ ନେଇଥିଲେ।। ବର୍ଷବର୍ଷ ଧରି ସେନଙ୍କର କଠିନ ପରିଶ୍ରମର ଫଳ କେବଳ ମିଠା ନଥିଲା ଖୁବ ସୁନ୍ଦର ମଧ୍ୟଥିଲା। ଆମେରିକାରେ ୨୦୧୪ ମସିହାରେ ସେନ ଏପରି ୧୬ଟି ରହସ୍ୟମୟୀ ଲଗାଇଛନ୍ତି।

# ଶୋଇବା ଘରେ ରାକୁନ୍, ପଢ଼ାଘରେ ସାପ !

ଇଂଲଣ୍ଡର ଲିଡ୍‌ସ ଅନ୍ତର୍ଗତ ମର୍ଲେୟର ସ୍ଥାୟୀ ବାସିନ୍ଦା ଆଲାନ ଓ ହିଥର ହେଓ୍ୱିଟ୍ ହେଉଚନ୍ତି ନିଆରା ପ୍ରାଣୀପ୍ରେମୀ। ସେମାନେ ନିଜର ତିନି ସନ୍ତାନ ଆବିଗେଲ, ଗ୍ରେସ ଓ ଏଡ଼ଓ୍ୱାର୍ଡ଼ଙ୍କ ସହ ମୋଟ ଅଶୀଟି ପ୍ରାଣୀଙ୍କ ଦାୟିତ୍ୱ ନେଇଛନ୍ତି। ହେଓ୍ୱିଟ ପରିବାର ଦ୍ୱାରା ଲାଳିତ ପାଳିତ ହେଉଛନ୍ତି କୋଡ଼ିଏଟି ସାପ, ପନ୍ଦରଟି ଅନ୍ୟ ସରୀସୃପ, ପଚିଶଟି ସ୍ତନ୍ୟପାୟୀ ପ୍ରାଣୀ, ଦଶଟି ପକ୍ଷୀ ଏବଂ ଦଶଟି ଅମେରୁଦଣ୍ଡି ପ୍ରାଣୀ। ସେମାନଙ୍କ ଘରେ ଅଛନ୍ତି ଦୁଇଟି ପ୍ରକାଣ୍ଡ ଗୋଧି, ଛଅଟି ଡ୍ରାଗନ, ଚାରିଟି ବୋଡ଼ା, ଦୁଇଟି ଅଜଗର, ଦୁଇଟି କଇଁଛ, ଚାରିଟି ବିଷାକ୍ତ ତାରାନତୁଲା ବୁଢ଼ିଆଣୀ, ଗୋଟିଏ ଧୂସର ଶୁଆ, ଦୁଇଟି ମିରକଟ, ଦୁଇଟି ରାକୁନ ଏବଂ ଗୋଟିଏ ସ୍କଙ୍କ୍। ସରୀସୃପତକ ପଢ଼ାଘରେ। ସ୍ତନ୍ୟପାୟୀ ପ୍ରାଣୀଗୁଡ଼ିକୁ ହତାରେ ଥିବା ବ୍ୟାୟାମଶାଳାରେ ରଖିଛନ୍ତି। ସେମାନେ ରଖିଥିବା ପ୍ରାଣୀଙ୍କ ମଧ୍ୟରୁ କେତେକ କେତେକଙ୍କର ଖାଦ୍ୟ, ତେଣୁ ରହିବା ପାଇଁ ଅଲଗା ବ୍ୟବସ୍ଥା। ପୁଲିସ ସୂତ୍ରରୁ ସେମାନେ ଜନ୍ତୁଗୁଡ଼ିକୁ ପାଇଥିବା ପ୍ରକାଶ।

# ନିଷ୍ଠୁର ମାଆ

ବିଶ୍ୱର ସବୁଠାରୁ ନିବିଡ଼ ସଂପର୍କ ମା' ଓ ସନ୍ତାନର ସଂପର୍କ। ସନ୍ତାନର ଛୋଟରୁ ଛୋଟ ଆହତରେ ମର୍ମାହତ ହୋଇପଡୁଥିବା ମଣିଷ ଜଣକ ହେଲେ ମା'। କିନ୍ତୁ ମାର ମମତାହୀନ ରୂପକୁ ଦେଖିଲେ ଆପଣ ବି କହିବେ ଏ ମା ନା ରାକ୍ଷସୀ। ଏଚସ୍କିନେରେ ବାସ କରୁଥିବା କୋର୍ଟନେ ଷ୍ଟେଓ୍ୱାର୍ଟ(୨୧) ସୋସିଆଲ ସାଇଟରେ ନପିଜ ଝିଅ କାଲେବଙ୍କର ଏକ ଫଟୋ ସେୟାର କରିଥିଲେ। ଯେଉଁଥିରେ କାଲେବ ଓ୍ୱାସିଙ୍ଗ ମେସିନ ଭିତରେ ବସି କାନ୍ଦୁଥିବାର ଫଟୋ ଭାଇରାଲ ହୋଇଯାଇଛି। ଏହି ଫଟୋ ଦେଖିବାପରେ



ଦେଖଣାହାରୀ କୋର୍ଟନେଙ୍କୁ ତିରଷ୍କାର କରିଛନ୍ତି। ପୋଲିସ ଏହାର ତଦନ୍ତ କରିବା ପରେ ସେ ନିଜ ଦୋଷକୁ ସ୍ୱୀକାର କରି କ୍ଷମା ପ୍ରାର୍ଥନା କରିଛନ୍ତି।

# କୃତ୍ରିମ ଅଙ୍ଗ ଖଞ୍ଜା ରୋବୋଟ୍

ଲଣ୍ଡନର ଏକ ରୋବୋଟ୍ ନିର୍ମାତା କମ୍ପାନିରେ ବୈଷୟିକ କାରିଗରମାନେ ପ୍ରଥମଥରପାଇଁ ମଣିଷର କୃତ୍ରିମ ଅଙ୍ଗ ଖଂଜି ରୋବୋଟ ବିକଶିତ କରିଛନ୍ତି। ବାୟୋନିକ ମ୍ୟାନ ଭାବେ ଏହା ନାମିତ। ଲମ୍ବ ଛଅ ଫୁଟଣ୍ ଏବଂ ଓଜନ ସତୁରି କିଲୋଗ୍ରାମ। ସିନ୍ଥେଟିକରେ ନିର୍ମିତ ଅଠେଇଶଟି ମଣିଷ ଅଙ୍ଗ ଏଥିରେ ଲାଗଥିବା ପ୍ରକାଶ। ନିର୍ମାଣରେ ଖର୍ଚ୍ଚ ହୋଇଛି ଏକ ନିୟୁତ ଡଲାର। ନେସନାଲଏଆରଆଣ୍ଡ ସ୍ପେସ ମିଉଜିଅମରେ ସେଇଟି ପ୍ରଦର୍ଶିତ ହେଉଛି।



# ମଧୁମେହ ପାଇଁ ଜାମୁକୋଳି ମଞ୍ଜି

ଆମେ ସାଧାରଣତଃ ଜାମୁକୋଳି ଖାଇସାରିବା ପରେ ଏହାର ମଞ୍ଜି ଫିଙ୍ଗି ଦେଇଥାଉ। କିନ୍ତୁ ଏହି ମଞ୍ଜିର ବହୁତ ଉପକାରିତା ରହିଛି। ଆୟୁର୍ବେଦ ଅନୁଯାୟୀ ଜାମୁକୋଳିର ମଞ୍ଜି ମଧୁମେହ ରୋଗୀଙ୍କ ପାଇଁ ଖୁବ୍ ଉପକାରୀ ହୋଇଥାଏ। ଜାମୁକୋଳିର ମଞ୍ଜିକୁ ଖରାରେ ଶୁଖାଇ ତା'ର ପାଉଡ଼ର ତିଆରି କରନ୍ତୁ। ସିଫନ୍ କିମ୍ୱା ଜର୍ଜେଟ କପଡ଼ାରେ ବାନ୍ଧି ଖରାରେ ଶୁଖାନ୍ତୁ। ଶୁଖିଗଲା ପରେ ଏହାକୁ ଗୁଣ୍ଡ କରିଦିଅନ୍ତୁ। ଏହି ଗୁଣ୍ଡକୁ ପ୍ରତିଦିନ ସକାଳେ ଖାଲି ପେଟରେ ପାଣି ସହିତ ଖୁଆନ୍ତୁ। ଏହାଦ୍ୱାରା ମଧୁମେହ ରୋଗୀଙ୍କ ସୁଗାର ନିୟନ୍ତ୍ରଣରେ ରହିଥାଏ। ଆୟୁର୍ବେଦିକ ଔଷଧର କୌଣସି ପାର୍ଶ୍ୱପ୍ରତିକ୍ରିୟା ନଥାଏ। ତଥାପି ଜଣେ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶରେ ଏହି ଔଷଧ ନିଅନ୍ତୁ।

# ସ୍ମାର୍ଟଫୋନରେ ଜଳିବ ମହମବତି

ବଜାରକୁ ଏବେ ଅନେକ ପ୍ରକାରର ବଲବ ଏବଂ ଏଲଇଡି ଲାଇଟ ଆସିବା ପରେ ବି ମହମବତୀର ଆକର୍ଷଣ କିଛି କମ ହୋଇନାହିଁ। ଏବେ ଆମେରିକାରେ ଏକ କମ୍ପାନୀ ମହମବତିକୁ ଆହୁରି ସ୍ମାର୍ଟ କରିଦେଇଛି। ଲୁଡେଲା ନାମକ ଏହି କମ୍ପାନୀ ମହମବତିକୁ ସ୍ମାର୍ଟଫୋନ ସାହାଯ୍ୟରେ ପ୍ରଜ୍ୱଳନ କରିବା ଏବଂ ଲିଭେଇବାର ଟେକ୍ନିକ ବିକଶିତ କରିଛି। କମ୍ପାନୀ ମହମବତିକୁ ଖାସ ପ୍ରକାରର ସ୍ମାର୍ଟ କଭରରେ ପ୍ରସ୍ତୁତ କରିଛି। ଏହି ସ୍ମାର୍ଟ କଭର ଏକ ଆପ ଜରିଆରେ ମହମବତିକୁ ଆପଣଙ୍କ ସ୍ମାର୍ଟଫୋନ ସହିତ ଯୋଡ଼ିଥାଏ। କଭରରେ ବ୍ୟାଟେରୀ ବି ଲାଗିରହିଥାଏ। ଯାହା ସ୍ମାର୍ଟଫୋନର ଇସାରା ପାଇବା ମାତ୍ରେ ହିଁ ମହମବତୀକୁ ଜଳେଇଥାଏ। ଏବଂ ଲିଭେଇ ଦେଇତଣଏ। ଯଦି କୌଣସି କାରଣବଶତଃ ମହମବତୀ ହଲିଯାଏ କିମ୍ୱା ତଳେ ପଡ଼ିଥାଏ ତେବେ ଏପରି ସ୍ଥିତିରେ ଏହାର ସଫ୍ଟେ ଫିଚର ଅଗ୍ନିକୁ ପୁଣି ଲଗେଇ ଦେଇଥାଏ। ଏତିକି ହିଁ ନୁହେଁ, ଲୋକଙ୍କ ପାଖରେ ପହଂଚେଇବାରେ ବି ପ୍ରକ୍ସିମିଟି ସେନ୍ସର ଏହି ମହମବତିକୁ ଲିଭେଇଦେଇଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଂକଟରେ ଜଳବାୟୁ ...

ସରକାରୀ ହିସାବ ଅନୁସାରେ ବର୍ଷା ଋତୁ ଭାରତରେ ଆରମ୍ଭ ହୋଇଥାଏ ଜୁନ୍ ମାସରୁ ଆଉ ଶେଷ ହୋଇଥାଏ ସେପ୍ଟେମ୍ବରରେ, ଯଦିଓ ଅକ୍ଟୋବର, ନଭେମ୍ବର ମାସ ପର୍ଯ୍ୟନ୍ତ କେବେ କେମିତି ଏହା ଲମ୍ବିଥାଏ । ଏବେ ଅଗଷ୍ଟ ମାସର ତୃତୀୟ ସପ୍ତାହରେ ବର୍ଷା ଋତୁ ପ୍ରବେଶ କରିଥିବା ବେଳେ ଦେଶର ସବୁ ଭାଗରେ ଯେ ବିକ୍ଷିପ୍ତ ଭାବରେ ଆବଶ୍ୟକୀୟ ପରିମାଣର ବର୍ଷା ହୋଇଛି, ତାହା କୁହାଯାଇ ପାରିବ ନାହିଁ । କେତେକ ଭାଗରେ ଏହାର ପରିମାଣ କମ୍ ହୋଇ ମରୁଡ଼ି ଭଳି ସ୍ଥିତି ଉତ୍ପନ୍ନ କରିଛି ତ ଆଉ କେତେକ ଭାଗରେ ଏହା ସୃଷ୍ଟି କରିଛି ଜଳ ପ୍ରଳୟ । ଏପରି ହେବାର କାରଣ ଜଳବାୟୁ ପରିବର୍ତ୍ତନ ବୋଲି ଅନେକ ପରିବେଶବିତ୍ ଓ ଜଳବାୟୁ ବିଶେଷଜ୍ଞ ମତ ଦିଅନ୍ତି। ଦେଶର ସବୁଠାରୁ ସମ୍ବେଦନଶୀଳ ଅଞ୍ଚଳ ଭାବରେ ଖ୍ୟାତ ହିମାଳୟ ଅଞ୍ଚଳରେ ଏହାର ପ୍ରଭାବ ଯଥେଷ୍ଟ ପରିମାଣରେ ଦେଖିବାକୁ ମିଳିଛି। ଜୁନ୍ ୨୪ ତାରିଖରୁ ଆରମ୍ଭ ହୋଇଥିବା ୨୦୨୩ ମୌସୁମୀ ଋତୁରେ ପରିବେଶ ଦୃଷ୍ଟିରୁ ଦୁର୍ବଳ ରାଜ୍ୟ ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ବର୍ଷା ଯୋଗୁଁ ଏଯାବତ୍ ୨୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିବା ଏବଂ ଅନେକ ସଂଖ୍ୟକ ଲୋକ ନିଖୋଜ ହୋଇଥିବା ଜାଣିବାକୁ ମିଳିଛି । ଏଇ ମାତ୍ର ଗତ ସପ୍ତାହରେ କେବଳ ଧ୍ୱଂସାବହ ଭୂସ୍ଖଳନ ଏବଂ ପାହାଡ଼ି ନଦୀମାନଙ୍କରେ ଆସିଥିବା ପ୍ରବଳ ବନ୍ୟା ଯୋଗୁଁ ହିମାଚଳ ପ୍ରଦେଶରେ ୭୦ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ଉତ୍ତରାଖଣ୍ଡରେ ୧୩ ଜଣ ହୁଏତ ମୃତ୍ୟୁବରଣ କରିଥିବା ବା ନିଖୋଜ ହୋଇଥିବା ସରକାରୀ ଭାବରେ ଜଣା ପଡ଼ିଛି । କେବଳ ଏ ଦୁଇ ରାଜ୍ୟ ନୁହେଁ, ଜାତୀୟ ରାଜଧାନୀ ଦିଲ୍ଲୀ ଏବଂ ଦେଶର ଆର୍ଥିକ ରାଜଧାନୀ ଭାବରେ ପରିଚିତ ମୁମ୍ବାଇ ମଧ୍ୟ ଜଳ ବୁଡ଼ିରୁ ରକ୍ଷା ପାଇପାରି ନାହିଁ ଚଳିତ ମୌସୁମୀ ଋତୁରେ । ଜୁନ୍ ଦ୍ୱିତୀୟ ସପ୍ତାହରେ ୬୫ ପ୍ରତିଶତ କମ୍ ବର୍ଷା ହୋଇଥିବା ଜୁନ୍ ୨୬ରୁ ଜୁଲାଇ ୧ ତାରିଖ ମଧ୍ୟରେ ହାରାହାରି ବୃଷ୍ଟିପାତଠାରୁ ଏହା ୩୦ ପ୍ରତିଶତ କମ୍ ହୋଇଥିଲା । ଜୁଲାଇ ମାସ ମୋଟାମୋଟି ଭାବରେ ୪.୮ ପ୍ରତିଶତ ଅଧିକ ବର୍ଷାକୁ ପରିଲକ୍ଷିତ କରିଥିଲା ସତ, କିନ୍ତୁ ଅଗଷ୍ଟ ୧୮ ତାରିଖ ସୁଦ୍ଧା ସମଗ୍ର ଦେଶ ୬ ପ୍ରତିଶତ ନିଅଣ୍ଟିଆ ବର୍ଷାକୁ ପ୍ରତ୍ୟକ୍ଷ କରିଥିବା ଜଣା ପଡ଼ିଛି । ଜଳବାୟୁର ପରିବର୍ତ୍ତନ ଏବଂ ବର୍ଷାର ଅନିୟମିତତା ସହିତ କେଉଁଠି ପ୍ରବଳ ବର୍ଷା ତ କେଉଁଠି ବୃଷ୍ଟି ହାନି ଭଳି ଧୀରେ ଧୀରେ ସମ୍ପ୍ରସାରିତ ହେଉଥିବା ଜଳବାୟୁ ସଂକଟର ତିନିଗୋଟି ସ୍ୱତନ୍ତ୍ର ଦିଗ ରହିଛି। ପ୍ରଥମଟି ହେଉଛି ହିମାଳୟ ଅଞ୍ଚଳରେ ଅବସ୍ଥିତ ରାଜ୍ୟମାନଙ୍କ ଦ୍ୱାରା ସାମ୍ନା କରାଯାଉଥିବା ବିପଦ ସମୂହ, ଯାହାର କାରଣ ଅବିଚାରିତ ଭାବରେ ଅବିରତ ବିକାଶ କାର୍ଯ୍ୟ ଜାରି ରହିବା, ଯାହା ହଜାର ହଜାର ଲୋକଙ୍କ ଜୀବନକୁ ବିପଦାପନ୍ନ କରୁଛି । ନା ତ କେନ୍ଦ୍ର ସରକାର, ନା ଏହି ଅଞ୍ଚଳରେ ଅବସ୍ଥିତ ରାଜ୍ୟ ସରକାରମାନେ– କେହି ହେଲେ ବିକାଶର ସାମ୍ପ୍ରତିକ ମଡେଲଗୁଡ଼ିକର ପୁନରାବଲୋକନ କରିବା ଏବଂ ଏଠାକାର ସୂକ୍ଷ୍ମ ପରିବେଶ ପ୍ରତି ବିଚାରଶୀଳ ହେବା ନେଇ ଚିନ୍ତା କରୁଥିବା ସମ୍ପର୍କରେ ସୂଚନା ଦେଉଛନ୍ତି । ବସ୍ତୁତଃ ନୀତିଗତ ନିର୍ଦ୍ଦେଶନାଗୁଡ଼ିକ- ଯାହାର ଦୃଷ୍ଟାନ୍ତ ନିକଟରେ ପାରିତ ହୋଇଥିବା ଦୁଇଗୋଟି ପାରିବେଶିକ ଆଇନ- ସୂଚାଇ ଦେଇଥାଏ ଯେ ବ୍ୟବସାୟକୁ ସୁଗମ କରିବା, ବିକାଶମୂଳକ ପ୍ରକଳ୍ପ, ଏବଂ ଜାତୀୟ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯିବ । ଯେ ପର୍ଯ୍ୟନ୍ତ ଏସବୁ ବାଧ୍ୟବାଧକତାଗୁଡ଼ିକର ପରିବେଶର ଆବଶ୍ୟକତା ସହିତ ସନ୍ତୁଳନ ରକ୍ଷା କରା ନ ଯାଇଛି, ଏଭଳି ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକ ବହୁଗୁଣିତ ହେବ ସିନା, କମିବାର ନାଁ ଧରିବ ନାହିଁ । ଦ୍ୱିତୀୟଟି ହେଉଛି, ଫସଲ କରିବାର ଶୈଳୀ, ଖାଦ୍ୟ ସୁରକ୍ଷା ଏବଂ ଜୀବନ ଧାରଣ କରିବାର ଗୁଣାତ୍ମକ ମାନ ଉପରେ ପରିବର୍ତ୍ତିତ ପାଣିପାଗର ପ୍ରଭାବ । ବୃଷ୍ଟିପାତର ସାମୟିକ ଏବଂ ସ୍ଥାନିକ ଅସଙ୍ଗତି ବେଳକୁ ବେଳ ବଢ଼ି ଚାଲିବା ଅବଧାରିତ ହୋଇ ଯାଇଛି ଏବଂ ନୀତି ନିର୍ଦ୍ଧାରକମାନେ ଏଭଳି ପରିବର୍ତ୍ତନକୁ ନୀତି ନିର୍ଦ୍ଧାରଣରେ ସାମିଲ କରିବାର ଆବଶ୍ୟକତା ରହିଛି । ସାମାଜିକ ଏବଂ ସରକାରୀ ଭିତ୍ତିଭୂମି ମଧ୍ୟ ଖୁବ୍ ଶୀଘ୍ର ପରିବର୍ତ୍ତିତ ହେଉଥିବା ଏବଂ ବେଳକୁ ବେଳ ଉତ୍ତପ୍ତ ହୋଇ ଚାଲିଥିବା ବିଶ୍ୱ ସହିତ ଖାପ ଖୁଆଇବାର ଆବଶ୍ୟକତା ରହିଛି। ଆଗାମୀ ସମୟମାନଙ୍କରେ କର୍ତ୍ତୃପକ୍ଷମାନେ କେବଳ ସଂକଟ ଦେଖା ଦେଲେ ହିଁ ତା'ର ମୁକାବିଲା କରାଯିବ ମାନସିକତାରେ ରହିବା ଉଚିତ ନୁହେଁ ଏବଂ ଉପରୋକ୍ତ ଦୁଇଗୋଟିଯାକ କାର୍ଯ୍ୟ ମଧ୍ୟରୁ ଯେ କୌଣସିଟି ତୃତୀୟ ଦିଗ ବିନା ସମ୍ଭବପର ନୁହେଁ, ଯାହା ହେଉଛି ସାମାଜିକ ଏବଂ ରାଜନୀତିକ ଇଚ୍ଛାଶକ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ପରିବେଶ ପ୍ରସଙ୍ଗ ନିର୍ବାଚନୀ ପରିସରରେ କେବଳ ସାମାନ୍ୟ ଭୂମିକା ରଖି ଆସିଥିଲା । ଏମିତିକି ବାୟୁ ପ୍ରଦୂଷଣ ଭଳି ଗୁରୁ ଗମ୍ଭୀର ପରିସ୍ଥିତିଗୁଡ଼ିକର ମଧ କ୍ୱଚିତ୍ ରାଜନୀତିକ ପଦାଙ୍କ ରହିଛି । କିନ୍ତୁ ସାମ୍ପ୍ରତିକ ସମୟରେ ଜଳବାୟୁ ସଂକଟ କେବଳ ପାହାଡ଼ିଆ ବା ସମୁଦ୍ର ଉପକୂଳ ଅଞ୍ଚଳଗୁଡ଼ିକରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ସ୍ଥିତିଗତ ବିପଦ ସୃଷ୍ଟି କରୁନାହିଁ, ବରଂ ସମଗ୍ର ଭାରତବାସୀଙ୍କ ପାଇଁ ଧନ ଜୀବନ ହାନିଜନିତ ସତର୍କ ଘଣ୍ଟି ବଜାଉଛି । ତେଣୁ ଲୋକମାନଙ୍କ ଦ୍ୱାରା ଏକ ସମ୍ମିଳିତ ଉଦ୍ୟମ ହିଁ ଆବଶ୍ୟକୀୟ ରାଜନୀତିକ ଇଚ୍ଛାଶକ୍ତିକୁ ଜାଗ୍ରତ କରାଇ ପାରିବ ଏ ବାବଦରେ ପଦକ୍ଷେପ ନେବା ପାଇଁ, ଅର୍ଥାତ୍ ବିକାଶମୂଳକ ଏବଂ କୌଶଳଗତ ଅଭିଳାଷଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିବା ପାଇଁ, ଯେପରି ଏହା ପରିବେଶ ଅନୁକୂଳ ହୁଏ । ଜଳବାୟୁ ସଂକଟର ଧ୍ୱଂସକାରୀ ଶକ୍ତି ଆଗରେ ବର୍ତ୍ତମାନର କାର୍ଯ୍ୟକଳାପଗୁଡ଼ିକୁ ଆଉ ବେଶି ଦିନ ପୂର୍ବବତ୍ ଚାଲୁ ରଖାଯାଇ ପାରିବ ନାହିଁ ।

## ଗୀତାରେ ଧର୍ମର ସଂଜ୍ଞା

### ଅମରନାଥ ବାରିକ୍



ନାରାୟଣଂ ନମସ୍କୃତ୍ୟ ନରଂ ଚୈବ ନରୋତ୍ତମମ୍ ।
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋଜୟମୁଦୀରୟେତ୍ ।
ମୂକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିମ୍ ।
ଯତ୍‌କୃପା ତମହଂ ବନ୍ଦେ ପରମାନନ୍ଦମାଧବମ୍

ଶ୍ରୀମଦ୍ ଭଗବତ୍ ଗୀତାକୁ ଯେତେ ବଖାଣିଲେ ସମୟର ଅଭାବ ରହିଯିବ, ଏହା ପାଠ କରିବା ପାଇଁ କୌଣସି ଜାତି କିମ୍ବା ଧର୍ମର ଆବଶ୍ୟକ ପଡିନଥାଏ । କେବଳ ପବିତ୍ର ମନ ହିଁ ଯଥେଷ୍ଟ । ଗୀତାର ସାରମର୍ମ ବୁଝିବା ତେବେ ସହଜ ହୋଇଥାଏ, ଯେତେବେଳେ ବିଶ୍ୱାସ ଓ ଭକ୍ତି ଉତ୍ପନ୍ନ ହୁଏ । ଶବ୍ଦର ସଂଖ୍ୟା ସୀମିତ ରହିଥିବାରୁ ତଥାପି ସମ୍ୟକ ମାତ୍ର ଆଲୋଚ୍ୟ ପ୍ରସଙ୍ଗ ଓ ଶ୍ରୀମଭଗବତ ଗୀତାର ଅଂଶ ବିଶେଷକୁ ନେଇ, ଗୀତାରେ ଧର୍ମର ସଜ୍ଞା କହିଲେ ସତ୍ତ୍ୱ, ରଜଃ, ତମଃ-ଏହି ତିନିଗୁଣକୁ ବୁଝାଏ ତଥା ସେମାନଙ୍କର ପାର୍ଥକ୍ୟ ବିଷୟରେ ଆଲୋଚନା କରିବାକୁ ଗଲେ ସତ୍ତ୍ୱ, ରଜଃ, ତମଃ-ଏହି ତିନିଗୁଣ ପ୍ରକୃତିରୁ ଜାତ ଏବଂ ଜୀବାତ୍ମାକୁ -ସଂସାରରେ ବାନ୍ଧି ରଖେ । ସତ୍ତ୍ୱ ଗୁଣର ଧର୍ମ ପ୍ରକାଶ ବା ଜ୍ଞାନ । ଏଥିରେ ମନୁଷ୍ୟ ସୁଖ ଭୋଗକରେ । ରଜଃ ଗୁଣର ଧର୍ମ ରାଗାତ୍ମକ । ତାହା ତୃଷ୍ଣା ଓ ଆସକ୍ତି ବଢାଏ ଏବଂ ଜୀବାତ୍ମାକୁ କର୍ମବନ୍ଧନରେ ପକାଏ । ତମଃ ଗୁଣର ଧର୍ମ ଅଜ୍ଞାନ ଓ ମୋହ । ତାହା ନିଦ୍ରା, ଆଳସ୍ୟ ଓ ପ୍ରମାଦ ବଢାଏ । ପ୍ରତ୍ୟେକ ଜୀବଠାରେ ଏହି ତିନୋଟିଯାକ ଗୁଣ ଥାଆନ୍ତି । ମନୁଷ୍ୟ ସତ୍ତ୍ୱଗୁଣର ଆଧିକ୍ୟରେ ସାତ୍ତ୍ୱିକ, ରଜଃ ଗୁଣର ଆଧିକ୍ୟରେ ରାଜସିକ ଓ ତମଃ ଗୁଣର ଆଧିକ୍ୟରେ ତାମସିକ ବୋଲି କଥିତ ହୁଅନ୍ତି । ସତ୍ତ୍ୱ ଗୁଣର ବୃଦ୍ଧିକାଳରେ ମୃତ୍ୟୁ ହେଲେ ଜୀବାତ୍ମା ସ୍ୱର୍ଗାଦି ଉଚ୍ଚସ୍ଥାନ ଲାଭ କରେ । ରଜଃ ଗୁଣର ବୃଦ୍ଧିକାଳରେ ମୃତ୍ୟୁ ହେଲେ ମନୁଷ୍ୟ ଯୋନି ଏବଂ ତମଃ ଗୁଣର ବୃଦ୍ଧିକାଳରେ ମୃତ୍ୟୁ ହେଲେ ପଶୁପକ୍ଷୀ ପ୍ରଭୃତି ନୀଚ ଯୋନି ପ୍ରାପ୍ତ ହୁଏ ।

ସତ୍ତ୍ୱଗୁଣର ବୃଦ୍ଧିରେ ସ୍ୱର୍ଗଲାଭ ହୁଏ ସତ ହେଲେ ମୁକ୍ତି ମିଳେ ନାହିଁ । ତ୍ରିଗୁଣାତୀତ ହୋଇପାରିଲେ ଜୀବାତ୍ମା ମୁକ୍ତି ଲାଭ କରେ । ଦେହ ଥିବାଯାଏ ପ୍ରକୃତିର କାର୍ଯ୍ୟ ଚାଲିଥାଏ । ଯେଉଁ ବ୍ୟକ୍ତି ପ୍ରକୃତିର କାର୍ଯ୍ୟରେ ଉଦାସୀନ ହୋଇ ସୁଖଦୁଃଖରେ ସମ, ମାଟି ପଥର ସୁନାରେ ସମଜ୍ଞାନ (ନିର୍ଲୋଭ), ନିନ୍ଦା ପ୍ରଶଂସାରେ ସମ, ପ୍ରିୟ ଅପ୍ରିୟରେ ସମ, ଶତ୍ରୁମିତ୍ରରେ ସମ ତଥା ମାନ ଅପମାନରେ ସମଚିତ୍ତ ରହନ୍ତି ତାଙ୍କୁ ଗୁଣାତୀତ କୁହାଯାଏ । ଅଚଳା ଭକ୍ତିରେ ପରମେଶ୍ୱରଙ୍କର ଶରଣାପନ୍ନହେଲେ ବ୍ୟକ୍ତି ସହଜରେ ତ୍ରିଗୁଣାତୀତ ହୋଇପାରେ । ବାସୁଦେବ ଶ୍ରୀକୃଷ୍ଣ ନିର୍ଗୁଣ ବ୍ରହ୍ମଙ୍କର, ଅବ୍ୟୟମୋକ୍ଷର ସନାତନ ଧର୍ମର ଓ ସମସ୍ତ ସୁଖର ସାକାର ମୂର୍ତ୍ତି । ତାଙ୍କୁ ଅଚଳା ଭକ୍ତିରେ ପୂଜା ଅର୍ଚ୍ଚନା କଲେ ମନୁଷ୍ୟ ତ୍ରିଗୁଣାତୀତ ହୋଇ ମୁକ୍ତି ଲାଭ କରେ । ଯେଉଁମାନେ ଶ୍ରୀମଦ୍ ଭଗବତ ଗୀତା ପାଠ କରିଛନ୍ତି ସେମାନେ ସମସ୍ତେ ଜାଣିଛନ୍ତି ବା ଭଗବାନ୍ ଶ୍ରୀକୃଷ୍ଣ ନିଜେ କହିଛନ୍ତି ଯାହା ସର୍ବଶ୍ରେଷ୍ଠ ମୂଳକାରଣ ବା ଅବିନାଶୀ ଭାବ ତାହାହିଁ ବ୍ରହ୍ମତତ୍ତ୍ୱ । ସ୍ୱଭାବ ବା ମୂଳଭାବ ଜୀବ(ଆତ୍ମା) ରୂପରେ ଦେହ ମଧ୍ୟରେ ପ୍ରକାଶିତ- ତାହା ଅଧ୍ୟାତ୍ମତତ୍ତ୍ୱ । ବିଶ୍ୱସୃଷ୍ଟି ହିଁ କର୍ମ । ଭଗବାନଙ୍କ ସୃଷ୍ଟ ବିନଶ୍ୱର ଭାବ ହିଁ ଅଧିଭୂତ(ଦେହ) । ଦେବତାମାନଙ୍କର ଅଧିପତି ଭୂତସ୍ରଷ୍ଟା ହରିଣ୍ୟ ଗର୍ଭ ବ୍ରହ୍ମା ହିଁ ଅଧିଦୈବ । ସୃଷ୍ଟିରକ୍ଷା ପାଇଁ ଜୀବ ଯେଉଁ କର୍ମ କରେ ତାହା ଯଜ୍ଞ ଏବଂ ନିଜେ ଭଗବାନ୍ ସମସ୍ତ ଜୀବ ମଧ୍ୟରେ ନିୟନ୍ତା ଓ ଫଳଦାତା ରୂପେ ରହିଛନ୍ତି- ସେ ହେଉଛନ୍ତି ଅଧିଯଜ୍ଞ ।

ପ୍ରଭୁଙ୍କର ଜନ୍ମ ନାହିଁ, ଆଦି ନାହିଁ, ଅନ୍ତ ବି ନାହିଁ । ତାଙ୍କୁ ଯେଉଁ ବ୍ୟକ୍ତି ସର୍ବଲୋକମହେଶ୍ୱର ବୋଲି ଜାଣନ୍ତି ସେ ସମସ୍ତ ପାପରୁ ମୁକ୍ତ ହୁଅନ୍ତି । ବୁଦ୍ଧି, ଜ୍ଞାନ, କ୍ଷମା, ଅସଂମୋହ, ସତ୍ୟ, ଦମ, ଶମ, ସୁଖ, ଦୁଃଖ ଭବ, ଅଭାବ, ଭୟ, ଅଭୟ, ଅହିଂସା, ସମତା, ତୁଷ୍ଟି, ତପ, ଦାନ, ଯଶ, ଅଯଶ-ଏ କୋଡିଏଟି ଭାବ ଜୀବମାନଙ୍କଠାରେ ଅଲଗା ଅଲଗା ଦେଖାଯାଇଥିଲେ ହେଁ ଏ ସବୁ ତାଙ୍କଠାରୁ ସୃଷ୍ଟ । ତାଙ୍କର ବିଭୂତି (ଐଶ୍ୱର୍ଯ୍ୟ) ଓ ଯୋଗ (କର୍ମକୌଶଳ) ଯେ ଯଥାର୍ଥ ଭାବରେ ଜାଣନ୍ତି, ସେ ପ୍ରକୃତରେ ତାଙ୍କୁ ଜାଣିପାରନ୍ତି । ସେ ସମସ୍ତ ଜଗତର ଉତ୍ପତ୍ତିର କାରଣ ଓ ତାଙ୍କଠାରୁ ସବୁ ଉତ୍ପତ୍ତି ହୋଇଅଛି ଏହା ଜାଣି ଜ୍ଞାନୀମାନେ ତାଙ୍କୁ ଉପାସନା କରନ୍ତି, ତାଙ୍କ ବିଷୟରେ ପରସ୍ପର ମଧ୍ୟରେ ଆଲୋଚନା କରନ୍ତି। ତାଙ୍କଠାରେ ସର୍ବଦା ଆସକ୍ତ ଚିତ୍ତ ବ୍ୟକ୍ତିମାନେ ପ୍ରୀତିପୂର୍ବକ ତାଙ୍କୁ ଭଜନ କରୁଥିବାରୁ ସେ ଆମମାନଙ୍କୁ ସଦବୁଦ୍ଧି ଦିଅନ୍ତି ଯାହା ଫଳରେ ଆମେମାନେ ମୁକ୍ତିଲାଭ କରନ୍ତି । ସେ ସମସ୍ତ ଜୀବମାନଙ୍କ ହୃଦୟରେ ଆତ୍ମା ଏବଂ ସମସ୍ତ ଜୀବଙ୍କର ଆଦି, ମଧ୍ୟ ଓ ଅନ୍ତ ବି । ସେ ଆଦିତ୍ୟମାନଙ୍କ ମଧ୍ୟରେ ବିଷ୍ଣୁ, ଜ୍ୟୋତିମାନଙ୍କ ମଧ୍ୟରେ ସୂର୍ଯ୍ୟ (ରବି), ବାୟୁମାନଙ୍କ ମଧ୍ୟରେ ମରୀଚ, ନକ୍ଷତ୍ରମାନଙ୍କ ମଧ୍ୟରେ ଶଶୀ, ବେଦମାନଙ୍କ ମଧ୍ୟରେ ସାମବେଦ, ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ର, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ, ଜୀବମାନଙ୍କ ମଧ୍ୟରେ ଚେତନା, ରୁଦ୍ରମାନଙ୍କ ମଧ୍ୟରେ ଶଙ୍କର, ପୁରୋଧାମାନଙ୍କ ମଧ୍ୟରେ ବୃହସ୍ପତି, ସରସିମାନଙ୍କ ମଧ୍ୟରେ ସାଗର, ମହର୍ଷିମାନଙ୍କ ମଧ୍ୟରେ ଭୃଗୁ, ଦେବର୍ଷିମାନଙ୍କ ମଧ୍ୟରେ ନାରଦ, ସିଦ୍ଧମାନଙ୍କ ମଧ୍ୟରେ କପିଳ, ମୁନିମାନଙ୍କ ମଧ୍ୟରେ ବ୍ୟାସ, ବୃଷ୍ଣିମାନଙ୍କ ମଧ୍ୟରେ ବସୁଦେବଙ୍କ ପୁତ୍ର ବାସୁଦେବ, ପାଣ୍ଡବମାନଙ୍କ ମଧ୍ୟରେ ଅର୍ଜୁନ, ପଦମାନଙ୍କ ମଧ୍ୟରେ 'ଓଁ' କାର, ଅକ୍ଷରମାନଙ୍କ ମଧ୍ୟରେ 'ଅ', ବିଦ୍ୟାମାନଙ୍କ ମଧ୍ୟରେ ଅଧ୍ୟାତ୍ମ (ବ୍ରହ୍ମ) ବିଦ୍ୟା, ଯଜ୍ଞମାନଙ୍କ ମଧ୍ୟରେ ଜପଯଜ୍ଞ, ସଂଯମକାରୀମାନଙ୍କ ମଧ୍ୟରେ ଯମ, ସର୍ବସଂହର୍ତ୍ତା ମୃତ୍ୟୁ ମଧ୍ୟ । ସମସ୍ତ ଜୀବମାନଙ୍କର ସେ ମୂଳକାରଣ ଅଟନ୍ତି । ସମସ୍ତ ଜୀବ ବା ବସ୍ତୁ ତାଙ୍କଠାରୁ ଉତ୍ପନ୍ନ ବା ତାଙ୍କଠାରେ ଅବସ୍ଥିତ । ତାଙ୍କ ବିଭୂତିର ବର୍ଣ୍ଣନା କରୁଥିଲେ ସରିବ ନାହିଁ । ଐଶ୍ୱର୍ଯ୍ୟଯୁକ୍ତ, ଶ୍ରୀଯୁକ୍ତ ବା ପ୍ରଭାବ ସମ୍ପନ୍ନ ଯେଉଁ ଯେଉଁ ଜୀବ ବା ପଦାର୍ଥ ଦେଖୁଛନ୍ତି ସେସବୁ ତାଙ୍କ ଅଂଶରୁ ସଂଭୂତ ।

ଶ୍ରୀମଦ୍ ଭଗବତ୍ ଗୀତାର ସମଗ୍ର ଗୀତା ଶାସ୍ତ୍ରର ତଥା ବେଦାର୍ଥର ସାରସଂକଳନ ବୋଲି ପୂଜ୍ୟପାଦ ଆଚାର୍ଯ୍ୟ ଶଙ୍କର ଓ ଶ୍ରୀଧର ସ୍ୱାମୀ କହିଛନ୍ତି । ଯେଉଁ ବ୍ୟକ୍ତି ଅନନ୍ୟ ଭାବରେ ଭଗବାନଙ୍କର ଉପାସନା କରିବେ ସେ ସଂସାରର ମାୟା ଜାଲକୁ ଛିନ୍ନ କରି ପାରିବେ । ତ୍ରିଗୁଣାତୀତ ନହେଲେ କେହି ମୁକ୍ତି ପାଇପାରିବେ ନାହିଁ । ଏ ସଂସାରକୁ ଗୋଟିଏ ଅଶ୍ୱତ୍ଥ ବୃକ୍ଷ ବୋଲି ଉପନିଷଦ ମାନଙ୍କରେ ମଧ ବର୍ଣ୍ଣିତ ଅଛି । ଏ ବୃକ୍ଷର ମୂଳ ଉର୍ଦ୍ଧ୍ୱରେ - ପରଂବ୍ରହ୍ମ ଏହାର ମୂଳ । ଏହାର ଶାଖା ସବୁ ଉପର ଓ ତଳ ଆଡେ ବିସ୍ତୃତ । (କ୍ରମଶଃ)

ଗ୍ରା/ପୋ-କୟାଁ, ଥା-ମଙ୍ଗଳପୁର,
ଜି-ଯାଜପୁର- ୭୫୫୦୧୧
ମୋ: ୯୫୪୦୩୦୮୦୯୫

## 'କୋଟା'ର ମୃତ୍ୟୁ ଫାଶ ଓ ଆଜିର ମେଧାବୀ

### ଡାକ୍ତର ସମ୍ରାଟ କର



'ଗଲା ଅଗଷ୍ଟ ୧୫ ତାରିଖରେ ରାଜସ୍ଥାନର କୋଟା ସହରରେ ପୁନର୍ବାର ଜଣେ ଅଠର ବର୍ଷର ତରୁଣ ଆତ୍ମହତ୍ୟା କରିଛନ୍ତି ଯାହା ସହିତ କେବଳ ଚଳିତ ବର୍ଷ କୋଟାରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି । ଏହି ଛାତ୍ର ଜଣକ ଆଇଆଇଟି ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ଲାଗି କୋଚିଂ ନେବାକୁ ଏହି ସହରରେ ପାଦ ଦେଇଥିଲେ।' - ବଡ଼ ବ୍ୟସ୍ତଭରା କଣ୍ଠରେ ଏକାସ୍ୱରରେ କହିଗଲେ ମୋ କ୍ଷୀପ୍ରଲିପ ଅନୁଜ ପ୍ରତୀମ ଶ୍ରୀକାନ୍ତ। ମୁଁ ତାଙ୍କ ବ୍ୟସ୍ତତା ଓ ବର୍ତ୍ତମାନର କୋଟାରେ ଆଶାୟୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଲକ୍ଷ୍ୟ ରଖି ସବୁ ଜାଣି ପାରି କହିଲି କଥା ଆଜିର ନୁହଁ। ୮୦ଦଶକରୁ ଛାତ୍ରଙ୍କୁ ଏଠି ଜୀବନ୍ତ ମେସିନ ବନେଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ଗୋଟିଏ କୋଚିଂ ସେଣ୍ଟରର ଛାତ୍ର ଆଇଆଇଟି ପାଇବା ପରେ ତାହା ରାତାରାତି ବିଖ୍ୟାତ ହୋଇଗଲା। ତାପରେ ଛତୁ ଫୁଟିଲା ପରି କୋଟାରେ ଅନ୍ୟ କୋଚିଂ ସେଣ୍ଟର ଗୁଡ଼ିକ ଗଢ଼ି ଉଠିଲେ। ଛାତ୍ରସଂଖ୍ୟା ବଢ଼ିଲା ଏବଂ ଛାତ୍ରଙ୍କ ପାଇଁ ହଷ୍ଟେଲ ସଂଖ୍ୟା ମଧ ବଢ଼ିଲା। ଅନେକ କ୍ୟାଣ୍ଟିନ ବି ଖୋଲିଲା। ଚା ଜଳଖିଆ ଦୋକାନ ଓ ଅଟୋରିକ୍ସା ଆଦି ଛାତ୍ରଙ୍କ ସେବା ପାଇଁ ଗଢ଼ି ଉଠିଲେ। ସମସ୍ତଙ୍କ ଟାର୍ଗେଟରେ ରହିଲେ ୧୫-୧୬ ବର୍ଷର ଛାତ୍ରଛାତ୍ରୀ।

ବାସ୍ତବ କଥା ହେଉଛି କୋଟା ବାରୁଦଗଦା ଉପରେ ଅବସ୍ଥିତ। ବିସ୍ଫୋରିତ ହେଲେ ସବୁକିଛି ପାଉଁଶ ହୋଇଯିବ। ମୃତ ଶୈଶବ ଉପରେ ଠିଆ ହୋଇଛି ସହର। ଆପଣ କୋଟା ଯାଆନ୍ତୁ, ରେଳ ଷ୍ଟେସନରୁ ବାହାରିବା ମାତ୍ରେ ଅଟୋ ଚାଳକମାନେ ଆପଣଙ୍କୁ ଘେରିଯିବେ। କିଏ କହିବ ଆପଣଙ୍କ ପିଲା ପାଇଁ ଭଲ ହଷ୍ଟେଲ ଯୋଗାଇଦେବ, କିଏ କହିବ ଶସ୍ତାରେ ସବୁଠାରୁ ଭଲ କୋଚିଂ ସେଣ୍ଟରରେ ନାଁ ଲେଖାଇ ଦେବ। ରେଳ ଷ୍ଟେସନରୁ ହିଁ କୋଚିଂ ସେଣ୍ଟରଗୁଡ଼ିକ ପାଇଁ ମାର୍କେଟିଂ ଆରମ୍ଭ ହୋଇଯାଏ।ଚଳିତ ବର୍ଷ ପ୍ରାୟ ୩ ଲକ୍ଷ ଛାତ୍ରଛାତ୍ରୀ ଏଣ୍ଟ୍ରାନ୍ସ ପରୀକ୍ଷା ପ୍ରସ୍ତୁତି ପାଇଁ କୋଟା ଆସିଛନ୍ତି। ରବିବାର ବି ଏଠି ପିଲାଙ୍କ ପାଇଁ ଛୁଟି ନାହିଁ। କେଉଁଠି ପିଲା ପରୀକ୍ଷା ଦେବାକୁ କୋଚିଂ ସେଣ୍ଟର ଯାଇଥାଏ ଆଉ କେଉଁଠି ରାତି ଅନିଦ୍ରା ମେଣ୍ଟାଇବା ପାଇଁ ବିଶ୍ରାମ ନେଉଥାଏ। ପିଲାମାନେ ନିଜର ଲୁଗାପଟା ବି ସଫା କରନ୍ତିନି। ତାହା ହଷ୍ଟେଲ କର୍ମଚାରୀ କରନ୍ତି। କୋଚିଂ କ୍ଲାସ ସକାଳ ସାଢ଼େ ୬ଟାରୁ ଆରମ୍ଭ ହୁଏ ଏବଂ ପିଲାମାନେ ରାତି ୨ଟା ଯାଏ ପାଠ ପଢ଼ନ୍ତି। ସେମାନଙ୍କ ରୁଟିନ ଏତେ ଟାଇଟ ଯେ ନିଃଶ୍ୱାସ ନେବାକୁ ସମୟ ନଥାଏ। ତେବେ କଠିନ ପରିଶ୍ରମ ସତ୍ତ୍ୱେ ସବୁ ପିଲା ଆଇଆଇଟି ବା ମେଡ଼ିକାଲ ପାଆନ୍ତିନି। କେତେକ ପିଲା ଭଗ୍ନ ସ୍ୱପ୍ନ ନେଇ ଘରକୁ ଫେରନ୍ତି ଓ ଆଉ କେତେକ ଫେରନ୍ତିନି।

ଜଣେ ଛାତ୍ରଙ୍କ କହିବା ଅନୁସାରେ ସେ ଲେଖକ ହେବାକୁ ଚାହୁଁଥିଲେ। ସେ କିଛି ଗପ ଲେଖିଥିଲେ ଯାହାକୁ ତାଙ୍କ ବାପା ଚିରିଦେଲେ। ତାଙ୍କ ମାଆ ତାଙ୍କ ସହ କଥାବାର୍ତ୍ତା କରିବା ବନ୍ଦ କରିଦେଲେ। ଏବେ ସେ କୋଟାରେ ରହି ଡାକ୍ତର ହେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପିଲାମାନଙ୍କୁ ନିଜର ସ୍ୱପ୍ନକୁ ଚୁରମାର କରି ବାପାମାଆଙ୍କ ସ୍ୱପ୍ନ ପୂରଣ କରିବାକୁ ବାଧ କରାଯାଉଛି। ଶେଷରେ ମାନସିକ ଚାପ, ହତାଶା ଓ ଅବସାଦରେ ଅନେକ ଛାତ୍ର ଆତ୍ମହତ୍ୟା କରିବାକୁ ବାଧ ହେଉଛନ୍ତି। ପ୍ରତି ବର୍ଷ ଭାରତର ପ୍ରାୟ ସମସ୍ତ ଅଞ୍ଚଳରୁ ପନ୍ଦର ବା ଷୋହଳ ବର୍ଷ ବୟସର ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ବ୍ୟାକ ପ୍ୟାକ ଏବଂ କୌଣସି ଗୋଟିଏ ଅଗ୍ରଣୀ ଇଂଜିନିୟରିଂ ବା ମେଡ଼ିକାଲ କଲେଜରେ ନାମ ଲେଖାଇବାର ସ୍ୱପ୍ନ ନେଇ ଏହି ସହରରେ ପ୍ରବେଶ କରୁଥିବା ଅଭିଭାବକ ଗଣ ଏ ନେଇ ସଚେତନ ଥାଆନ୍ତି ଯେ ଏହି ସ୍ୱପ୍ନଭୁକ ମାନଙ୍କ ମଧ୍ୟରୁ କିୟଦଂଶ ମାତ୍ର ଆଶାନୁରୂପକ ସାଫଲ୍ୟ ଲାଭ କରିବେ ଏବଂ ଅବଶିଷ୍ଟ ବିଫଳତାର ଗ୍ଲାନି ବହନ କରି ଅଗତ୍ୟା କୋଟାରୁ ରିକ୍ତ ହସ୍ତରେ ପ୍ରତ୍ୟାବର୍ତ୍ତନ କରିବେ। ତଥାପି ବିସ୍ମୟର ବିଷୟ ହେଲା ବର୍ଷ ପରେ ବର୍ଷ କୋଟାର ଦୁର୍ବାର ମୋହରୁ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ମୁକ୍ତି ମିଳୁନାହିଁ। ଏହାର କାରଣ କଣ?

ପ୍ରବେଶିକା ପରୀକ୍ଷାଗୁଡ଼ିକରେ ମୁଷ୍ଟିମେୟ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ଯେଉଁଭଳି ପ୍ରଶସ୍ତି ଓ ବିଜ୍ଞାପନର ବନ୍ୟା ସୃଷ୍ଟି କରାଯାଏ, ତହିଁରେ କୋଟା ଅଧିକ ଆକର୍ଷଣୀୟ ହୋଇ ଉଠେ ସତ କିନ୍ତୁ ସଂଖ୍ୟାଧିକ ଛାତ୍ରଛାତ୍ରୀ ସମସ୍ତଙ୍କ ଅଲକ୍ଷ୍ୟରେ ବିଫଳତାର ଅନ୍ଧକାର ମଧ୍ୟରେ ବିଧ୍ୱସ୍ତ କରୁଥିବା ପିଲାମାନ ସେମାନଙ୍କ ପ୍ରଦର୍ଶନ ଆଧାରରେ ଅତ୍ୟନ୍ତ ନିଷ୍ଠୁର ଏବଂ କଠୋର ବର୍ଗୀକରଣର ଶିକାର ହୁଅନ୍ତି, ଯାହା ଫଳରେ ଅପେକ୍ଷାକୃତ ନିମ୍ନ ପ୍ରଦର୍ଶନକାରୀମାନେ ଗଭୀର ହୀନମନ୍ୟତା ମଧ୍ୟକୁ ନିକ୍ଷେପିତ ହୁଅନ୍ତି ଏବଂ ତାରକା ଛାତ୍ରଛାତ୍ରୀମାନେ ମଧ ଆଶା ଅନୁକୂଳ ପ୍ରଦର୍ଶନ ବଜାୟ ରଖିବା ଲାଗି ଭୀଷଣ ଚାପର ବଶବର୍ତ୍ତୀ ହୁଅନ୍ତି। ଏଭଳି ସ୍ଥଳେ ପ୍ରତିଦ୍ୱନ୍ଦ୍ୱିତାର ଅସହନୀୟ ଚାପରୁ ଚିରନ୍ତନ ମୁକ୍ତି ପାଇବା ଲାଗି ସେମାନଙ୍କ ମଧ୍ୟରୁ କେହି କେହି ହୁଏତ ଚରମ ପନ୍ଥା ବାଛି ନେବାକୁ ବାଧ୍ୟ ହୁଅନ୍ତି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ କୈଶୋର ଏବଂ ଆଦ୍ୟ ତାରୁଣ୍ୟର ସନ୍ଧି ସ୍ଥଳରେ ଉପସ୍ଥିତ ଏହି ଛାତ୍ରଛାତ୍ରୀମାନେ ପରିବାର ଠାରୁ ଦୂରରେ ଏକ ନିଃସଙ୍ଗ ବାତାବରଣରେ ସ୍ୱପ୍ନ ଚରିତାର୍ଥ କରିବାର ସଂଘର୍ଷରେ ଲିପ୍ତ ଥିବା ବେଳେ ଆଉ ଯେଉଁ ଏକ ଗ୍ଲାନିବୋଧ ସେମାନଙ୍କୁ ଅହରହ ଦଂଶନ କରି ଚାଲିଥାଏ, ତାହା ହେଲା ସେମାନଙ୍କ ଲାଗି ସେମାନଙ୍କର ପରିବାର ବହନ କରୁଥିବା ଆର୍ଥିକ ବୋଝ, ଯାହା ବାର୍ଷିକ ଦୁଇ ଲକ୍ଷରୁ ଆରମ୍ଭ କରି ପାଞ୍ଚ ଲକ୍ଷ ପର୍ଯ୍ୟନ୍ତ ହୋଇପାରେ। ଏଭଳି ସ୍ଥିତିରେ ଉତ୍ତମ ପ୍ରଦର୍ଶନରେ ବିଫଳତା ଅନେକ ଛାତ୍ରଛାତ୍ରୀଙ୍କୁ ଆତ୍ମହତ୍ୟାକାମୀ କରାଇଥାଏ। ମୂଳକଥା ହେଉଛି ଆଜିର ଛାତ୍ରଛାତ୍ରୀମାନେ ନିଜ ଭବିଷ୍ୟତକୁ ଚିନ୍ତା କରି କ୍ୟାରିୟର ମନସ୍କ ହୁଅନ୍ତି। କିନ୍ତୁ ଏହାକୁ ନେଇ ଅତ୍ୟଧିକ ଚାପକୁ ନିମନ୍ତ୍ରଣ କରନ୍ତୁ ନାହିଁ କାରଣ ଜୀବନଟି ଖୁବ ଲମ୍ବା। ଗୋଟିଏ ନିର୍ଦ୍ଦିଷ୍ଟ ଉପଲବ୍ଧିକୁ ହାସଲ କରିବାକୁ ହେଲେ ଜୀବନଟାକୁ ବଳୀଦାନ ଦେବା ଉଚିତ କି? ସେହିପରି ଅନ୍ୟ ଏକ କଥା ହେଉଛି ଅଭିଭାବକମାନେ ପିଲାମାନଙ୍କ ଉପରେ ଅତ୍ୟଧିକ ଚାପ ଦିଅନ୍ତୁ ନାହିଁ। କୋମଳମତି ଛାତ୍ରଛାତ୍ରୀମାନେ କାରୁଣ୍ୟର ଅସୁମାରୀ ସ୍ୱପ୍ନ ଚରିତାର୍ଥ କରିବା ପାଇଁ ନିଶ୍ଚିନ୍ତ ଉପଲବ୍ଧି ହାସଲ ନହେଲେ ମୃତ୍ୟୁପଥକୁ ଗ୍ରହଣ କରନ୍ତୁନାହିଁ। ପିଲାମାନେ କୌଣସି ପ୍ରକାର ମାନସିକ ଅବସାଦର ଶିକାର ହେଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ଼,
କଟକ,
ମୋ : ୯୧୩୨୪୩୩୩୩୩

## କବିତା କୋଣାର୍କ

### ଭୋକ

**କୀର୍ତ୍ତନ ସାହୁ**

କେବେ ଭୋଗିଛ
ଭୋକର ଜ୍ୱାଳା
କେବେ ମାପିଛ
ଭୋକର ପରିସୀମା

ନା ତମ ଜୀବନ ଅଭିଧାନରେ
ଭୋକର ମାନେ କିଛି ନ ଥିବ
କେବେ ଅଧା ବାଟରେ ସେ
ତମ ପଥରୋଧ କରି ନ ଥିବ
ତାର ସାହସ ବା କେତେ
ତମ ଅହଂର ନଭଶ୍ଚୁମ୍ବି ପ୍ରାଚୀର ଡେଇଁ
ତମ ଦୁଆରେ ହାଜର ହେବାକୁ

ମୁଁ ଶ୍ରମିକ
ମୋ ଶ୍ରମଦାନରେ ଅଙ୍କା
ତମ ଚଳଣିର ରଙ୍ଗୀନ ପ୍ରଜାପତି
ତମ ଅଧରରେ ହସରେଖା
ଆଙ୍କିବାରେ
ମୋ କରଣୀ ମସଲାର
ରଙ୍ଗ ତୂଳୀ ଦରକାର
ଏସବୁ ବୁଝିବାରେ ତମର ବେଳ
କାହିଁ !

ମୁଁ ଶ୍ରମିକ
ମୋର ପାରିଶ୍ରମିକ କଥା
ପଚାରେ କିଏ
ମୋ ମୁହଁରେ ଦି' ଟା
ଦାନା ପାଣି ପଶି ଗଲେ ହେଲା
ମୋର କଣ ଗୋଟେ ପରିବାର
ମୋର କଣ ଗୋଟେ ଭବିଷ୍ୟତ
କାମ ବନ୍ଦ ତ ସବୁ ବନ୍ଦ
ଖାଇବା ବନ୍ଦ ରହିବା ବନ୍ଦ
ସବୁ ବନ୍ଦ

କେତେଦିନ ପଡି ରହି ଥାନ୍ତୁ
ଭୋକ ଉପାସରେ ?
ତମ ଦୟାରେ ମୋ ଭାଇ ବନ୍ଧୁ
କେତେ ଜଣ ଗାଡ଼ିରେ ଆସି
କ୍ୟାରେଣ୍ଟାଇନରେ ନିଜ ଭବିଷ୍ୟତର
ନକ୍ସା କାଟୁଛନ୍ତି

ଆମେ ଆଉ ମାନେ
ଅଣନିଶ୍ୱାସୀ ହେଇ ପଡିଲୁ
ନା ଆମ କଥା କେହି ବୁଝିଲେ
ନା ବୁଝିବାର ସମ୍ଭାବନା ଥିଲା
ବାହାରିଲୁ ଚାଲି ଚାଲି ଭିଟାମାଟିକୁ
କାନ୍ଧରେ ଛୁଆକୁ ତ ମୁଣ୍ଡରେ
ଲଦିଛୁ ଯାହା ଆମ ଚଳଣିର
ଲୁଗା ପଟା ଦି' ଖଣ୍ଡ
ଆମ ଜିଇଁବାର ନଥିପତ୍ର

ଆମ ଭିତରୁ କେହି କେହି
ଚାଲି ଗଲେଣି
ଭୋକର ଜ୍ୱାଳାରେ ତ
କେହି ଗାଡ଼ିର ଧକ୍କାରେ

ଚାଲିଛି
ମୁଁ ଶ୍ରମିକ
କିଏ ଦେବ ମଣିଷ ଜାତିକୁ
ଭୋକର ସଂଜ୍ଞା
କିଏ ଦେବ ଭୋକରେ ଧାଇଁ ଥିବା
ମୃତ୍ୟୁ ପଛର ପଥିକ କଥା
ବୁଝିବାର ଜ୍ଞାନ ... ?

ଖାଦ୍ୟମ୍ ଶରଣମ୍ ଗଚ୍ଛାମି
ଘରମ୍ ଶରଣମ ଗଚ୍ଛାମି
ଅବା ମରଣମ୍ ସରଣମ୍ ଗଚ୍ଛାମି ।

ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

### ସଚିବ ସାର୍ ସବୁରି ପ୍ରିୟ

**ରମେଶ ଚନ୍ଦ୍ର ନାୟକ**

ଚହଳ ପଡିଛି ସାରା ରାଇଜରେ
ପାଣ୍ଡିଆ ସାର୍‌ଙ୍କୁ କାଳିର ମାଡ,
କାଳି ବଦଳରେ ହୋଇଥିଲେ ଗୁଳି
ସ୍ଥିତି ନେଇଥାନ୍ତା ସେ ଭିନ୍ନ ମୋଡ଼ !

ହସି ହସି ସିଏ ଗ୍ରହଣ କରିଲେ
କାଳିକୁ ଭାବିକି ଚନ୍ଦନ ବୋଲି,
ଜଗା ଆଶୀର୍ବାଦ ମାଆର ପଣତ
ପୋଛିଦେଲା ସେହି ଦାଗର କାଳି ।

ସତ୍ୟ ଶାନ୍ତି ଦୟା କ୍ଷମାର ସାଗର
ଜଣା ପଡ଼େ ତାଙ୍କ ହୃଦୟେ ଅଛି,
ମୁଖ୍ୟ ମନ୍ତ୍ରୀଙ୍କର ପ୍ରିୟ ଲୋକ ସିଏ
ଦେଶ ବିଦେଶରେ ନାଆଁ ରହିଛି ।

ଇର୍ଷାରେ କହନ୍ତି ଦୁର୍ନାମ ଗାଆନ୍ତି
ରାଜନୀତି ପେଞ୍ଚ ଫସର ଫାଟେ,
ଯେତେ ଯାହା କଲେ
କିଛି ଲାଭ ନାହିଁ
ଓଡ଼ିଶାର ପରା ସେ କ୍ୱାଇଁ ଅଟେ ।

କିଏ କହେ ତାଙ୍କୁ ଆଇ ଏ ଏସ ବାବୁ
ଫାଇଲ ଚଷିବା ତୁମର କାମ,
ନେତା ମନ୍ତ୍ରୀ ପରି ରାଜନୀତି କ୍ଷେତ୍ରେ
ତୁମର ପଶିବା ନୁହଁଇ ଧର୍ମ ।

ସାଢ଼େ ଚାରି କୋଟି ଓଡ଼ିଶା ବାସୀଙ୍କ
ହୃଦୟକୁ ଯେଉଁ ଲୋକ ଚିହ୍ନିଛି,
ତାଙ୍କ ଆଶୀର୍ବାଦ ସମାଜ ମଙ୍ଗଳେ
ସୁଖେ ଦୁଃଖେ ରହି ସେବା କରୁଛି ।

ସୁନାମ ଲୋକର ଦୁର୍ନାମ ଗାଇଲେ
ଦ୍ୱିଗୁଣିତ ହୁଏ ତା'ର ସମ୍ମାନ,
ବିରୋଧୀ ହେଉ କି ଶାସକ ଦଳକୁ
କାଳି ମାଡ଼ ପରା କରେ ଆହ୍ୱାନ ।

କାଳି ମାଡ଼ ଆଜି ରଖିଲା ପ୍ରମାଣ
ଦୁଷ୍ଟ ଲୋକ ଭଲ ହୁଏ କିପରି,
ଦୋଷୀକୁ ନିର୍ଦ୍ଦୋଷ ପରିଚୟ ଦେଇ
ସଚିବ ହୋଇଲେ ପ୍ରିୟ ସବୁରି ।

କେଶରପୁର, ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦

### ସନ୍ଦେହ

**ସନ୍ତୋଷ କୁମାର ଅଦାବର**

ସନ୍ଦେହ ଗୋଟିଏ ଏମିତିକା ବିଷ
ଆଖିକୁ ନ ଦିଶେ ସତ
ଯେଉଁଠି ପଡ଼ଇ ଏଇ ବିଷ ସତେ
ନିଏ ପ୍ରାଣ ଓ ଇଜ୍ଜତ ।

ବିଶ୍ୱାସ ମୂଳରେ ଏ ଦୁନିଆଁଟା ସତେ
ଚାଲୁଅଛି କେତେ ଦିନୁ
ସନ୍ଦେହ ଆସିଲେ ବିଶ୍ୱାସଟା ସତେ
ତୁଟି ଯାଇଥାଏ ମନୁ ।

ଅତି ମଧୁର କୁ କୀଟ ଖାଇଯାଏ
ଅତି ଭାବ ତୁଟି ଯାଏ
ଅତି ବିଶ୍ୱାସରେ ସନ୍ଦେହ ପଶିଲେ
ମାନବିକତା ନ ରହେ ।

ହୃଦ ଦିଆନିଆ ନିର୍ମଳ ପ୍ରେମରେ
ସନ୍ଦେହର ସ୍ଥାନ ନାହିଁ
ସେ ପ୍ରେମରେ କେହି ପ୍ରତିବାଦ
କଲେ
ଘୋର ଅନର୍ଥ ଘଟଇ ।

ପତି ପତ୍ନୀଙ୍କର ଭାବ କୁଟୀରରେ
ଲାଗିଲେ ସନ୍ଦେହ ନିଆଁ
ସୁନାର କୁଟୁମ୍ବ ପାଉଁଶ ହୁଅଇ
ନ୍ୟାୟ ଦେବାଟା ଅଡୁଆ ।

ପ୍ରେମ-ବୃକ୍ଷେ ଯେବେ ସନ୍ଦେହ
ଫଳିବ
ମୂଳରୁ ଖାଆନ୍ତି କୀଟ
ପ୍ରେମୀ ଯୁଗଳଙ୍କ ମନ ଭାଙ୍ଗିଯାଏ
ହୃଦୟରେ ହୁଏ ଫାଟ ।

ମନରେ ସନ୍ଦେହ ନ ରଖିବୁ କେବେ
ସଦା ନିରିମଳ ଥିବୁ
ମନୁ ଭୟ ତୋର ହୋଇଯିବ ଦୂର
ନିଶକୁ ମୋଡ଼ି ବଞ୍ଚିବୁ ।

ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ: ୯୭୭୭୯୧୦୭୨୮

## ଗର୍ଭାବସ୍ଥାରେ ଯୋଗ



ଗର୍ଭାବସ୍ଥାରେ ମା' ସହିତ ପିଲା ସୁସ୍ଥ ରହିବା ନିତାନ୍ତ ଆବଶ୍ୟକ। ସେଥିପାଇଁ ଡାକ୍ତରଙ୍କ ପରାମର୍ଶର ପ୍ରଥମ ସ୍ଥାନରେ ଯୋଗାସନ ରହିଥାଏ। ଗର୍ଭାବସ୍ଥା ସମୟରେ ଯୋଗାସନ କରିବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଗର୍ଭାବସ୍ଥାରେ ପୁଷ୍ଟିକର ଖାଦ୍ୟ ଯେପରି ଶରୀର ପାଇଁ ଆବଶ୍ୟକ ଥାଏ ଠିକ୍ ସେହିପରି ପ୍ରତିଦିନ ଯୋଗ ବା ଆସନ କରିବା ମା' ଏବଂ ଶିଶୁ ଉଭୟଙ୍କ ପାଇଁ ଲାଭଦାୟକ ହୋଇଥାଏ। ଗର୍ଭର ପ୍ରଥମାବସ୍ଥାରେ ୯ ମାସ ପର୍ଯ୍ୟନ୍ତ ଯୋଗାସାନ କଲେ ପ୍ରସବ ସମୟରେ ଗର୍ଭବତୀଙ୍କ ଯନ୍ତ୍ରଣା ହ୍ରାସ ପାଇବା ସହିତ ଶାରୀରିକ ଏବଂ ମାନସିକ ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଆନ୍ତୁ ଜାରିବା ସେଭଳି କିଛି ପ୍ରାଣାୟାମ ଯାହା ଆପଣଙ୍କୁ ସୁସ୍ଥ ଓ ସତେଜ ରଖିବ।

ପ୍ରାଣାୟାମ କରିବା ପାଇଁ ଯେକୌଣସି ଆରାମ ଦାୟକ ସ୍ଥାନରେ ବସନ୍ତୁ। ଯଦି ଅଂଟାରେ ଯନ୍ତ୍ରଣା ଅନୁଭବ କରୁଥାନ୍ତି, ତେବେ କାନ୍ଥକୁ ଆଉଜି ମଧ୍ୟ ବସିପାରିବେ। ଏଥିନିମନ୍ତେ କେତୋଟି ନିତିଦିନିଆ ଯୋଗାସାନ ଚାହିଁଲେ ସହଜରେ କରିପାରିବେ।

**ପଶ୍ଚିମୋତର ଆସନ–** ଗର୍ଭରେ ଶିଶୁର ଅବସ୍ଥିତିକୁ ଠିକ୍ ରଖିବା ଏବଂ ଗର୍ଭ ଧାରର ପରେ ହେଉଥିବା ଅଂଟା ଯନ୍ତ୍ରଣାକୁ ଦୂର କରିବା ପାଇଁ ଏହି ଆସନ ଖୁବ୍ ଦରକାରୀ ହୋଇଥାଏ। ପୁଣି ଗର୍ଭାବସ୍ଥା ପରେ ବଢ଼ିଥିବା ପେଟକୁ ହ୍ରାସ କରିବାରେ ଏହା ବିଶେଷ ସହାୟକ ହୋଇଥାଏ। ଏହି ଆନ ପାଇଁ ଦୁଇ ପାଦକୁ ଆଗକୁ ସିଧାକରି ବସନ୍ତୁ। ପ୍ରଶ୍ୱାସ ନେବା ସମୟରେ ଦୁଇ ବାହୁକୁ ଉପରକୁ କରନ୍ତୁ ଏବଂ ନିଃଶ୍ୱାସ ଛାଡ଼ିବା ସମୟରେ ଆଗକୁ ନଇଁପଡ଼ନ୍ତୁ। ହାତର ଅଙ୍ଗୁଳିରେ ପାଦର ଅଙ୍ଗୁଳି ଗୁଡ଼ିକୁ ଛୁଇଁବାକୁ ଚେଷ୍ଟା କରନ୍ତୁ। ଏପରି୫/୧୦ ମିନିଟ୍ କରନ୍ତୁ।



**ପ୍ରଜାପିତ ଆସନ:** ସହଜ ଓ ସରଳ ପ୍ରସବ ପାଇଁ ଏହି ଆସନ ବହୁତ ଲାଭକାରୀ ହେବା ହିତ ଏହାଦ୍ୱାରା ରକ୍ତ ସଂଚାଳନ ଠିକ୍ ହୋଇଥାଏ। ଏହି ଆସନରେ ଦୁଇ ପାଦକୁ ଆଣନ୍ତୁ ପାଖରୁ ଭାଙ୍ଗି ପାଦତଳିପାକୁ ପରସ୍ପର ସହିତ ଯୋଡ଼ିଦିଅନ୍ତୁ। ଗୋଇଠିଦ୍ୱୟ ଶରୀର ନିକଟକୁ ଆଣନ୍ତୁ। ଏବେ ଦୁଇ ପାଦକୁ ଧରି ଦୁଇ ହାତ ଅଙ୍ଗୁଳି ଛନ୍ଦିଦେଇ ପ୍ରଶ୍ୱାସ ନିଅନ୍ତୁ। ନିଃଶ୍ୱାସ ଛାଡ଼ିବା ସମୟରେ ଅଂଟାକୁ ସିଧା କରନ୍ତୁ। ଏହିପରି ୫/୭ ମିନିଟ କରନ୍ତୁ।

**ମାର୍ଜାରାସନ–** ଗର୍ଭାବସ୍ଥାରେ ସଠିକ୍ ପୋଷଣ, ଅଂଟା ଓ ପେଟରେ ହେଉଥିବା ଯନ୍ତ୍ରଣାକୁ ଦୂର କରିବା ପାଇଁ ଏହି ଆସନ କରିବା ଦରକାର। ସେହିପରି ଗର୍ଭରେ ଥିବା ଶିଶୁର ବିକାଶ ଓ ହରମୋନର ସନ୍ତଳନ କରିବାରେ ଏହା ବହୁତ ସହାୟକ ହୋଇଥାଏ। ଏହି ଆସନ ପାଇଁ ଆଣ୍ଠୁରେ ଭରାଦେଇ ଠିଆ ହୋଇଯାଆନ୍ତୁ। ଦୁଇ ଆଣ୍ଠୁ ମଧ୍ୟରେ ବ୍ୟବଧାନ କାନ୍ଧ ଅନୁସାର ସମାନ ହେବା ଦରକାର। ପ୍ରଶ୍ୱାସ ନେବା ସମୟରେ ମୁଣ୍ଡକୁ ତଳ ଆଡ଼କୁ କରନ୍ତୁ। ନିଃଶ୍ୱାସ ଛାଡ଼ିବା ମର୍ଯ୍ୟରେ ମୁଣ୍ଡକୁ ତଳକୁ କରନ୍ତୁ ଏହି ସ୍ଥିତିରେ ଶରୀରକୁ କିଛି ସମୟ ଢିଲା ଛାଡ଼ି ଦିଅନ୍ତୁ।

**ଶଶକାସନ–**

ଏହି ଆସନ କରିବା ଦ୍ୱାରା ଶରୀରରେ ରକ୍ତ ସଂଚାଳନ ଭଲରୂପେ ହୋଇଥାଏ ଏବଂ ଗର୍ଭାବସ୍ଥା ସମୟରେ ଅନୁଭବ ହେଉଥିବା ଥକାପଣକୁ ମୁକ୍ତି ମିଳିଥାଏ। ଏହି ଆସନ କରିବା ସମୟରେ ଆଣ୍ଠୁକୁ ଖୋଲା କରିବା ଦରକାର। ଆଖିକୁ ହାଲକା ଭାବରେ ବନ୍ଦ କରିଦିଅନ୍ତୁ ଏବଂ ଶରୀରର ପ୍ରତ୍ୟେକ ଅଙ୍ଗକୁ ଢିଲା ଛାଡ଼ି ଦିଅନ୍ତୁ। ଏହି ସ୍ଥିତିରେ ୨-୫ ମିନିଟ ପର୍ଯ୍ୟନ୍ତ ବିଶ୍ରାମ କରନ୍ତୁ।

ଗର୍ଭାବସ୍ଥା ସମୟରେ ନିଜକୁ ଉଭୟ ମାନସିକ ଓ ଶାରୀରିକ ଦୃଷ୍ଟିରୁ ସୁସ୍ଥ ରଖିବା ପାଇଁ ଉପଯୁକ୍ତ ଆସନ କରିବା ନିହାତି ଦରକାର। ଏହି ଆସନ ଖାଲିପେଟରେ ଯେକୌଣସି ସମୟରେ କରାଯାଇପାରେ। ତେବେ ସକାଳ କିମ୍ବା ସନ୍ଧ୍ୟା ସମୟରେ କରିବା ଭଲ।



## ମଲ୍‌ବେରୀର ଲାଭ



ମଲବେରୀ ଏକପ୍ରକାର କୋଳି ଯାହାର ଅନେକ ଔଷଧୀୟ ଗୁଣ ରହିଛି। ଏହା ଜ୍ୱଳନକୁ ଶାନ୍ତ କରିଥାଏ ଓ ଶୋଷ ମେଂଟାଇଥାଏ। ଏହା କଫନାଶକ ଓ ଶରୀରରେ ଶୁଦ୍ଧ ରକ୍ତ ସୃଷ୍ଟି କରିଥାଏ। ପେଟରୁ କୃମି ନଷ୍ଟ କରିଥାଏ ମଲବେରୀ। ଏଥିରେ ଭିଟାମିନ ଏ କ୍ୟାଲେସିୟମ, ଫସଫରସ ଓ ପଟାସିୟମ ଅଧିକ ମାତ୍ରାରେ ମିଳିଥାଏ। ଯେଉଁମାନଙ୍କ ଶରୀରରେ ଅମ୍ଳ, ଆମବାତ, ଆଣ୍ଠୁଗଣ୍ଠି ଦରଜ ସମସ୍ୟା ରହିଛି ସେମାନଙ୍କ ପାଇଁ ମଲବେରୀ ବିଶେଷ ଲାଭଦାୟକ ହୋଇଥାଏ। ଚୀନରେ କିଡନୀ ଦୁର୍ବଳତା, ଥକ୍କାପଣ, ରକ୍ତହୀନତା ଓ ଅଚାନକ କେଶ ଧଳା ହେଉଥିଲେ ଔଷଧ ଭଳି ମଲବେରୀକୁ ବ୍ୟବହାର କରାଯାଇଥାଏ। ମଲବେରୀ ରସ ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ମଲବେରୀର ସର୍ବତ ମଧ୍ୟ ବଜାରରେ ଉପଲବ୍ଧ ହେଉଛି। ଏହା ମଲବେରୀ ଫଳ ପରି ଲାଭ ପ୍ରଦାନ କରିଥାଏ। ତେବେ ମଲବେରୀ ଅଧିକ ମାତ୍ରାରେ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ।

## ବର୍ଷାରେ ତ୍ୱଚାର ଯତ୍ନ



ବର୍ଷା ଋତୁର ଆର୍ଦ୍ରତା ଯୋଗୁଁ ଶରୀରରେ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ, ଯେଉଁ କାରଣରୁ ତ୍ୱଚାରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇଥାଏ।

– ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସୌନ୍ଦର୍ଯ୍ୟ ବିଶେଜ୍ଞେ ଶେହମଜ ହୁସେନ କହିଛନ୍ତି, ବର୍ଷାଋତୁରେ ପ୍ରଦ୍ୟୁଷଣରୁ ତ୍ୱଚାକୁ ମୁକ୍ତ ରଖିବାକୁ ଏହାକୁ ଡିପ୍ କ୍ଲିନଜିଂ କରନ୍ତୁ। ତୈଳାକ୍ତ ତ୍ୱଚା ପାଇଁ ଚାଉଳ ଚୂନାରେ କିଛି ପରିମାଣର ଗୋଲାପ ଜଳ ମିଶାନ୍ତୁ। ଶୁଷ୍କ ତ୍ୱଚା ପାଇଁ ବାଦାମ ଗୁଣ୍ଡରେ କ୍ଷୀର କିମ୍ବା ଦହି ମିଶାଇ ମୁହଁରେ ସ୍କ୍ରବିଂ କରନ୍ତୁ। ଅତ୍ୟଧିକ ସମ୍ବେଦନଶୀଳ ତ୍ୱଚାର ଯାହାର ସେମାନେ ସ୍କ୍ରବିଂ କରିବା ଅନୁଚିତ।

– ବର୍ଷା ଋତୁରେ ମୁହଁକୁ ବାରମ୍ବାର ତାଜା ପାଣିରେ ଧୁଅନ୍ତୁ। ଗୋଲାପ ଜଳରେ ବିଚ ହେଜେଲ ମିଶାଇ ସ୍କିନ ଟନିକ ବି ପ୍ରସ୍ତୁତ କରିପାରିବେ ବୋଲି ଶେହନାଜ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ନିଜକୁ ତାଜା ଅନୁଭବ ହେବା ସହିତ ମୁହଁରେ ଥିବା ଛିଦ୍ର ବନ୍ଦ ହେବାରେ ସାହାଯ୍ୟ କରିବ।

– ବର୍ଷାଦିନରେ ଝାଳ ବୋହି ଶରୀରରୁ ଜଳୀୟ ଅଂଶ କମିଯାଉଥିବାରୁ ଏହି ସର୍ମୟରେ ଅଧିକ ପାଣି, ଲେମ୍ବରସ, ଫଳ ପଇଡ଼ କିମ୍ବା ଫଳ ରସ ପିଇଲେ ତ୍ୱଚା ସୁସ୍ଥ ରହିବ।

– ଶେହନାଜ କହିଛନ୍ତି, ବର୍ଷା ଋତୁରେ କେଶର ଯତ୍ନ ପାଇଁ ଘରୋଇ ଉପଚାର ଗ୍ରହଣ କରିପାରିବେ।

## ଲଣ୍ଡା ମୁଣ୍ଡରେ ବିବାହକଲେ କନ୍ୟା



ନିଜ ବାହାଘର ଦିନଟି ସମସ୍ତଙ୍କ ପାଇଁ ଖାସ୍ ହୋଇଥାଏ। ଏହିଦିନ ସିଜେଇ ହୋଇ ବହୁତ ସୁନ୍ଦର ଦେଖାଯିବାକୁ ସବୁ ଝିଅମାନେ ଚାହାଁନ୍ତି। କାଲିଫର୍ଣ୍ଣିଆରେ ରହୁଥିବା ୨୭ ବର୍ଷିୟା କାଏଲି ବେମବେରଜି ଯେତେବେଳେ ନିଜ ବାହାଘର ଦିନ ଲୋକମାନଙ୍କ ସାମ୍ନାକୁ ଆସିଲେ, ତା ମୁଣ୍ଡରେ ଗୋଟିଏ ବି କେଶ ନଥିଲା। କିନ୍ତୁ ଏହାଦ୍ୱାରା ତାଙ୍କ ଆତ୍ମବିଶ୍ୱାସ ଜମାରୁ କମିନଥିଲା। ସେ ବହୁତ ସୁନ୍ଦର ବି ଦେଖାଯାଉଥିଲେ।। ପାରମ୍ପରିକ ଭାବେ କେଶକୁ ମହିଳାଙ୍କ ସୌନ୍ଦର୍ଯ୍ୟ ସହିତ ଯୋଡ଼ିକି ଦେଖାଯାଏ। ଏପରିସ୍ଥଳେ କେଶ ନଥିବା କନ୍ୟାଙ୍କ ବିଷୟରେ ଭାବିଲେ ବି ଅଜବ ଲାଗିଥାଏ। କାଏଲିଙ୍କ ମତରେ କୌଣସି ବ୍ୟକ୍ତିକୁ ବି ତା'ର ଶାରୀରିକ ଅସୁନ୍ଦରତା ଦେଖି କମ ମନେ କରିବା ଉଚିତ୍ ନୁହେଁ। ତେଣୁ ସେ ନିଜ ବାହାଘର ଦିନ ଏପରି ବେଶଧାରଣ କରିବାକୁ ସ୍ଥିର କରିଥିଲେ।

କାଏଲି ଆଲୋପେଶିୟା ରୋଗରେ ପୀଡ଼ିତ। ଯେଉଁ କାରଣରୁ ତାଙ୍କ ମୁଣ୍ଡର ସବୁ କେଶ ଝଡ଼ି ଯାଇଥିଲା। ଆଲୋପେଶିଆ ଏପରି ସ୍ଥିତି କେଶର ମୂଳକୁ ଏପରି ଦୁର୍ବଳ କରିଦେଇଥାଏ ଯେ, କେଶ ଆପେ ଆପେ ଝଡ଼ିପଡ଼େ। ମଣିଷର ମୁଣ୍ଡ କ'ଣ, ବରଂ ମୁଖମଣ୍ଡଳ, ଶରୀରର ଅନ୍ୟ ସ୍ଥାନରେ ଥିବା କେଶ ସବୁ ଝଡ଼ି ପଡ଼ିଥାଏ। କାଏଲି ୧୨ବର୍ଷ ହେଲା ଏହି ରୋଗରେ ପୀଡ଼ିତ। ଅନେକ ଦିନ ପର୍ଯ୍ୟନ୍ତ ସେ ୱିଗ୍ ପିନ୍ଧି ବୁଲିଥିଲେ। କିନ୍ତୁ ଗତ ୧୦ବର୍ଷ ହେଲା ସେ ୱିଗ୍ ପିନ୍ଧିବା ଛାଡ଼ି ଦେଇଛନ୍ତି। ସେସ ବିବାହ ଦିନ ବି ନକଲି କେଶକୁ ଲଗାଇବାକୁ ଚାହିଁ ନଥିଲେ। କାଏଲି ଗତବର୍ଷ ଅକ୍ଟୋବରରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

## ଉପନ୍ୟାସ ପଢ଼ିଲେ, ମସ୍ତିଷ୍କ ସକ୍ରିୟ ହୁଏ

ଉପନ୍ୟାସ ପଢ଼ିଲେ ମସ୍ତିଷ୍କ ଅଧିକ ସକ୍ରିୟ ହୁଏ। ଦଳେ ଛାତ୍ରଛାତ୍ରୀଙ୍କ ଉପରେ କ୍ରମାଗତ ଭାବେ ଉଣେଶଇ ଦିନ ଅଧ୍ୟୟନ କରି ଗବେଷକମାନେ ଏହି ସିଦ୍ଧାନ୍ତରେ ପହଂଚିଛନ୍ତି। ସେମାନଙ୍କୁ ରବର୍ଟ ହାରିସଙ୍କ 'ପମ୍ପେ' ଉପନ୍ୟାସ ପଢ଼ିବାକୁ ଦିଆଯାଇଥିଲା। ଉପନ୍ୟାସର କାହାଣୀ ଇଟାଲିର ମାଉଂଟ୍ ବିସୁଭିଅସ୍ ଆଗ୍ନେୟଗିରିର ଉଦଗିରଣ ଉପରେ ଆଧାରିତ। ଗବେଷଣାର ପ୍ରଥମ ପାଂ ଦିନରେ ପ୍ରତ୍ୟେକ ଦିନ ସକାଳେ ସମସ୍ତ ବିଦ୍ୟାର୍ଥୀଙ୍କର ମସ୍ତିଷ୍କ ବିଶ୍ରାମ କରୁଥିବା ବେଳେ ଏମଆରଆଇ କରାଯାଇଥିଲା। ତାହାପରେ ନଅଦିନ ପର୍ଯ୍ୟନ୍ତ ଦୈନିକ ସନ୍ଧ୍ୟାରେ



ତିରିଶ ପୃଷ୍ଠା ପଢ଼ିବାକୁ ଦେବାସହ ପରଦିନ ସକାଳେ ଏମଆରଆଇ କରାଯାଇଥିଲା। ପଠନ କାଳରେ ମସ୍ତିଷ୍କର ଏକ ଅଂଶ ମାତ୍ରାଧିକ ସକ୍ରିୟ ଥିବା ଏମଆରଆଇ ପରୀକ୍ଷାରୁ ଜଣାପଡ଼ିଥିଲା। ଥରେ ପଢ଼ିବା ପରେ ମସ୍ତିଷ୍କର ସକ୍ରିୟତା ଅନ୍ୟୂନ ପାଂଚଦିନ ରହୁଥିବା ଉକ୍ତ ଗବେଷଣା ସୂତ୍ରରୁ ପ୍ରକାଶ।

## ସେଲ୍‌ଫି ହେଲା କାଳ



କିଛି ଅନ୍ତରଙ୍ଗ ମୁହୂର୍ତ୍ତକୁ ସେଲ୍‌ଫି ସାହାଯ୍ୟରେ କଏଦ୍ କରି ରଖିବା ଭଲ କିନ୍ତୁ ବିପଦ ଅବସ୍ଥାରେ ସେଲ୍‌ଫି ଉଠାଇବା ମୁର୍ଖାମିର ପରିଚୟ ହୋଇଥାଏ। ଏହିଭଳି ଏକ ଘଟଣା ଘଟିଛି ବନରଘାଟ ବାୟୋଲୋଜିକାଲ ପାର୍କ ଭିତରେ। ହନୁମାନ୍ତନଗର ନିବାସୀ ୨୭ ବର୍ଷୀୟ ଅଭିଳାଶ ନିଜ ସାଙ୍ଗମାନଙ୍କ ସହ ପାର୍କ ବୁଲିବାକୁ ଯାଇଥିଲେ କିନ୍ତୁ ଦୁର୍ଭାଗ୍ୟବଶତଃ ସେହିଦିନ ପାର୍କ ବନ୍ଦ ଥିଲା। ପୂର୍ବରୁ ନିଶାସକ୍ତ ଥିବା ଯୁବକ ବନ୍ଦ ଥିବା ପାର୍କ ଭିତରକୁ ପ୍ରବେଶ କରି ବଣ୍ୟ ଜୀବଜନ୍ତୁଙ୍କ ପରିବନ୍ଦନର ନିକଟବର୍ତ୍ତୀ ହୋଇ ସେଲଫି ଉଠାଇବାକୁ ଲାଗିଲେ। ସେହି ସମୟରେ ଏକ ହାତୀ ପରିବନ୍ଦନ ପାଖରେ ଥିବା ଦେଖି ଅଭିଳାଷ ହାତୀ ସହିତ ଫଟୋ ଉଠାଇବାରେ ଲାଗିଲେ। ଯୁବକଙ୍କ ଏହି କାର୍ଯ୍ୟରେ ହାତୀଟି ରାଗିଯାଇ ଶୁଣ୍ଢରେ ତାଙ୍କୁ ଲହୁଲୁହାଣ କରିବା ପରେ ଯୁବକଙ୍କ ମୃତ୍ୟୁ ହୋଇ ଯାଇଥିଲା।

## ନିମ୍ନ ରକ୍ତଚାପରୁ ମୁକ୍ତି ପାଇଁ ଉପାୟ

ଲୋ ବ୍ଲଡ଼ ପ୍ରେସର ବା ନିମ୍ନ ରକ୍ତଚାପ ଏଭଳି ଏକ ରୋଗ ଯେଉଁଥିରେ ଧମନୀ ଓ ଶିରାପ୍ରଶିରାରେ ରକ୍ତପ୍ରବାହ କମ କରିଥାଏ, ହୃଦୟ ତଥା କିଡନୀ ଆଦି ଅଙ୍ଗକୁ ଅମ୍ଳଜାନ କମ ମିଳଥାଏ ତଥା ପୌଷ୍ଟିକ ପଦାର୍ଥ ପହଂଚିପାରି ନଥାଏ। ଫଳରେ ସେହି ଅଙ୍ଗ ଗୁଡ଼ିକ ଠିକ୍ ଭାବେ କାମ କରିପାରେ ନାହିଁ। ଏଥିପାଇଁ ମୁଣ୍ଡ ବୁଲାଇବା ଦୁର୍ବଳତା ଆଦି ଦେଖା ଯାଇଥାଏ। କେତେକ ଘରୋଇ ଉପାୟ ଆପଣେଇ ନିମ୍ନ ରକ୍ତଚାପରୁ ମୁକ୍ତି ପାଇପାରିବେ। ୧୦ ଗ୍ରାମ କିସ୍‌ମିସ୍ ଓ ୫୦ ଗ୍ରାମ ଦେଶୀ ଚଣା ରାତିରେ ଭିଜାଇ ଦିଅନ୍ତୁ। ସକାଳେ ଏହାକୁ ଏକ ପାତ୍ରରେ ଛାଣି ଦେଶୀ ଚଣା ଓ କିସ୍‌ମିସକୁ ମିଶାଇ ଚୋବେଇ ଚୋବେଇ ଖାଆନ୍ତୁ। ପରେ ପାଣି ପିଅନ୍ତୁ। ଯଦି ଦେଶୀ ଚଣା ନମିଳିବ ତେବେ କେବଳ କିସ୍‌ମିସ୍ ଖାଆନ୍ତୁ। ସେହିଭଳି ପେସ୍ତା ବାଦାମ ୩/୪ଟି ରାତିରୁ ଭିଜାଇ ଦିଅନ୍ତୁ। ସକାଳୁ ଏହାର ଚୋପା ଛଡ଼ାଇ ଚୋବାଇ ଖାଆନ୍ତୁ। ଏହା ବ୍ଲଡ଼ପ୍ରେସର ନିୟନ୍ତ୍ରଣ କରିଥାଏ। ଦୈନିକ ଅଁଳା ବା ଅଁଳାର ମୁରବା ସେବନ କଲେ ରକ୍ତଚାପ ନିୟନ୍ତ୍ରିତ ହୋଇତାଏ। ବିଟ୍ ରସ, ଡାଲଚିନି, ମହୁ ଆଦି ମଧ୍ୟ ନିମ୍ନ ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ।

## ନଖାଇକି ନୁହେଁ, ଖାଇକି କରନ୍ତୁ ଓଜନ ହ୍ରାସ : ରାତିରେ ପିଇବାକୁ ହେବ ଏହି ସବୁ ପରିବାରେ ତିଆରି ସୁପ୍

ଆଜିକାଲି ଓଜନ ହ୍ରାସ ନିଶା ସଭିଙ୍କୁ ଘାରିଛି। ସଭିଏଁ ଚାହାନ୍ତି ଫିଟ୍ ରହିବାକୁ। ମାତ୍ର ଖାଦ୍ୟକୁ ନିୟନ୍ତ୍ରଣରେ ରଖି ଫିଟ୍ ରହିବାକୁ କେହି ବି ଚାହାନ୍ତି ନାହିଁ। ସଭିଏଁ ଚାହାନ୍ତି ଆମେ ସବୁ ସ୍ୱାଦିଷ୍ଟ ଜିନିଷ ଖାଇବା ପରେ ଯେପରି ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରୁ। ତେବେ ଏପରି କିଛି ଖାଦ୍ୟ ଅଛି ଯାହାକୁ ଆପଣ ଖାଇବା ପୂର୍ବରୁ ଗ୍ରହଣ କରିବା ଦ୍ୱାରା ନିଜ ଓଜନକୁ ନିୟନ୍ତ୍ରଣରେ ରଖିପାରିବେ। କିଛି ଲୋକଙ୍କ କହିବା ମୁତାବକ କିଛି ଖାଇବା ମାତ୍ରେ ତୁରନ୍ତ ସେମାନଙ୍କ ଓଜନ ବଢ଼ିଯାଏ। ଓଜନ କମାଇବା ଚକ୍କରରେ ଅନେକ ସମୟରେ ନିଜ ପ୍ରିୟ ଖାଦ୍ୟକୁ ବି ତ୍ୟାଗ କରିବାକୁ ବି ପଡ଼ିଥାଏ। ମାତ୍ର ଏପରି କେତେ ଦିନ ବା କରିହେବ, କେତେ ଦିନ ବା ଖାଇବା ଉପରେ ଆୟତ୍ତ ରଖିବେ ଆପଣ ଏମିତି ବି ହୁଏ ଖାଦ୍ୟ କମାଇବା ଦ୍ୱାରା ଗ୍ୟାସ୍ ହେତୁ ମୋଟାପଣ ବଢ଼ିଥାଏ। ତେଣୁ, ଖାଇବା କମାଇ ଓଜନ କମାଇବା ଚିନ୍ତା କରିବା ନିହାତି ଭୁଲ୍ ନିଷ୍ପତ୍ତି। ଆପଣ ଯଦି ନିଜ ଓଜନ କମାଇବାକୁ ଚାହାନ୍ତି ତ ନିମ୍ନରେ ଯେଉଁ ସୁପ୍ ବିଷୟରେ ଲେଖାଯାଇଛି



ତାହାକୁ ପ୍ରତିଦିନ ଖାଇବା ପୂର୍ବରୁ ପିଅନ୍ତୁ। ପ୍ରଥମେ ୩ଟି ବିଲାତି ବାଇଗଣ, ୩ଟି ଗାଜର, ଏକ ଫୁଲକୋବି, ୬ଟି ପିଆଜ ନିଅନ୍ତୁ। ତାହାକୁ ଖୁବ୍ ସାନ ସାନ କରି କାଟିଦିଅନ୍ତୁ। ଏହା ସହିତ ୩ ବିଡ଼ା ଧନିଆ ପତ୍ର ବି କାଟିକି ରଖନ୍ତୁ। ପାରୁଛନ୍ତି ଯଦି ଅଧା ଗିନା ବିନ୍ସ କଟା ବି ନିଅନ୍ତୁ। ସବୁକୁ ମିଶାଇ ପାଣି ଦେଇ ସିଝେଇ ଦିଅନ୍ତୁ। ସେଥିରେ ଆବଶ୍ୟକ ପରିମାଣର ଲଙ୍କାଗୁଣ୍ଡ ଓ ଲୁଣ ମିଶାଇ ଦିଅନ୍ତୁ। ନିଜର ରୁଚି ଅନୁସାରେ ପାଣି ମାରିପାରନ୍ତି କିମ୍ବା ଅଧିକ ବି ଦେଇପାରନ୍ତି। ଏହି ସୁପ୍‌କୁ ଖାଦ୍ୟ ଖାଇବାର ୧୦ ମିନିଟ୍ ପୂର୍ବରୁ ପିଅନ୍ତୁ। ପାରୁଛନ୍ତି ଯଦି ରାତିରେ ଆଉ କିଛି ନଖାଇ ଏହାକୁ ପିଇକି ଶୋଇପାରନ୍ତି। ପ୍ରତିଦିନ ଏହାକୁ ପିଇବା ଦ୍ୱାରା ଆପଣଙ୍କ ଓଜନ ନିଶ୍ଚୟ ନିୟନ୍ତ୍ରଣରେ ରହିବ।

# ଜିଲ୍ଲା ମାନ୍ୟତା ଦାବିରେ ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ




କଣ୍ଟାବାଞ୍ଜି, ୨୨/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିକୁ ଜିଲ୍ଲା ମାନ୍ୟତା ଦାବି ନେଇ ଆଜି ୧୨ ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ପାଳିତ ହେଉଛି । ଜିଲ୍ଲା ସଙ୍ଘର୍ଷ ସମିତିର ଆହ୍ୱାନ କ୍ରମେ ଆଜି ଏହି ବନ୍ଦ ଡାକରା ଦିଆଯାଇଛି । ଆଜିର ଏହି ବନ୍ଦରେ ସମସ୍ତ ବ୍ୟାବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି । ଯାନବାହନ ଚଳାଚଳ ମଧ୍ୟ ବନ୍ଦ ରହିଛି । ଏଠାରେ ପ୍ରବଳ ବର୍ଷା ହେଉଥିଲେ ମଧ୍ୟ ସ୍ଥାନୀୟ ଇନ୍ଦିରା ଛକ ନିକଟରେ ଜିଲ୍ଲା ସଙ୍ଘର୍ଷ ସମିତିର କର୍ମକର୍ତ୍ତାମାନେ ରାସ୍ତା ଉପରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଆଜିର ଏହି ବନ୍ଦରେ ସହରର ୪୦ରୁ ଅଧିକ ସଂଗଠନ ସାମିଲ ହୋଇଛନ୍ତି । ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେବାର କାର୍ଯ୍ୟକ୍ରମ ରହିଛି । ଜିଲ୍ଲା ସଙ୍ଘର୍ଷ ସମିତିର ସଭାପତି ଶେଷଦେବ ପୁଟେଲ କାର୍ଯ୍ୟକାରୀ ସଭାପତି ବ୍ରଜ ଶ୍ୟାମ ଗୁରୁ, ଏନଏସି ଅଧକ୍ଷ ବରିୟାମ ସିଂହ ସାଲୁଜା, ବିଦେଶୀ ବେହେରା, ଅଜୟ ଅଗ୍ରୱାଲ, ପ୍ରଦୀପ ବାଗ, ଅମରଚନ୍ଦ ଶର୍ମା ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ଏଥିରେ ସାମିଲ ହୋଇ ବନ୍ଦ ପାଳନ କରୁଛନ୍ତି ।

# ଜିଲ୍ଲା ପ୍ରଶାସନର ତୁରେକେଲା ବ୍ଲକରେ ଜନଶୁଣାଣି କାର୍ଯ୍ୟକ୍ରମ

ବଲାଙ୍ଗୀର, ୨୨/୦୭ (ନି.ପ୍ର): ଅଗଷ୍ଟ ମାସ ପାଇଁ ଜିଲ୍ଲା ପ୍ରଶାସନର ଅଭିଯୋଗ ଶୁଣାଣି ସୂଚୀ ଅନୁସାରେ ଆଜି ତୁରେକେଲା ବ୍ଲକ ଅଫିସରେ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଛି । ବ୍ଲକ ଅଫିସରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଂଚଲ ରାଣା, ଆରକ୍ଷୀ ଅଧିକ୍ଷକ ଖିଲାରି ଋଷିକେଶ ଦ୍ୟାନଦେଓ, ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ଟିଟିଲାଗଡ ଉପଜିଲ୍ଲାପାଳ ଦୟାମୟ ପାଢୀ ଉପସ୍ଥିତ ରହି ଜନଶୁଣାଣି କରିଥିଲେ । ସମସ୍ୟା ମୂଳକ ମୋଟ ୬୪ଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା । ତନ୍ମଧ୍ୟରୁ ୨୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ମୂଳକ ଦରଖାସ୍ତ ହୋଇଥିବାବେଳେ ଅବଶିଷ୍ଟ ୩୭ ଗୋଟି ସାମୁହିକ ଦରଖାସ୍ତ ଦାଖଲ ହୋଇଥିଲା । ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଜନସାଧାରଣଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣୀ କରିଥିଲେ । ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ରେ ମୁଖ୍ୟମନ୍ତ୍ରୀ ରେଡକ୍ରସ ରିଲିଫ ପାଣ୍ଠିରୁ ରୀନା ନାଗଙ୍କୁ ଆର୍ଥିକ ପୁନର୍ବାସ ନିମନ୍ତେ ୨୦ହଜାର ଟଙ୍କାର ସହାୟତା ଅନୁମୋଦନ କରାଯାଇଥିଲା । ଏହି ଗ୍ରସ୍ତ ସମୟରେ ଜିଲ୍ଲାପାଳ ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ମଧ୍ୟ ସମୀକ୍ଷା କରିଥିଲେ । ବୁର୍ଲା ପ୍ରାଥମିକ ବିଦ୍ୟାଳୟ ଯାଇ ଛାତ୍ରଛାତ୍ରୀଙ୍କୁ ପାଠ ପଚାରିବା ସହ ସ୍କୁଲ ଘର ତଦାରଖ କରିଥିଲେ । ସେହି ଗ୍ରାମର କୁଡ଼ା ବନଛୋରଙ୍କ ଏକ ଦେଶୀ କୁକୁଡା ଉଦ୍ୟୋଗ ଏବଂ ଡ୍ରିପ ଲିଟର ପ୍ରଣାଳୀରେ ଗରଗଡବାହାଲ ଗ୍ରାମର ଫୁଲମତି ମାଝୀଙ୍କ ୫୦୦ଟି ବ୍ରଏଲର କୁକୁଡା ପାଳନ ଫାର୍ମ ବୁଲିଦେଖିଥିଲେ । କୁଜେନ ରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ହେଉଥିବା ମାଛଚାଷ ସ୍ଥାନ ବୁଲିବା ସହ ଆଗାମୀ ଦିନରେ କିପରି ଅଧିକ ମାତ୍ରାରେ ଚାଷ ହେବ ସେଥିପାଇଁ ତତ୍ପର ହେବାକୁ କହିଥିଲେ ।

# ୮୧ ତମ ମାଥିଲି ଗୁଳିକାଣ୍ଡ ଦିବସ ପାଳିତ

ମାଲକାନଗିରି, ୨୨/୦୭ (ନି.ପ୍ର): ୧୯୪୨ ମସିହା ଅଗଷ୍ଟ ୨୧ ମାଥିଲି ଥାନା ଘେରାଉ ସମୟରେ ଗୁଳିକାଣ୍ଡରେ ଦେଶ ପାଇଁ ପ୍ରାଣବଳି ଦେଇଥିବା ବୀର ସହିଦଙ୍କ ଦେଶ ପାଇଁ ଉତ୍ସର୍ଗ କୁ ମନେ ପକାଇ ଆଜି ମାଥିଲି ଠାରେ ୮୧ତମ ଗୁଳିକାଣ୍ଡ ଦିବସ ପାଳନ କରାଯାଇଛି ।ଆଜି ସକାଳ ୭ଟା ସମୟରେ ସହିଦ ସ୍ମୃତି କମିଟି ତରଫରୁ ୩୨୬ ନମ୍ବର ଜାତୀୟ ରାଜପଥ ଉଦୁଲିବେଡା ଠାରୁ ଦୀର୍ଘ ପାଂଚ କିଲୋମିଟର ମାଥିଲି ଥାନା ପର୍ଯ୍ୟନ୍ତ ମିନି ମାରାଥନ ଗଣଦୌଡ଼ ଆୟୋଜନ କରାଯାଇଥିଲା ।ଏହି ଗଣ ଦୌଡ଼ ରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶହ ଶହ ପ୍ରତିଯୋଗୀ ମାନେ ଭାଗ ନେଇଥିଲେ ଏବଂ ଗଣଦୌଡ଼ କୁ ମାଥିଲି ବ୍ଲକ ଅଧକ୍ଷ ମହେଶ କୁମାର ବାକା,ସ୍ମୃତି କମିଟି ସଭାପତି ଏମିଡି ଆକବର, ସମ୍ପାଦକ କୁନାଲ ମିଶ୍ର ଓ ମାଥିଲି ଥାନା ଅଧିକାରୀ ଦେବଦତ ମଲ୍ଲିକ ଶୁଭାରମ୍ଭ କରିଥିଲେ ।ଏହାପରେ ଦିନ ୧୧ ଟା ସମୟରେ ପୁରୁଣା ସହିଦ ଭବନ ଠାରେ ଥିବା ସହିଦ ଲକ୍ଷ୍ମଣ ନାୟକ ପ୍ରତିମୂର୍ତି ରେ ପୁଷ୍ପମାଲ୍ୟ ଦେବାପରେ ଏକ ବିରାଟ ମଶାଲ ଶୋଭାଯାତ୍ରା ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ଭବନ ଠାରୁ ବାହାରି ବସ ଷ୍ଟାଣ୍ଡ ଠାରେ ଥିବା ସହିଦଙ୍କ ପ୍ରତିମୂର୍ତି ଠାରେ ପୁଷ୍ପ ମାଲ୍ୟ ଦେଇ ମାଥିଲି ଥାନା ପରିସରରେ ଥିବା ଗୁଳିକାଣ୍ଡ ସ୍ତମ୍ଭ ନିକଟରେ ପହଞ୍ଚିଥିଲା ।ସେଠାରେ ଏକ ବିରାଟ ସଭା ଆୟୋଜନ ହୋଇଥିଲା ।ଏହା ପରେ ସ୍ଥାନୀୟ ସ୍ମୃତି ଭବନରେ ମଶାଲ ଶୋଭାଯାତ୍ରା ପହଂଚିବା ପରେ ସେଠାରେ ଆୟୋଜିତ ସହିଦ ସ୍ମୃତି ସଭାରେ ସମସ୍ତ ଲୋକ ପ୍ରତିନିଧି ବୀର ସହିଦ ଙ୍କ ସ୍ମୃତି ଚାରଣ କରିଥିଲେ ଏବଂ ଶହୀଦ ଙ୍କ ଉପରେ ଆଧାରିତ ପୁସ୍ତକକୁ ଉନ୍ମୋଚିତ କରିଥିଲେ । ଏହି ବିଶାଳ ମଶାଲ ଶୋଭାଯାତ୍ରାରେ ରେ ଜିଲ୍ଲା ତଥା ମାଥିଲି ବ୍ଲକର ଜନ ସାଧାରଣଙ୍କ ତଥା ସମସ୍ତ ଛାତ୍ର ଛାତ୍ରୀଙ୍କ ଅଭୂତ ପୂର୍ବ ସହଯୋଗ ଓ ବୀର ସହିଦଙ୍କ ପ୍ରତି ସମ୍ମାନ ଦେଖିବା ପାଇଁ ହଜାର ହଜାର ଜନସମାଗମ ଦେଖିବାକୁ ମିଳିଥିଲା ।ଏହି ଗୁଳିକାଣ୍ଡ ଦିବସ ପାଳନ ଅବସରରେ ସାଂସଦ ରମେଶ ଚନ୍ଦ୍ର ମାଝୀ, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା,ପୂର୍ବତନ ବିଧାୟକ ମାନସ ମାଡକାମୀ,ଜିଲ୍ଲା ସ୍ୱତନ୍ତ୍ର ପରିଷଦ ଅଧକ୍ଷ ଆଡମା ରାବା, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସମାରି, ତାଙ୍ଗୁଲ,ନୃସିଂହ ମହାନ୍ତି ଙ୍କ ସହ ସମସ୍ତ ସହିଦଙ୍କ ପରିବାର ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ।

# ଡେଙ୍ଗୁ ନିୟନ୍ତ୍ରଣରେ ରାଜ୍ୟ ସରକାର ବିଫଳ : ବିଜେପି

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ରାଜ୍ୟରେ ଡେଙ୍ଗୁ ରୋଗ ନିୟନ୍ତ୍ରଣହୀନ ହୋଇପଡିଥିବାବେଳେ, ମୁକାବିଲାରେ ରାଜ୍ୟ ସରକାର "ପଙ୍ଗୁ" ହୋଇପଡିଛନ୍ତି । ରାଜ୍ୟସାରା ଡେଙ୍ଗୁ ରୋଗ ଆତଙ୍କ ସୃଷ୍ଟି କରିଛି ଏବଂ ବିଶେଷ ଭାବେ ଦୈତନଗରୀ ଭୁବନେଶ୍ୱର ଓ କଟକରେ ଏହା ଭୟଙ୍କର ରୂପ ନେଇଛି । କେବଳ ଭୁବନେଶ୍ୱରରେ ୧୫ଶହ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୨୦ ରୁ ଅଧିକ ପୀଡିତଙ୍କ ମୃତ୍ୟୁ ସମସ୍ତଙ୍କୁ ଭୟଭୀତ କରିଛି । ଦୈତନଗରୀ ଭୁବନେଶ୍ୱର ଓ କଟକର ପ୍ରତି ତୃତୀୟ ଘରେ ଡେଙ୍ଗୁ ପୀଡିତ । ୨୩ ବର୍ଷ ଶାସନରେ ଥିବା ସତ୍ତ୍ୱେ ବିଜେଡି ସରକାରର 'ପରିମଳ ପରିଚାଳନା' ସମ୍ପୂର୍ଣ୍ଣ ଫେଲ ହୋଇଥିବାରୁ ଡେଙ୍ଗୁ ରୋଗ ପ୍ରତି ବର୍ଷ ବୃଦ୍ଧି ପାଇଚାଲିଛି । 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ବୋଲି କହୁଥିବା ମୁଖ୍ୟମନ୍ତ୍ରୀଙ୍କ ପାଇଁ ଡେଙ୍ଗୁରେ ଆକ୍ରାନ୍ତ ପୀଡିତଙ୍କ ଜୀବନ କ'ଣ ମୂଲ୍ୟହୀନ ବୋଲି ରାଜ୍ୟ ବିଜେପି ମୁଖପାତ୍ର ଦିଲୀପ ମହାନ୍ତି ପ୍ରଶ୍ନ କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଲୋକଙ୍କ ଘରୁ ମଶା ବାହାରିଲେ ଜୋରିମାନା ଦେବାକୁ ହେବ - ଏଭଳି ଅଦ୍‌ଭୁତ ଆଇନ ପ୍ରଣୟନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନର ଚରମ ଅବହେଳା କାରଣରୁ ରାସ୍ତା ଘାଟ, ନାଳ ନର୍ଦ୍ଦମାର ଦୁର୍ଦ୍ଦଶା ଚରମ ସୀମା ଅତିକ୍ରମ କରିଛି । ବର୍ଷା ପାଣି ଜମା ରହି ମଶା ବଂଶ ବୃଦ୍ଧିରେ ସହାୟକ ହେଉଛି । ରାଜ୍ୟ ସରକାର ସଠିକ୍ ସମୟରେ ମଶା ନିୟନ୍ତ୍ରଣର କାମ କଲେ ନାହିଁ । ମଶାତେଲ, ଜାଗା ଚିହ୍ନଟ କରି ଉପଯୁକ୍ତ ପଦକ୍ଷେପ ନେଲେ ନାହିଁ । ଡେଙ୍ଗୁ ରୋଗ ନିୟନ୍ତ୍ରଣହୀନ ହେବା ପରେ ନିଜ ଦୋଷ ଦୁର୍ବଳତାକୁ ଲୁଚାଇ ମିଛ ପ୍ରଚାର ପ୍ରସାର କରି ବାଃ ବାଃ ନେବା ପାଇଁ ଉଦ୍ୟମ କଲେ ସତ, କିନ୍ତୁ ଗ୍ରାଉଣ୍ଡ ଜିରୋରେ କୌଣସି ପଦକ୍ଷେପ ନେଲେ ନାହିଁ । ଏପରିକି ଲୋକେ ଡେଙ୍ଗୁରେ ପ୍ରାଣ ହରାଉଥିଲେ ବି ଡେଙ୍ଗୁ ମୃତ୍ୟୁକୁ ସ୍ୱୀକାର ନକରି ବିଜେଡିର ନେତା ଓ ମନ୍ତ୍ରୀମାନେ ନିଜ ଦାୟୀତ୍ୱ କର୍ତବ୍ୟରୁ ପଳାୟନପନ୍ଥୀ ହେଲେ । ବର୍ତମାନ ସୁଦ୍ଧା ରାଜ୍ୟରେ ଡେଙ୍ଗୁ ରୋଗରେ କେତେ ଲୋକଙ୍କ ମୃତ୍ୟୁ ହୋଇଛି, ତାଙ୍କୁ କେଉଁ ସହାୟତା ମିଳିବ ଓ ଯେଉଁମାନେ ଚିକିତ୍ସିତ ଅଛନ୍ତି ସେମାନଙ୍କ ପାଇଁ କଣ ବ୍ୟବସ୍ଥା କରାଯାଇଛି ? ରାଜ୍ୟ ସରକାର ତାହା ସାର୍ବଜୀନନ କରନ୍ତୁ ବୋଲି ଶ୍ରୀ ମହାନ୍ତି ଦାବି କରିଛନ୍ତି । ସ୍ମାର୍ଟ ସିଟି ରାଜଧାନୀ ଭୁବନେଶ୍ୱରର ବିଜେଡି ସରକାରରେ "ଡେଙ୍ଗୁ" ବି ବିଶ୍ୱସ୍ତରୀୟ ଏବଂ ଏହାକୁ ଏକ ଉପହାର ଭାବେ ବିଏମସି ଭୁବନେଶ୍ୱରବାସିନ୍ଦାଙ୍କୁ ପ୍ରଦାନ କରିଛି । ପ୍ରତ୍ୟେକ ଦିନ ରାଜଧାନୀର ଡେଙ୍ଗୁ ରୋଗୀ ହସ୍ପିଟାଲରେ ଭର୍ତି ହୋଇଥିଲେ ବି ସେମାନଙ୍କ ପାଇଁ "ବେଡ୍"ର ସୁବିଧା ନାହିଁ । ନାଳ ନର୍ଦ୍ଦମା ସଫା ଆଳ କରି ସମସ୍ତ ଡ୍ରେନ ଓ ନାଳ ଖୋଲି ଦିଆଗଲା ସତ, କିନ୍ତୁ ଅଧାପନ୍ତରିଆ ହୋଇ ସଫା କାର୍ଯ୍ୟ ରହିଗଲା । କେଉଁଠି ସଫା ହେଲା ନାହିଁ ତ, ଆଉ କେଉଁଠି ଡ୍ରେନକୁ ଘୋଡା ଗଲା ନାହିଁ । ନାଳ ନର୍ଦ୍ଦମାରୁ ବାହାରିଥିବା ଆବର୍ଜନାକୁ ହଟା ଗଲା ନାହିଁ । ବିଏମସି ମେୟର ବୁଲି ବୁଲି ଯାହା ପ୍ରଚାର କରିଥିଲେ, ତାର ଠିକ ବୀପରିତ କାର୍ଯ୍ୟ କରାଗଲା । ଖର୍ଚ୍ଚ ପାଇଁ ଆସିଥିବା ଟଙ୍କାକୁ ମିଳିମିଶି ଖାଇଗଲେ । ମେୟର ଓ କମିଶନର ମିଥ୍ୟା ପ୍ରତିଶ୍ରୁତି ପାଇଁ ରାଜଧାନୀବାସୀ କାହିଁକି ସର୍ବଦା ଦୁଃଖ ଭୋଗିବେ ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ।

# ବିଜେପି ପକ୍ଷରୁ ୧୨ ଘଣ୍ଟିଆ ଭୁବନ ବନ୍ଦ: ପାନୀୟ ଜଳ, ରାସ୍ତା ସହ ଡାକ୍ତର ଓ ଶିକ୍ଷକ ନିଯୁକ୍ତି ଦାବି




ଭୁବନ, ୨୨/୦୭ (ନି.ପ୍ର): ବାର ଦଫା ଦାବିରେ ଢେଙ୍କାନାଳ ଜିଲ୍ଲା ଭୁବନ ବନ୍ଦ । ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଛି କାମାକ୍ଷାନଗର ବିଜେପି । ବନ୍ଦର ପ୍ରଭାବରେ ଜନଜୀବନ ପ୍ରଭାବିତ ହୋଇଥିବା ଜଣାଯାଇଛି । ପାନୀୟ ଜଳ, ରାସ୍ତା ସହ ଡାକ୍ତର ଓ ଶିକ୍ଷକ ନିଯୁକ୍ତି ଆଦି ସମେତ ୧୨ଟି ଦାବିରେ ବନ୍ଦ ପାଳନ କରାଯାଉଛି । ଆଜି ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଏହି ବନ୍ଦ ପାଳିତ ହେଉଛି । ଆଜି ଭୁବନରେ ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ସବୁ ବନ୍ଦ ରହିଛି । ଭୁବନରୁ କଟକ, ଢେଙ୍କାନାଳ ଏବଂ ଯାଜପୁର-ଅନୁଗୁଳକୁ ଯାନବାହନ ଚଳାଚଳ ବନ୍ଦ ରହିଛି । ତେବେ ଜରୁରୀ ସେବାକୁ ବନ୍ଦରୁ ବାଦ ଦିଆଯାଇଛି । ସହରର ବିଭିନ୍ନ ସ୍ଥାନରେ ପିକେଟିଂ ଓ ଧାରଣା ଜାରି ରହିଛି । ଗତ ନିର୍ବାଚନରେ କାମାକ୍ଷାନଗର ବିଜେପି ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇଥିବା ଶତ୍ରୁଘ୍ନ ଜେନା, ନଗର ସଭାପତି ଭବାନୀଶଙ୍କର ବେହେରା, ପୂର୍ବତନ ବ୍ଲକ୍ ଅଧକ୍ଷ ପ୍ରେମାନନ୍ଦ ଜେନା, ନିର୍ବାଚନ ମଣ୍ଡଳର ସଂଯୋଜକ ଜଗବନ୍ଧୁ ପୃଷ୍ଟି ଏବଂ ଭୁବନ ଏନଏସିର ୭ ଜଣ ବିଜେପି କାଉନସିଲର୍ ଏହି ବନ୍ଦ ପାଳନର ନେତୃତ୍ୱ ଦନଇଛନ୍ତି । ଏନେଇ ଗତ ନିର୍ବାଚନରେ କାମାକ୍ଷାନଗର ବିଜେପି ବିଧାୟକ ପ୍ରାର୍ଥୀ ହୋଇଥିବା ଶତ୍ରୁଘ୍ନ ଜେନା କହିଛନ୍ତି, ଭୁବନର ବିକାଶ ନାଁ ରେ କେବଳ ଶାସକଗୋଷ୍ଠୀ ତଥା ତାଙ୍କର କର୍ମୀମାନେ ଉପକୃତ ହେଇଛନ୍ତିଓ ଏଠାରେ ଠିକାଦାର ପୋଷଣ ଚାଲିଛି । ଜଣେ ସାଧାରଣ ନାଗରିକ କଣ ପାଇଛି ବୋଲି ପ୍ରଶ୍ନ କରିଛନ୍ତି ବିଜେପି ବିଧାୟକ ପ୍ରାଥୀ ଶତ୍ରୁଘନ ଜେନା । ପାନୀୟ ଜଳ ସଠିକି ସମୟରେ ଦିଆଯାଉନାହିଁ । ଡାକ୍ତରଖାନାରେ ଆଠ ଡାକ୍ତରଙ୍କ ସ୍ଥାନରେ ମାତ୍ର ପାଞ୍ଚଜଣ ଅଛନ୍ତି । ପ୍ରତିଦିନ ଜଣେ କିମ୍ବା ଦୁଇଜଣ ପାଳି କରି ଆସୁଛନ୍ତି । ପାଥୋଲାବରେ ୩ ଜଣ ଟେକ୍ନିକାଲ ଅଧିକାରୀଙ୍କ ବଦଳରେ ଜଣେ ସେ ପୁଣି କାମାକ୍ଷାନଗର ମଠକାର ଗୋଳାରେ ଡିଉଟିରେ ଥିବାରୁ କିଛି ବି ଟେଷ୍ଟ ହେଇ ପାରୁ ନାହିଁ । ମେଡିସିନ ସବୁ ଠିକରେ ମିଳୁନାହିଁ । ଏପରିକି ସାଲାଇନ ପାଇପ ବାହାରୁ କିଣିବାକୁ ପଡୁଛି । ଭୁବନ ହାଇସ୍କୁଲରେ ଏନସିସି ଶିକ୍ଷକ ନିଯୁକ୍ତି ହୋଇପାରିଲା ନାହିଁ । ପୁରୁଣା ଥାନାରେ ଯଦି ଆହାର କେନ୍ଦ୍ର ହେଇ ପାରିଲା ତେବେ ପାରିବା ମାର୍କେଟ କାହିଁ ହେବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି ।

# ବିଏମସି ଅଫିସ ଆଗରେ କର୍ପୋରେଟରଙ୍କ ଧାରଣା

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ବିଏମସି ଅଫିସ ଆଗରେ ଭୁବନେଶ୍ୱର ମହାନଗର ନିଗମର ୱାର୍ଡ ନଂ ୬୩ ର କର୍ପୋରେଟର ସୁଜାତା ଛୋଟରାୟ ସେହି ଅଂଚଳର ବାସିନ୍ଦାଙ୍କ ସହ ଧାରଣାରେ ବସିଛନ୍ତି । ବିଜେପି କର୍ପୋରେଟର ହୋଇଥିବାରୁ ସେହି ୱାର୍ଡରେ ଜନସାଧାରଣଙ୍କ ମୌଳିକ ସୁବିଧା ଯୋଗାଇବା ପାଇଁ ଚେଷ୍ଟା କଲେ ମଧ୍ୟ ସ୍ଥାନୀୟ ମନ୍ତ୍ରୀଙ୍କ ଚାପରେ ଅଫିସର ମାନେ କାମ କରେଇଦେଉ ନାହାନ୍ତି । ଡ୍ରେନ ଓ ରାସ୍ତା କାମ ପାଇଁ ଟେଣ୍ଡର ଏବଂ ୱାର୍କ ଅଡର ସରି ଠିକାଦାର କାମ ଆରମ୍ଭ କଲା ବେଳେ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ନେତୃତ୍ୱରେ କିଛି ବିଜେଡିର କର୍ମୀ କାମ ବନ୍ଦ କରୁଥିବା କର୍ପୋରେଟର ଅଭିଯୋଗ କରିଛନ୍ତି । ରାଜ୍ୟ ସରକାରଙ୍କ ଭତା ବଂଟନ, ଜାଗା ମିଶନରେ ପଟ୍ଟା ବଂଟନ, ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ କର୍ପୋରେଟରଙ୍କୁ ଡକାଯାଉ ନଥିବା ଅଭିଯୋଗ ହୋଇଛି । ସଙ୍ଘୀୟ ବ୍ୟବସ୍ଥାରେ କର୍ପୋରେଟର ମାନଙ୍କ ଅଧିକାରକୁ ସରକାରୀ ଦଳ ଅବମାନନା କରୁଛି ଓ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବାରେ ବାଧକ ସୃଷ୍ଟି କରୁଛି । ଲୋକଙ୍କ ବିକାଶ କାମରେ ରାଜନୀତି ବନ୍ଦ କର । ୱାର୍ଡ ରେ କୌଣସି ବିକାଶ କାର୍ଯ୍ୟ ହେଉନାହିଁ ଏହାକୁ ନେଇ ବାରମ୍ବାର ମେୟର ଓ କମିଶନରଙ୍କୁ ଭେଟି ଜଣାଇବା ପରେ ମଧ୍ୟ ସମସ୍ତେ ନୀରବ ବୋଲି କର୍ପୋରେଟର ଶ୍ରୀମତୀ ଛୋଟରାୟ ଅଭିଯୋଗ କରିଛନ୍ତି ।

# ବଲାଙ୍ଗୀର ବନ ବିଭାଗର ଆମର ପସରା ଷ୍ଟଲ : ଭଲ ଆୟ ସହିତ ସମ୍ପ୍ରଦାୟକୁ ଉନ୍ନତ କରୁଛି

ବଲାଙ୍ଗୀର, ୨୨/୦୭ (ନି.ପ୍ର): ବିଗତ କିଛି ଦିନ ଧରି, ଆମ ବଲାଙ୍ଗୀର ବନ ବିଭାଗର 'ଆମର ପସରା' ଷ୍ଟଲ୍ କାର୍ଯ୍ୟକଳାପରେ ବ୍ୟସ୍ତ ଥିଲା !! ଅଗରବତୀ ଠାରୁ ଆରମ୍ଭ କରି ବାଉଁଶ ଶିଳ୍ପ, ଏବଂ ହଳଦି ପାଉଡର, ହାତୀ ମାଟି ପ୍ରତିମୂର୍ତି ଏବଂ ଗଣେଶ ପ୍ରତିମୂର୍ତି ପରି ବିଭିନ୍ନ ପ୍ରକାରର ଉତ୍ପାଦ ଆମ ଗ୍ରାହକଙ୍କ ହୃଦୟରେ ସ୍ଥାନ ପାଇଛି । ଏହି ଅବିଶ୍ୱସନୀୟ ପଦକ୍ଷେପ ଏପର୍ଯ୍ୟନ୍ତ ମୋଟ ଜଷ୍ଟ. ୭୨,୮୦୦ ଟଙ୍କା ଆଣିଛି । ଆହୁରି ପ୍ରେରଣାଦାୟକ ବିଷୟ ହେଉଛି ଏହି ପ୍ରୟାସ କେବଳ ବାଣିଜ୍ୟ ଅପେକ୍ଷା ଅଧିକ - ଏହା ସମ୍ପ୍ରଦାୟକୁ ଉନ୍ନତ କରିବା ବିଷୟରେ । 'ଆମର ପସରା' କୁ ସମର୍ଥନ କରି, ଆପଣ ବିଭିନ୍ନ ବନ ସୁରକ୍ଷା ସମିତି ର ଜୀବିକା ନିର୍ବାହରେ ସହଯୋଗ କରୁଛନ୍ତି । ଏହି ସମ୍ପ୍ରଦାୟର ଜୀବନ ମାଧ୍ୟମରେ ଏହା ପ୍ରତିଧ୍ୱନିତ ହୋଇ ସେମାନଙ୍କ ଜୀବିକା ଉପରେ ଏକ ମହତ୍ୱପୂର୍ଣ୍ଣ ପ୍ରଭାବ ସୃଷ୍ଟି କରେ । 'ଆମର ପସରା' ରୁ ଆପଣ କରୁଥିବା ପ୍ରତ୍ୟେକ କ୍ରୟ ଏକ ସବୁଜ ପରିବେଶ ଏବଂ ଏକ ଶକ୍ତିଶାଳୀ ସ୍ଥାନୀୟ ଅର୍ଥନୀତିରେ ସିଧାସଳଖ ଅବଦାନ କରିଥାଏ । ଏକତ୍ର, ଆମେ କେବଳ ସପିଂ କରୁନାହୁଁ, କିନ୍ତୁ ସମସ୍ତଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରୁଛୁ । ଦୟାକରି ଆମର ଆପ୍ "ମୋ ସବୁଜ ବାଲାଙ୍ଗୀର" ସଂସ୍ଥାପନ କରନ୍ତୁ ଏବଂ କୌଣସି ଜଙ୍ଗଲ ଅପରାଧ ସମ୍ବନ୍ଧରେ ଆମକୁ ଗୋପନୀୟ ସୂଚନା ପ୍ରଦାନ କରନ୍ତୁ । ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣଙ୍କର ବ୍ୟକ୍ତିଗତ ବିବରଣୀ ଗୋପନୀୟ ରଖାଯିବ ବୋଲି ବନଖଣ୍ଡ ଅଧିକାରୀ ନୀତିଶ କୁମାର ପ୍ରକାଶ କରିଛନ୍ତି ।

# ତିନୋଟି ସନ୍ତାନ ପାଇଁ ସରପଂଚ ପଦବୀ ହରାଇଲେ ଝିଲିପ୍ରଭା : ବିଜେଡି ସମର୍ଥିତ ଦେବଶ୍ରୀ ଦାଶ ବିଜୟୀ

ଭୁବନ, ୨୨/୦୭ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଏକତାଳି ପଂଚାୟତ ର ସରପଂଚ ଝିଲୀପ୍ରଭା ବେହେରା ୩ ଟି ସନ୍ତାନ ଯୋଗୁ ତାଙ୍କ ପଦବୀ ହରାଇଛନ୍ତି । ଶ୍ରୀମତୀ ବେହେରା ୩ ଟି ସନ୍ତାନ ର ଜନନୀ ହୋଇ ମଧ୍ୟ ଗତ ପଂଚାୟତ ନିର୍ବାଚନ ରେ ସରପଂଚ ପ୍ରାର୍ଥୀନୀ ହୋଇ ବିଜୟୀ ହୋଇଥିଲେ । ସେ ତାଙ୍କ ପ୍ରତିଦ୍ୱନ୍ଦୀ ଦେବଶ୍ରୀ ଦାଶ ଙ୍କୁ ୧୪୭ ଖଣ୍ଡ ଭୋଟ ରେ ପରାସ୍ତ କରିଥିଲେ । ପରବର୍ତୀ ସମୟରେ ପରାଜିତ ସରପଂଚ ପ୍ରାର୍ଥୀନୀ ଶ୍ରୀମତୀ ଦ୍ୱେଶ୍ରୀ ଦାଶ ଭୁବନ ଜେ ଏମ ଏଫ୍ ସି କୋର୍ଟ ରେ ଝିଲୀପ୍ରଭା ଙ୍କ ବିରୋଧରେ ୩ ଟି ସନ୍ତାନ ର ଜନନୀ ବୋଲି ମାମଲା ରୁଜୁ କରିଥିଲେ । ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ଜବାବ ସୁଆଲ ଏବଂ ଗ୍ରାମ ପଂଚାୟତ ଆଇନ ୟୁ/ଏସ -୨୫ (ଆଇ) ( ଭି )ଆଧାର ରେ ଜେ ଏମ ଏଫ୍ ସି ଶ୍ରୀମତୀ ପୁନମ ସେଠ ପ୍ରତିପକ୍ଷ ଦେବଶ୍ରୀ ଦାଶ ଙ୍କୁ ବିଜୟୀ ଘୋଷଣା କରିଥିଲେ ।କୋର୍ଟର ଏହି ରାୟ ସମ୍ପର୍କରେ ଭୁବନ ବିଡ଼ିଓ ଏବଂ ଢ଼େଙ୍କାନାଳ ଜିଲ୍ଲାପାଳଙ୍କୁ ଚିଠି ଦ୍ୱାରା ଅବଗତ କରାଯାଇଛି । ବିଦାୟୀ ସରପଂଚ ଝିଲିପ୍ରଭା ବେହେରା ତିନୋଟି ସନ୍ତାନ ର ଜନନୀ ଥାଇ ଏହା ପୂର୍ବରୁ ୨୦୧୨ ରୁ ୨୦୧୭ ପୁରା ପାଂଚ ବର୍ଷ ସରପଂଚ ଦାୟିତ୍ୱରେ ରହିଥିଲେ । ସେହି ସମୟରେ ମଧ୍ୟ ତାଙ୍କ ବିରୋଧରେ ମାମଲା ଚାଲିଥିଲା । କୋର୍ଟ ଦ୍ୱାରା ବିଜୟୀ ଘୋଷିତ ହୋଇଥିବା ଦେବଶ୍ରୀ ଙ୍କ ସ୍ୱାମୀ ମାନସ କୁମାର ଦାଶ ୨୦୦୨ ରୁ ୨୦୦୭ ପର୍ଯ୍ୟନ୍ତ ସରପଂଚ ଥିଲେ । କୋର୍ଟ ରାୟ ପରେ ଏହି ବିଜୟ ଏକତାଳି ପଂଚାୟତ ବାସୀଙ୍କ ବିଜୟ ,ଧର୍ମ ର ବିଜୟ ବୋଲି ଦେବଶ୍ରୀ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଦେବଶ୍ରୀ ଶାସକ ଦଳ ସମର୍ଥିତ ପ୍ରାର୍ଥୀନୀ ହୋଇଥିବାରୁ ସାରା ପଂଚାୟତ ରେ ବିଜେଡ଼ି ମହଲ ରେ ଆନନ୍ଦ ପ୍ରକାଶ ପାଇଛି ।

# ବଢୁଛନ୍ତି ଋଣ ବାକିରଖିଥିବା ଏସ୍ଏଚ୍‌ଜି : ୪୦ ହଜାର ଦେଇ ନାହାନ୍ତି ୪୮୦ କୋଟି



ଭୁବନେଶ୍ୱର, ୨୨/୦୭ (ନି.ପ୍ର): ରାଜ୍ୟର ୪୦ ହଜାର ୭୩୨ ଏସଏଚ୍‌ଜି ଫେରାଇ ନାହାନ୍ତି ସମବାୟ ବ୍ୟାଙ୍କର ଋଣ । ୪ ବର୍ଷ ମଧ୍ୟର ଯେତେ ସଂଖ୍ୟକ ଏସଏଚ୍‌ଜି ଋଣ ପାଉନାହାନ୍ତି ତା ଠାରୁ ଅଧିକ ସଂଖ୍ୟକ ଏସଏଚ୍‌ଜି ବକେୟା ତାଲିକାରେ ଯୋଡ଼ି ହୋଇଥିବା ନେଇ ସମବାୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଏସଏଚ୍‌ଜି ରହିଛନ୍ତି । ମିସନ ଶକ୍ତି ରାଜ୍ୟ ଋଣ ସୁଧ ରିହାତି ଯୋଜନା ଅନ୍ତର୍ଗତରେ ଜୀବିକା ଏବଂ ଉଦ୍ୟମିତା କାର୍ଯ୍ୟରେ ପ୍ରୋତ୍ସାହନ ଭଳି ମହତ ଲକ୍ଷ୍ୟ ନେଇ ସମବାୟ ବ୍ୟାଙ୍କ କିମ୍ବା ସମବାୟ ସମିତି ପକ୍ଷରୁ ଏସଏଚ୍‌ଜିମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ପ୍ରଦାନ କରାଯାଉଛି । ୨୦୧୩ ମସିହାରେ ୨ ପ୍ରତିଶତ ସୁଧ ହାରରେ ୩ ଲକ୍ଷ ଟଙ୍କା, ୨୦୧୫ ମସିହାରେ ଏହାକୁ ୧ ପ୍ରତିଶତ ଏବଂ ୨୦୧୯ ମସିହାରୁ ବିଧା ସୁଧରେ ଋଣ ଦିଆଯାଉଛି । ଚଳିତ ବର୍ଷ ଜୁଲାଇ ମାସ ସୁଦ୍ଧା ୪୬୫୩ ଏସଏଚଜିଙ୍କୁ ୧୪୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଛି । ୪ ବର୍ଷ ମଧ୍ୟରେ ୨୦୨୧ ମସିହା ପର୍ଯ୍ୟନ୍ତ ମହିଳା ଏସଏଚ୍‌ଜିଙ୍କ ସହିତ ଅନ୍ୟ ଏସଏଚ୍‌ଜିଙ୍କୁ ମଧ୍ୟ ଋଣ ଦିଆଯାଉଥିଲା । ଅର୍ଥାତ ୨୦୧୯ରେ ୯୨୦, ୨୦୨୦ରେ ୧୯, ୨୦୨୧ରେ ୨୨ ରେ ମହିଳା ଭିନ୍ନ ଅନ୍ୟ ଏସଏଚ୍‌ଜିମାନଙ୍କୁ ବିଧା ସୁଧରେ ଋଣ ଦିଆଯାଇଛି । ଟଙ୍କା ବାକିଥିବା ତାଲିକାରେ ଏହି ଏସଏଚ୍‌ଜିମାନେ ମଧ୍ୟ ରହିଛନ୍ତି । ପରିବା, ଫୁଲ, ମିଲେଟ୍ ଠାରୁ ଆରମ୍ଭ କରି ଉଭୟ ଗାଁ ଏବଂ ସହର ସ୍ତରରେ ବ୍ୟାବସାୟିକ କାର୍ଯ୍ୟରେ ଏସଏଚ୍‌ଜିମାନେ ଅନେକ ଉଦାହରଣ ସୃଷ୍ଟି କରୁଛନ୍ତି । ଏପରିକି ଧାନ ସଂଗ୍ରହ ଭଳି ଯେଉଁ କାର୍ଯ୍ୟ କେବଳ ପୁରୁଷ ପ୍ରାଧାନ୍ୟ ଥିଲା ସେଥିରେ ମଧ୍ୟ ମହିଳାମାନେ ପ୍ରବେଶ କରି ସଫଳତା ହାସଲ କରିଛନ୍ତି । କିନ୍ତୁ ଏହାବାଦ ରାଜ୍ୟର ଅନେକ ଏସଏଚ୍‌ଜିଙ୍କ ବିରୋଧରେ ସରକାରଙ୍କ ଠାରୁ ମିଳୁଥିବା ରିହାତି ସୁଧରେ ସେମାନେ ଋଣ କାରବାର କରୁଥିବା ଅଭିଯୋଗ ହେଉଛି । ଦ୍ୱିତୀୟତଃ ଅନେକ କ୍ଷେତ୍ରରେ କିଛି ହୀନ ପ୍ରକୃତିର ବ୍ୟକ୍ତି ସହଜରେ ଋଣ ପାଇବା ପାଇଁ ଏସଏଚ୍‌ଜିଙ୍କୁ ହାତ କରୁଛନ୍ତି ଋଣ ନେଇ ଫେରାର ହୋଇ ଯାଉଛନ୍ତି । ଏଭଳି ସ୍ଥିତିରେ ଏସଏଚ୍‌ଜିଙ୍କୁ କଳା ତାଲିକାଭୁକ୍ତ କରାଯାଉଛି । ଧାନ ସଂଗ୍ରହ ବେଳେ କଳା ତାଲିକାଭୁକ୍ତ ଏସଏଚ୍‌ଜିଙ୍କ ସଂଖ୍ୟା ବଢିବାରେ ଲାଗିଛି । ଋଣ ପରିଶୋଧ କରିନପାରି ଅନେକ ସଦସ୍ୟ ଭିନ୍ନ ନାମରେ ଋଣ ନେଇଛନ୍ତି । ବକେୟା ଥିବା ଏସଏଚ୍‌ଜିଙ୍କ ସଂଖ୍ୟା ବଢିବାରେ ଲାଗିଛି । ସମବାୟ ବ୍ୟାଙ୍କ ଉପରେ ଗ୍ରାମ୍ୟ ବ୍ୟବସ୍ଥାର ଅର୍ଥନୀତି ନିର୍ଭରଶୀଳ । ମହତ ଲକ୍ଷ୍ୟ ନେଇ ଏସଏଚ୍‌ଜିଙ୍କୁ ଋଣ ପ୍ରଦାନ କରାଗଲେ ମଧ୍ୟ ସେମାନେ ଏହାର ପରିଶୋଧ କରିନପାରିଲେ ସମବାୟ ବ୍ୟାଙ୍କ ଦେବାଳିଆ ହେବ ଏବଂ ଏଥିରେ ସମସ୍ତେ କ୍ଷତିଗ୍ରସ୍ତ ହେବେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

# ୫୭ତମ ସାର୍ବଜନୀନ ଦୁର୍ଗା ପୂଜା ପାଇଁ ପ୍ରସ୍ତୁତି ବୈଠକ

ବଲାଙ୍ଗୀର, ୨୨/୦୭ (ନି.ପ୍ର): ବଲାଙ୍ଗୀର ସହରରେ ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ମାନଙ୍କରେ ମା ଦୁର୍ଗାପୂଜା ବିଭିନ୍ନ ମଣ୍ଡଳୀରେ ପବିତ୍ର ଦଶହରା ପର୍ବ ସମୟରେ ଅନୁଷ୍ଠିତ ହୁଏ । ସେଥିମଧ୍ୟରୁ ସାଗରପଡା ଦୁର୍ଗାପୂଜା ଏକ ପୁରାତନ ଦୁର୍ଗା ମେଢ । ଗତକାଲି ସଂଧ୍ୟା ସମୟରେ ପୂଜା କମିଟିର ସମସ୍ତ କର୍ମକର୍ତାଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ସଭାପତି ଭାବରେ ଗୋପାଳଜୀ ପାଣିଗ୍ରାହୀ, ସଂପାଦକ କୃଷ୍ଣ ଚନ୍ଦ୍ର ଆଚାର୍ଯ୍ୟ, ଉପସଭାପତି ଅକ୍ଷୟ ତ୍ରିପାଠୀ, କୋଷାଧ୍ୟକ୍ଷ ରାଜିବ ପଣ୍ଡା, ସହ ସଂପାଦକ ସୁମିତ୍ ଚନ୍ଦନ, ଉପଦେଷ୍ଟା ଭାବରେ ସୁବାସ ପଣ୍ଡା, ରଂଜନ କୁମାର ପାଣିଗ୍ରାହୀ, ଗୌରାଙ୍ଗ ବଗର୍ତା, ରାମଚନ୍ଦ୍ର ଦାସ, କୈଳାସ ବିସି, ସଂଜୟ ଚନ୍ଦନ, ମହେଶ୍ୱର କଏଲତା, ଉଦ୍ୟେତ ଖୁଆସ ପ୍ରମୁଖ ଉପସ୍ଥିତ ରହିଥିଲେ । ସାଗରପଡା ଦୁର୍ଗାପୂଜା କମିଟିର ସମସ୍ତ ସଭ୍ୟ ରଞ୍ଜୁ ମହାପାତ୍ର, ବାବୁ ପୂଜାରୀ, ପ୍ରଶାନ୍ତ ପୋଢ ଉପସ୍ଥିତ ଥିଲେ । ଶେଷରେ ଡାକ୍ତର ଲକ୍ଷ୍ମୀକାନ୍ତ ମହାପାତ୍ର ସମସ୍ତ ପୂଜା କମିଟିର କର୍ମକର୍ତା ମାନଙ୍କୁ ମାର୍ଗ ଦର୍ଶନ ଦେଇଥିଲେ ।

# ସମସ୍ତ ଆଇସିଆରପି ମାନଙ୍କୁ ଜୀବିକା ମିଶନରେ ସ୍ଥାୟୀ ନିଯୁକ୍ତି ଦାବି

## ୫ ଦଫା ଦାବି ନେଇ ସଂଘ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭଦ୍ରକ, ୨୨/୦୮ (ନି.ପ୍ର): ପ ।ୟତ ସ୍ତରରେ ସୋସିଆଲ ଅଡିଟ୍ର ପଦବୀ ସୃଷ୍ଟି କରି ଆଇସିଆରପି ମାନଙ୍କୁ ନିଯୁକ୍ତି ପ୍ରଦାନ, ସେମାନଙ୍କୁ ୧/୨ ମାସ ପରିବର୍ ବର୍ଷକର କାମରେ ନିୟୋଜିତ କରାଯିବା, ସିଧାସଳଖ କୃଷି ମିତ୍ର, ପ୍ରାଣୀମିତ୍ରରେ ନିଯୁକ୍ତି ପ୍ରଦାନ, ପ ।ୟତସ୍ତରରେ ବ୍ଲକସ୍ତରରେ ଯେକୌଣସି କାର୍ଯ୍ୟ ଆସୁଛି, ସେମାନଙ୍କୁ ସେଥିରେ ଅଗ୍ରାଧିକାର ଦିଆଯିବା ସହ ତାଲିମ ପ୍ରାପ୍ତ ଆଇସିଆରପିମାନଙ୍କୁ ଜୀବିକା ମିଶନ ଶକ୍ତି ଅଧୀନରେ କାର୍ଯ୍ୟ ପ୍ରଦାନ ପୂର୍ବକ କମ୍ୟୁନିଟି କ୍ୟାଡର ମାନ୍ୟତା ଦାବିରେ ଆଜି ଭାରତୀୟ ମଜଦୁର ସଂଘ ସଂଲଗ୍ନ ଓଡ଼ିଶା ରାଜ୍ୟ ଆଇସିଆରପି ମହିଳା ସଂଘ ଭଦ୍ରକ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିପୂର୍ବରୁ ରାଜ୍ୟ ସଭାନେତ୍ରୀ ସରସ୍ୱତୀ ଜେନା, ଭଦ୍ରକ ଜିଲା ସଭାନେତ୍ରୀ ଶୁଭଲକ୍ଷ୍ମୀ ଜେନା ଓ ସଂପାଦିକା ମଂଜୁଲତା ପଣ୍ଡାଙ୍କ ନେତୃତ୍ୱରେ ଜିଲାର ବହୁ ଆଇସିଆରପି ମହିଳାମାନେ ବନ୍ତଛକରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ଅଭିଯୋଗ ପତ୍ରରୁ ଯାହା ଜଣାଯାଏ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଜୀବିକା ମିଶନ ଯୋଜନାରେ ଓଡ଼ିଶାରେ ୨୦୧୪ ମସିହା ଠାରୁ ଆଇସିଆରପି ମାନଙ୍କୁ ତାଲିମ ଦିଆଯାଇ ଦୁର୍ଗମ ଓ ଅପହ ଅଂଚଳରେ ସାଧାରଣ ମହିଳାମାନଙ୍କୁ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ପାଇଁ ଉତ୍ସାହିତ କରିବା, ଭାଙ୍ଗିଯାଇଥିବା ଗୋଷ୍ଠୀଗୁଡିକର ପୁନଗଠନ, ନୂତନ ଗୋଷ୍ଠୀ ଗଠନ, ଆଂଚଳିକ ମଂଚ ଓ ପଂଚାୟତସ୍ତରୀୟ ସଂଘ ଗଠନ, ଗୋଷ୍ଠୀଗୁଡିକୁ ତାଲିମ ପ୍ରଦାନ, ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ ଓ ସେମାନଙ୍କୁ ନେଇ ଗୋଷ୍ଠୀ ଗଠନ ଭଳି କାର୍ଯ୍ୟ ସରକାର କରିଥିଲେ। ଏହି ଗୋଷ୍ଠୀଗୁଡିକର ସୁପରିଚାଳନା ପାଇଁ ମହିଳାମାନଙ୍କୁ ସହମତି କ୍ରମେ କାର୍ଯ୍ୟ କରିବା ପାଇଁ ଶିକ୍ଷା ଦେବା ଏମାନଙ୍କର ପ୍ରମୁଖ କାର୍ଯ୍ୟ ଥିଲା। ଦିନରେ କାର୍ଯ୍ୟ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ଏହି ମହିଳାମାନଙ୍କୁ ରାତିରେ ଏକାଠି କରି ଗୋଷ୍ଠୀ ଗଠନ କରିବାର ଦାୟିତ୍ୱ ମଧ ସେମାନଙ୍କୁ ନେବାକୁ ପଡୁଥିଲା। ଏଥିରେ ପ୍ରାୟ ୨୫ ଶହରୁ ଉର୍ଦ୍ଧ୍ୱ ଶିକ୍ଷିତା ମହିଳା କାର୍ଯ୍ୟ କରିଥିଲେ। ଏହି କର୍ମଚାରୀମାନେ ୩୦ ଦିନ ଭିତରେ ପ୍ରାୟ ୪୫୦ ପରିବାରକୁ ନେଇ କାର୍ଯ୍ୟ କରୁଥିଲେ। ପରବ 1 ସମୟରେ ପ୍ରାୟ ୬୫୦ ରୁ ଉର୍ଦ୍ଧ୍ୱ ପରିବାରଙ୍କୁ ନେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୁନର୍ବାର ୧୪ ଦିନ ଭିତରେ ହଜାରେ ପରିବାରର କାମ ଶେଷ କରିବାକୁ ନିର୍ଦ୍ଦେଶ ମିଳିଲା। ୧୪୨୦ ପରିବାରକୁ ସଂଗଠିତ କରିବା ପାଇଁ ସେମାନଙ୍କୁ ସମସ୍ତ ଖର୍ଚ୍ଚ ସମେତ ୧୫ ହଜାର ଟଙ୍କା ମିଳୁଥିଲା। ୬୫୦ ପରିବାର ପାଇଁ ୯ ହଜାରରୁ ୧୦ ହଜାର ଟଙ୍କା ମିଳୁଥିବାବେଳେ ୧୪ ଦିନ କାମ ପାଇଁ ୫ ରୁ ୭ ହଜାର ଟଙ୍କା ପ୍ରଦାନ କରାଗଲା। ଫଳରେ ସେମାନଙ୍କ ଉପରେ ଲଗାତର ଶ୍ରମର ବୋଝ ଲଦି ଦିଆଯାଇ ମଜୁରୀ କମାଇ ଦିଆଗଲା। ସବୁ ଜିଲାରେ ଏବେ କାର୍ଯ୍ୟ ଶେଷ ହୋଇଥିବାବେଳେ ଏହି ତାଲିମପ୍ରାପ୍ତ ମହିଳାମାନଙ୍କୁ ମିଶନ ଶକ୍ତିରେ ବିଭିନ୍ନ ପ୍ରକାର କାର୍ଯ୍ୟ ଥିଲେ ମଧ ନିଯୁକ୍ତି ନଦିଆଯାଇ ଛଟେଇ କରିଦିଆଯାଇଛି। ପ୍ରାୟ ୨୫ ଶହ ମହିଳାଙ୍କୁ ଏଭଳି ଅଳିଆ ଗଦାକୁ ଫୋପାଡି ଦେବାର ଯୋଜନା ଅତ୍ୟନ୍ତ ଲଜ୍ଜା ଜନକ ବୋଲି ରାଜ୍ୟ ସଭାନେତ୍ରୀ ଶ୍ରୀ ଜେନା କହିଛନ୍ତି। ଏହି ମହିଳା କର୍ମଚାରୀମାନେ କାର୍ଯ୍ୟ କରିବା ସମୟରେ ଯାତାୟତ, ଘରଭଡା ଓ ଖାଇବା ଖର୍ଚ୍ଚ ନିଜେ ବହନ କରୁଥିବାବେଳେ ସରକାର ସମାଜରେ ଗରିବ ମହିଳାମାନଙ୍କ ଠାରୁ କାମ କରିବାର ଅଧିକାର ଥିବା ଏହି ମହିଳାମାନଙ୍କୁ ଉତ୍ସାହିତ କରିବା ବଦଳରେ ନିରୁତ୍ସାହିତ କରୁଛନ୍ତି। ଏବଂ ବକେୟା ପ୍ରାପ୍ତି ଦାବି କଲାବେଳେ ସେମାନଙ୍କୁ ଅସଦ ବ୍ୟବହାର କରାଯାଉଅଛି। ଯେଉଁଠି ସିଆରପି, ଏମ୍‌ବିକେ, ବ୍ୟାଙ୍କ ମିତ୍ରମାନଙ୍କୁ ୭ ଦିନ ତାଲିମ ଦିଆଯାଉଛି, ସେ ସମୟରେ ଆଇସିଆରପି (ଓଏଲ୍‌ଏମ୍) ମିଶନ ଶକ୍ତିର ମୂଳ ଗଛ, ସେମାନଙ୍କୁ ଏକମାସ ତାଲିମ ଦେଇ ବାହାର ଜିଲାରେ ମାସ ମାସ କାମ କରାଇ ଏବେ ଛଟେଇ କରିବା କେତେଦୂର ଯଥାର୍ଥ ବୋଲି ଜିଲା ସଭାନେତ୍ରୀ ଶ୍ରୀ ଜେନା ପ୍ରଶ୍ନ କରିଛନ୍ତି। ସିଆରପି, ଏମ୍‌ବିକେ, ବ୍ୟାଙ୍କମିତ୍ର ମାନେ ନିଜେ ପଂଚାୟତରେ କାର୍ଯ୍ୟ କରି ୩୬୫ ଦିନ ବେତନ ପାଉଥିବାବେଳେ ଡ୍ରେସ୍ କୋର୍ଡ ସହିତ ଆଇ କାର୍ଡ ବି ପ୍ରଦାନ କରାଯାଇଛି। ସେମାନଙ୍କ ଦରମା ବର୍ଷକୁ ବର୍ଷ ବୃଦ୍ଧି କରାଯାଉଛି। କିନ୍ତୁ ମିଶନ ଶକ୍ତିର ମୂଳ ଆଇସିଆରପିମାନେ ଏସ୍‌ଏଚ୍‌ଜି, ସିଏଲ୍‌ଏଫ, ଜିପିଏଲ୍‌ଏଫ୍ ଗଠନ କରିଥିଲେ ମଧ ସେମାନଙ୍କୁ ହତାଦାର କରାଯାଇଛି। ଏଣୁ ଏହି ମହିଳାମାନଙ୍କୁ ଓଏଲ୍‌ଏମ୍ ବା ମିଶନ ଶକ୍ତିରେ ବିଭିନ୍ନ ପଦପଦବୀରେ ନିଯୁକ୍ତି ଦେବା ସହ ସିଏଲ୍‌ଏଫ୍ ଓ ଜିପିଏଲ୍‌ଏଫ୍ ପାଣ୍ଠିରେ ସହ ଉପଯୋଗ ପାଇଁ ତଦାରଖ ଦାୟିତ୍ୱ ଦିଆଯିବାକୁ ଏହି ଦାବିପତ୍ରରେ ଉଲ୍ଲେଖ ରହିଛି।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ନିଲମ୍ବିତ ବିଜେଡି ...

ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା। ଭାଇରାଲ ହୋଇଥିବା ଅଡିଓରେ ନିଲମ୍ବିତ ବିଜେଡି ନେତା ଶରତ ନାୟକ ଓ ଖେଳ ଶିକ୍ଷକ ଅନୁପମ ରାୟଙ୍କ ମା'ଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳପ ରହିଥିଲା। ପ୍ରମାଣ ନଷ୍ଟ କରିବାକୁ ଓ ମାମଲାକୁ ରଫାଦଫା କରିବାକୁ ଅନୁପମ ରାୟଙ୍କ ମା'ଙ୍କୁ ଶରତ ନାୟକ ୭୦ ହଜାର ଟଙ୍କା ମାଗିଥିଲେ। ପୁଲିସକୁ ବି ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ମୃତ ନାବାଳିକାଙ୍କ ସହିତ ଜଗତସିଂହପୁର ଜିଲ୍ଲାର ଗୋକନ ହାଇସ୍କୁଲରେ ଖେଳ ଶିକ୍ଷକ ଥିବା ଅନୁପମ ରାୟଙ୍କର ପ୍ରେମ ସଂପର୍କ ଥିଲା ବୋଲି କୁହାଯାଉଛି। ଅଡିଓ ଭାଇରାଲ ହେବା ପରେ ଶରତ ନାୟକଙ୍କୁ ଦଳର ପ୍ରାଥମିକ ସଦସ୍ୟତାରୁ ନିଲମ୍ବନ କରିଥିଲା ବିଜେଡି। ପୁଲିସ ମଧ ସକ୍ରିୟ ହୋଇଯାଇଥିଲା। ଆଉ ମାମଲାର ଖୋଳତାଡ଼ କରିଥିଲା। ଶରତ, କ୍ରୀଡ଼ା ଶିକ୍ଷକ ଅନୁପମ ରାୟ ଓ ତାଙ୍କ ମା'ଙ୍କୁ ପଚରାଉଚରା କରିବା ସହିତ ସେମାନଙ୍କ ବୟାନ ରେକର୍ଡ କରିଥିଲା। ଆଉ ଶେଷରେ ଆଜି ଉଭୟ ଶରତ ଓ ଅନୁପମଙ୍କୁ ଗିରଫ କରିଛି ପୁଲିସ।

## ଆଜି ଜହ୍ନକୁ ଛୁଇଁବ...

ଅବତରଣ କରିବ ବିକ୍ରମ ଲ୍ୟାଣ୍ଡର । ଏହାଦ୍ୱାରା ବିଶ୍ୱରେ ଇତିହାସ ରଚିବାକୁ ଯାଉଛି ଭାରତ । ଚନ୍ଦ୍ରର ଦକ୍ଷିଣ ମେରୁରେ ପହଁଚିବାରେ ଭାରତ ପ୍ରଥମ ଦେଶ ହେବାକୁ ଯାଉଛି । ତେବେ ସ୍ଥିତିକୁ ଦେଖି ଶେଷ ମୂହୂର୍ତରେ ଲାଣ୍ଡିଂ ପ୍ରକ୍ରିୟା ହେବ ବୋଲି ଇସ୍ରୋ ପକ୍ଷରୁ କୁହାଯାଇଛି । ଏଥିପାଇଁ ଇସ୍ରୋର ପ୍ଲାନ ବି ବି ପ୍ରସ୍ତୁତ ହୋଇ ରହିଛି । ଏହା ଇସ୍ରୋ ବୈଜ୍ଞାନିକଙ୍କ ଏକ ପ୍ରକାର ବ୍ୟାକଅପ ପ୍ଲାନ । ଏବେ ଆସନ୍ତୁ ଦେଖିବା ପ୍ରତିକୂଳ ପରିସ୍ଥିତି ଥିଲେ ଶେଷ ମୂହୂର୍ତରେ ଲ୍ୟାଣ୍ଡିଂ ଟାଳିଦିଆ ଯାଇପାରେ । ଚନ୍ଦ୍ରଯାନ-୩ର ଲ୍ୟାଣ୍ଡିଂ ଟଳିଲେ ପରବର୍ତି ଅବତରଣ ପାଇଁ ତାରିଖ ସଂରକ୍ଷିତ ରଖାଯାଇଛି । ଅଗଷ୍ଟ ୨୭ ତାରିଖରେ ସଫ୍ଟ ଲ୍ୟାଣ୍ଡିଂ ପାଇଁ ଯୋଜନା ରଖିଛନ୍ତି ଇସ୍ରୋ ବୈଜ୍ଞାନିକ । ଆଉ କୌଣସି ସମସ୍ୟା ସୃଷ୍ଟି ନହେଲେ ଅଗଷ୍ଟ ୨୩ରେ ସଫ୍ଟ ଲ୍ୟାଣ୍ଡିଂ କରିବ ଚନ୍ଦ୍ରଯାନ-୩ ।

## ସେପ୍ଟେମ୍ବର ୮ରୁ ୩ ....

ଏହାବାଦ ସେପ୍ଟେମ୍ବର ୮ରୁ ୧୦ ଯାଏ ଜରୁରୀ ସେବା ବ୍ୟତୀତ ଅଲଗା କାମରେ ନିୟୋଜିତ ଥିବା ବଡ଼ ଗାଡ଼ିକୁ ସହର ଭିତରେ ପ୍ରବେଶ କରିବା ପାଇଁ ବାରଣ କରାଯାଉ ବୋଲି ଦିଲ୍ଲୀ ପୁଲିସ୍ ଚିଠିରେ ଲେଖିଥିଲା। ଏବେ କେଜ୍ରିୱାଲ ପୁଲିସ୍‌ର ପ୍ରସ୍ତାବକୁ ଗ୍ରହଣ କରି ଛୁଟି ଘୋଷଣା କରିଛନ୍ତି। ଭାରତ ବର୍ତ୍ତମାନ ଜି-୨୦ର ଅଧ୍ୟକ୍ଷ ଦାୟିତ୍ୱରେ ରହିଛି। ଦେଶ ପକ୍ଷରୁ ଚଳିତ ବର୍ଷ ବିଭିନ୍ନ ସ୍ଥାନରେ ଜି-୨୦ର ଅନେକ ସମ୍ମିଳନୀ ଆୟୋଜନ କରାଯାଇଛି। ଏବେ ଏହାର ମୁଖ୍ୟ କାର୍ଯ୍ୟକ୍ରମ ସେପ୍ଟେମ୍ବର ୯ ଓ ୧୦ ତାରିଖରେ ଦିଲ୍ଲୀରେ ଆୟୋଜନ ହେବ। ଏଥିରେ ୨୯ଟି ଦେଶର ମୁଖ୍ୟ ଓ ୟୁରୋପୀୟ ୟୁନିୟନର ବରିଷ୍ଠ ସଦସ୍ୟମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ୧୪ଟି ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟ ବି ଜି-୨୦ ସମ୍ମିଳନୀରେ ସାମିଲ ହେବାର ଯୋଜନା ରହିଛି।

# ଭୁବନ ଦର୍ଜି ସଂଘ ପକ୍ଷରୁ ବୁଦ୍ଧେଶ୍ୱରରେ ବୈଠକ

ଭୁବନ, ୨୨/୦୮ (ନି.ପ୍ର): ଭୁବନ ଦର୍ଜୀ ସଂଘ ପକ୍ଷରୁ ପ୍ରସିଦ୍ଧ ଶୈବ ପୀଠ ବୁଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣ ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅଚ୍ୟୁତାନନ୍ଦ ପାତ୍ର (ଟୁନା)ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନ ଏ ସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦରଜୀ ଙ୍କ ପାଇଁ ସରକାର ଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ମୁଖ୍ୟମନ୍ତ୍ରୀ ପରିଧାନ ଯୋଜନା ରେ ସ୍କୁଲ ପିଲାଙ୍କ ପୋଷାକ ତିଆରି ପାଇଁ ସ୍ଥାନୀୟ ଅଂଚଳର ଦରଜୀ ମାନଙ୍କୁ ସୁଯୋଗ ଦେବା ଓ ଅବସର ବିନୋଦନ ତଥା ସଂଘ ବୈଠକ ପାଇଁ ଏକ ଗୃହ (କମ୍ୟୁନିଟି ସେଂଟର) ଯୋଗାଇ ଦେବାକୁ ମୁଖ୍ୟ ଅତିଥି ଙ୍କ ମାଧ୍ୟମରେ ନଗରପାଳ ଙ୍କୁ ନିବେଦନ କରାଯାଇଥିଲା । ସମ୍ପାଦକ ଜୟକୃଷ୍ଣ ବେହେରା,ପ୍ରମୋଦ ଦାସ,ଉପ ସଭାପତି ଅର୍ଜୁନ ପୃଷ୍ଟି,ସହ ସମ୍ପାଦକ ରବି ଚିନରା, ଦ୍ୱାରିକା ବେହେରା, କୋଷାଧ୍ୟକ୍ଷ ଅନିତା ସାହୁ, ଟୁପୁସି ବିଶ୍ୱକର୍ମା ,ସହଯୋଗୀ ରଘୁନାଥ ରଣା, ଦୁଃଶାସନ ସାହୁ,ଝରଣା ପୋଥାଳ, ଅନସୁୟା ସାହୁ,ସତ୍ୟଭାମା ନାୟକ ଙ୍କ ସମେତ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଦରଜୀ ଯୋଗଦେଇ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।


## ପାର୍କିଂ, ଦେୟ ଏବଂ ଟଏଲେଟ୍ ୟୁନିଟ୍ ଚୁକ୍ତିନାମା ପାଇଁ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମଗୁଡିକ ସିନିୟର ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର ଡିଭିଜନ୍ ଏବଂ ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଆମନ୍ତ୍ରିତ:

**ଇ-ନିଲାମ କାଟାଲଗ୍ ନମ୍ବର: PARK-KGP-23-14, ତାରିଖ: ୨୧.୦୮.୨୦୨୩ କାର୍ଯ୍ୟର ନାମ:** ରୁପସା, ଉଲୁବେରିଆ, ହାଲଡିଆ, ଡେଲ୍ଟିରେ ଦୁଇଟି ଚକିଆ ପାର୍କିଂ ପାଇଁ ୦୪ (ଚାରି) ନମ୍ବର ପାର୍କିଂ ସ୍ଥାନ ଏବଂ ବାହାଘର ବଜାର ରେଳ ଷ୍ଟେସନ ପରିସରରେ ମିଶ୍ରିତ ପାର୍କିଂ ପାଇଁ ୦୧ (ଏକ) ନମ୍ବର ପାର୍କିଂ ସ୍ଥାନ । (ତିନି) ବର୍ଷ ଯାହାକି https://www.ireps.gov.in ରେ ସୂଚିତ ହୋଇଛି ।
**ବର୍ଗ:** ଦୁଇଟି ଚକିଆ ପାର୍କିଂ ଏବଂ ମିକ୍ସଡ୍ ପାର୍କିଂ ପାଇଁ ପାର୍କିଂ ସ୍ଥାନ ।
**କାଟାଲଗ୍ ନମ୍ବର:** ପାର୍କ-କେଜିପି -୨୩-୧୪ । **ଲଟ୍‌ର ସଂଖ୍ୟା: ୦୫. ନିଲାମର ତାରିଖ:** ୦୬.୦୯.୨୦୨୩ । **ନିଲାମ ଆରମ୍ଭ ସମୟ:** ୧୧.୧୫ ଘ । । **ନିଲାମ ବନ୍ଦ ସମୟ:** ୧୨.୨୫ ଘ । ।

**ଇ-ନିଲାମ ବିଜ୍ଞପ୍ତି ନମ୍ବର: (i) PnU-KGP-Toi23-1, (ii) PnU-KGP- Toi23-2 ତାରିଖ: ୨୧.୦୮.୨୦୨୩**
**କାର୍ଯ୍ୟର ନାମ:** ମିଡନାପୁର, ପାନସ୍କୁରା, ମେଚେଡା, ବାଗନାନ୍ ଏବଂ ସାନ୍ତ୍ରାଗାଚି ରେଳ ଷ୍ଟେସନ୍ ପରିସର / ସର୍କୁଲାର୍ ଅ ଳ ଏବଂ ୧୨ ନଂରେ ୩ (ତିନି) ବର୍ଷ ପାଇଁ ୦୭ ନମ୍ବର ପେ ଏବଂ ବ୍ୟବହାର ଟଏଲେଟ୍ ୟୁନିଟ୍। ବାଲିଚକ, ରାଧା-ମୋହନପୁର, ହର, ତାମ୍ରଲୁକ, କୋଲାଘାଟ, ଉଲୁବେରିଆ, ବାଉରିଆ, ସଙ୍କ୍ରାଇଲ, ଆଣ୍ଡୁଲ, ମରିଗ୍ରାମ, ରାମରାଜତାଲା ଏବଂ ଦାସନଗର ରେଳ ଷ୍ଟେସନ ପରିସର / ସର୍କୁଲାର ଅ ଳରେ ଟଏଲେଟ୍ ୟୁନିଟ୍ ଚୁକ୍ତିନାମା ୩ (ତିନି) ବର୍ଷ ପାଇଁ ଚୁକ୍ତି କରେ । ୱେବସାଇଟରେ https://www.ireps.gov.in ଇ-ନିଲାମ ବିଜ୍ଞପ୍ତିଗୁଡିକର ବିବରଣୀ ନିମ୍ନରେ ଦିଆଯାଇଛି: (୧) **ବର୍ଗ:** ଶୌଚାଳୟକୁ ଦେୟ ଦିଅନ୍ତୁ ଏବଂ ବ୍ୟବହାର କରନ୍ତୁ । **କାଟାଲଗ୍ ନମ୍ବର:** PnU-KGP-Toi23-1 । **ନିଲାମର ତାରିଖ:** ୦୬.୦୯.୨୦୨୩ **ନିଲାମ ଆରମ୍ଭ ସମୟ:** ୧୨.୦୦ ଘ । । **ନିଲାମ ବନ୍ଦ ସମୟ:** ୧୨.୩୦ ଘ ।।
(୨) **ବର୍ଗ:** ଶୌଚାଳୟକୁ ଦେୟ ଦିଅନ୍ତୁ ଏବଂ ବ୍ୟବହାର କରନ୍ତୁ । **କାଟାଲଗ୍ ନମ୍ବର:** PnU-KGP- Toi23-2 । **ନିଲାମର ତାରିଖ:** ୦୮.୦୯.୨୦୨୩ **ନିଲାମ ଆରମ୍ଭ ସମୟ:** ୧୨.୦୦ ଘ । । **ନିଲାମ ବନ୍ଦ ସମୟ:** ୧୨.୩୦ ଘ । ।
ଇଚ୍ଛୁକ ପକ୍ଷ ଏବଂ କ_ାକ୍ଟରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧରେ ଟ୍ରେନର ବିବରଣୀ ଏବଂ ଉପରୋକ୍ତ ସୂଚନା ପାଇଁ ଉପରୋକ୍ତ ୱେବସାଇଟ ଦେଇ ଯିବା । ଅନୁସନ୍ଧାନ / ସ୍ପଷ୍ଟୀକରଣ ପାଇଁ, ଯଦି ଅଛି, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।
**ସ୍ଥାନ:** ଖଡ଼ଗପୁର **ବରିଷ୍ଠ ବିଭାଗୀୟ ବାଣିଜ୍ୟ ପରିଚାଳକ,**
**ତାରିଖ:** ୨୧.୦୮.୨୦୨୩ **ଖଡ଼ଗପୁର**

ଦକ୍ଷିଣ ପୂର୍ବ ରେଳପଥ (PR-535)
ହସି ହସି ଆପଣଙ୍କ ସେବାରେ


# ଛାଡ଼ି ଯିବାକୁ ନ ହୁଏ ମନ, ଭଲ ଲାଗେ ମୋତେ ଉଦଳା ମାଟିର ପାଣି ପବନ : ଆଇ.ଆଇ.ସି. ନିରୋଜ ସାମଲ

ଉଦଳା , ୨୨/୦୮ (ନି.ପ୍ର): କପ୍ତିପଦା ଉପଖଣ୍ଡ ସାମ୍ବାଦିକ ପରିବାର ତରଫରୁ ଆଜି ଅଗଷ୍ଟ ୨୨ ତାରିଖ ମଙ୍ଗଳବାର ଦିନ ସ୍ଥାନୀୟ ସନ୍ଧାନ ଗୃହ ପରିସରରେ ସ୍ୱାଗତ ଉତ୍ସବ ଓ ବିଦାୟ ସମ୍ବର୍ଦ୍ଧନାର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ କପ୍ତିପଦା ଉପଖଣ୍ଡକୁ ନୂତନ ଭାବେ ଆସି କାର୍ଯ୍ୟରେ ଯୋଗ ଦେଇଥିବା ଅଧିକାରୀ ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସେହିପରି ଉଦଳା ଓ ଖୁଂଟା ଥାନାର ଆଇ.ଆଇ.ସି. ଯଥାକ୍ରମେ ନିରୋଜ ସାମଲ ଓ ଲୋପାମୁଦ୍ରାଙ୍କର ଏଠାରୁ ବଦଳି ହୋଇଯାଇଥିବାରୁ ତାଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ବିଦାୟ ସମ୍ବର୍ଦ୍ଧନା ଜଣାଯାଇଥିଲା । ଏହାପରେ ନିଜର ଅନୁଭବ କଥନ ସମୟରେ ଆଇ.ଆଇ.ସି. ନିରୋଜ ସାମଲ ତାଙ୍କର କୋହ ସମ୍ଭାଳିପାରିନଥିଲେ । ଅଶୃଳ ନୟନରେ କୋହ ଭରା କଣ୍ଠରେ ସେ ଉଦଳାର ପାଣିପବନ ଓ ଏଠାକାର ମାଟି ତାଙ୍କୁ କେତେ ଆନନ୍ଦ ଦେଇଛି ବ୍ୟକ୍ତ କରିଥିଲେ । ତାଙ୍କର ବକ୍ତବ୍ୟ ସମୟରେ କିଛି ସମୟ ପାଇଁ ଉତ୍ସବ ମଂଚରେ ସମସ୍ତେ ନିରବ ହୋଇ ଯାଇଥିଲେ । ଏଥିରୁ ଉଦଳା ମାଟିକୁ ସେ କେତେ ଗଭିରତମ ପ୍ରଦେଶରୁ ଭଲପାଉଥିଲେ ତାହା ବେଶ ସ୍ପଷ୍ଟ ବାରି ହୋଇ ପଡୁଥିଲା । ପରେ ଆଇ.ଆଇ.ସି. ଲୋପାମୁଦ୍ରା କାର୍ଯ୍ୟ କ୍ଷେତ୍ରରେ ଗଣମାଧମର ପ୍ରତିନିଧି ମନେଙ୍କର ସହଯୋଗ କେବେ ଭୁଲି ହେବ ନାହିଁ ବୋଲି ବକ୍ତବ୍ୟ ମାଧମରେ କହିଥିଲେ । ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ସାମ୍ବାଦିକ ପରିବାରର ଏପରି ଏକ ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ । ସାମ୍ବାଦିକ ପରିବାରର ସଭାପତି ଅରୁଣ କୁମାର ମହାନ୍ତି, ବରିଷ୍ଠ ସାମ୍ବାଦିକ ସନ୍ତୋଷ ବାଛିନୀ, ଆନନ୍ଦ ଦାସ ଓ ଦୀନବନ୍ଧୁ ବାରିକ ଉପଖଣ୍ଡର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ସାମ୍ବାଦିକ ଉତ୍ସବରେ ଯୋଗ ଦେଇଥିବାରୁ କୃତଜ୍ଞତା ଜଣାଇଥିଲେ । ହିମାଦ୍ରୀ ଶେଖର ପାଲ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ସଂପାଦକ ଜଗବନ୍ଧୁ ପ୍ରଧାନ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।




# ସରକାରୀ ଟଙ୍କା ଆତ୍ମସାତ ଘଟଣାରେ ଶିକ୍ଷକଙ୍କୁ ୩ ବର୍ଷ ସଶ୍ରମ

ମାଲକାନଗିରି, ୨୨/୦୮ (ନି.ପ୍ର): ସରକାରୀ ଟଙ୍କା ଆତ୍ମସାତ ଘଟଣାରେ ଶିକ୍ଷକଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ଜୋରିମାନା ୫୦,୦୦୦/- ଟଙ୍କା ଅନାଦେୟ ଆଉ ଅଧିକ ୬ ମାସ ର କାରାଦଣ୍ଡ ଶୁଣାଇଛନ୍ତି ମୁଖ୍ୟ ବିଚାର ବିଭାଗିୟ ମାଜିଷ୍ଟ୍ରେଟ, ମାଲକାନଗିରି। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଶିକ୍ଷା ବ୍ଲକ ର ମାଟାପାକା ଅପଗ୍ରେଡ଼ ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଜୟାନନ୍ଦ ବେହେରାଙ୍କୁ ସରକାରି ଟଙ୍କା ଆତ୍ମସାତ ରେ ୨୨ଜଣ ସାକ୍ଷୀ ର ବୟାନ ଓ ୨ ଜଣ ପ୍ରତିପକ୍ଷ ସାକ୍ଷୀଙ୍କ ବୟାନକୁ ଭିତି କରି ଆଜି ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ସତ୍ୟ ପ୍ରିୟ ଦାସ ଆସାମୀ କୁ ସରକାରୀ ଟଙ୍କା ଆତ୍ମସାତରେ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦,୦୦୦/- ଟଙ୍କା ଜୋରିମାନା ଶୁଣାଇଛନ୍ତି ,ଜୋରିମାନା ଅନାଦେୟ ଅଧିକ ୬ ମାସ ର କାରାଦଣ୍ଡ ଶୁଣାଇଛନ୍ତି ।ଏହି କେସକୁ ସରକାରି ଓକିଲ ଭାବରେ ଗୋପାଳ କୃଷ୍ଣ ପଣ୍ଡା ପରିଚାଳନା କରିଥିଲେ । ସୂଚନା ଅନୁଯାୟୀ ଶିକ୍ଷକଙ୍କ ବିରୋଧରେ ମାଟାପାକା ଗ୍ରାମର ଭଦ୍ରବ୍ୟକ୍ତି ତଥା ଗ୍ରାମ ଶିକ୍ଷା କମିଟି ସଦସ୍ୟ ମାନେ ବିଦ୍ୟାଳୟର ଅବ୍ୟବସ୍ଥା ଉପରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀ ତଦନ୍ତ କରିଥିଲେ ,ତଦନ୍ତରେ ସରକାରଙ୍କ ରାମସା ପ୍ରୋଜେକ୍ଟ ର ଟଙ୍କା ୯,୮୨,୫୬୭/-ଉଠେଇ ଥିବା ଟଙ୍କା ମଧ୍ୟରୁ କେସ ଟଙ୍କା ୨,୭୮,୨୫୦/- ପାଖରେ ରଖିଥିଲେ, ଅଡ଼ିଟ/ସ୍ୱତନ୍ତ୍ର ଅଡ଼ିଟ ପରେ ଜ ଣାଗଲ । ଜିଲ୍ଲା ଶିକ୍ଷା ଅଧିକାରୀ ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଗ୍ରହଣ କରି ମାଲକାନଗିରି ପୋଲିସ ଆଇ ପି ସି ଧାରା ୪୦୯ ରେ ତଦନ୍ତ କରି ଅଭିଯୁକ୍ତ ଶିକ୍ଷକ ଙ୍କୁ କୋର୍ଟ ଚାଲାଣ କରିଥିଲେ।

# ବିନା ନୋଟିସରେ ପୌରପାଳିକା ପକ୍ଷରୁ ଘରଭଙ୍ଗାକୁ ବିରୋଧକରି ସାମ୍ବାଦିକ ସମ୍ମିଳନୀ

ବାଲେଶ୍ୱର, ୨୨/୦୮ (ନି.ପ୍ର): ଏଠାରେ ଉପସ୍ଥିତ ବାଲେଶ୍ୱର ସମସ୍ତ ସାମ୍ବାଦିକଙ୍କୁ ମୋର ଅନ୍ତରରୁ ସ୍ୱାଗତ ଓ ଶୁଭେଚ୍ଛା। ମୋର ଶଶୁର ଅମଳରୁ ଆମ୍ଭେ ଆଜିମାବାଦ୍ ଅଞ୍ଚଳର ୱାର୍ଡ଼ ନଂ-୧୫ର ସ୍ଥାୟୀ ବାସିନ୍ଦା ଭାବେ ବସବାସ କରୁଅଛୁ, ସହରର ରାସ୍ତା ସଂପ୍ରସାରଣ ପାଇଁ ବାଲେଶ୍ୱରରେ ବିଭିନ୍ନ ସ୍ଥାନରେ ଉଚ୍ଛେଦ ଏବେ ଚାଲିଛି। ବହୁ ସ୍ଥାନରେ ସରକାରୀ ଜାଗାକୁ ଜବର ଦଖଲରେ ରଖୁଥିବା ବେଳେ ଆମ୍ଭର ଘରକୁ ବାରମ୍ବାର ଭାଙ୍ଗିବା ପାଇଁ ଚାଲିଥିବା ଉଦ୍ୟମ ଆମ୍ଭକୁ ମର୍ମାହତ କରିଛି। ପୂର୍ବରୁ ରଣା ବାବୁ ବୋଲି ଜଣେ ମ୍ୟୁନିସିପାଟଲି ଅମିନ ଆମ ଘର ଏବଂ ରାସ୍ତା ମାପିଥିଲେ। ଆମ୍ଭେ ସରକାରୀ ଜାଗା ଉପରେ ଘର କରିନାହୁଁ ବୋଲି ସେତେବେଳେ ମାପରୁ ଜଣାପଡ଼ିଥିଲା। ମାତ୍ର ପରବର୍ତ୍ତି ସମୟରେ ଅନ୍ୟ ଜଣେ ଅମିନ ଆସି ଜାଗାକୁ ଉଭୟ ପଟ ନ ମାପି ଆମ୍ଭେ ରାସ୍ତାକୁ ମାଡ଼ିଆସି ଘର କରିଛୁ ବୋଲି କାନ୍ଥରେ ଚିହ୍ନ ଦେଇଥିଲେ। ପରେ ଆମ୍ଭକୁ ନୋଟିସ୍ ନଦେଇ ପୌରପାଳିକା ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ମୋର ଘରର କିଛି ଅଂଶକୁ ଭାଙ୍ଗି ଦିଆଗଲା। ଭାଙ୍ଗିବା ପୂର୍ବରୁ ଆଉଥରେ ମାପିବା ପାଇଁ ନିବେଦନ କରିଥୁଲି ମାତ୍ର କେହି ଶୁଣିଲେ ନାହିଁ । ଏବେ ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ମୋର ଘର ଭାଙ୍ଗିବାକୁ ଉଦ୍ୟମ ହୋଇଥିଲା । ମୁଁ ଜାଣିବା ପରେ ଉପଜିଲ୍ଲାପାଳଙ୍କୁ ଗତ ତା. ୨୧.୦୮.୨୦୨୩ ରିଖ ସନ୍ଧ୍ୟା ୬ଘଟିକା ସମୟରେ ନିବେଦନ କରିଥିଲି। ମୋର ଦୁଃଖ ଶୁଣି ୧୫ଦିନ ମୋର ପାଇଖାନା ଟାଙ୍କିକୁ ଅନ୍ୟତ୍ର କରିବା ପାଇଁ ସମୟ ଦେଇଛନ୍ତି। ମାତ୍ର ଆଉଥରେ ମାପିବା ପାଇଁ କୌଣସି ପ୍ରତିଶୃତି ଦେଇନାହାନ୍ତି। ମୁଁ ଜଣେ ୭୫ ବର୍ଷ ବିଧବା ବୃଦ୍ଧା। ମୋର ଦୁଇଜଣ ପୁତ୍ର ଗତ କୋରନାରେ ଆକସ୍ମିକ ମୃତ୍ୟୁବରଣ କରିବାପରେ ମୋର ସାନ ପୁତ୍ର ହରିଶ ସାହୁ ବୟସ ୪୪ ବ୍ୟାଙ୍କରେ ପିଅନ ଭାବେ କାର୍ଯ୍ୟରତ। ଜଣେ ସଚ୍ଚୋଟ କର୍ମଚାରୀ, ତାର ଦରମା ମାତ୍ର ୫,୦୦୦ ଟଙ୍କା । ଉକ୍ତ ଘରେ ୧୫ରୁ ୨୦ଟି ଝିଅ ମେସ୍ କରି ରହିଆସୁଥିଲେ ଏବଂ ଅଛନ୍ତି । ମୋର ସୀମିତ ରୋଜଗାରରେ ମୋର ପରିବାର ଚଳିବା ଅସମ୍ଭବ। ଯଦି ଏହିପରି ମୋର ପୁରୁଣା ପୈତୃକ ଘରକୁ ଭାଙ୍ଗିଦିଆଯାଏ ଆପଣମାନେ ବିଚାର କରନ୍ତୁ। ଏଣୁ ଆମ୍ଭେ ଆପଣମାନଙ୍କ ଜରିଆରେ ନିବେଦନ କରୁଛୁ କି ମୋର ଘର ଅନ୍ୟପାଖ ରାସ୍ତାକୁ ଆଉଥରେ ମାପ ହେଉ ମୁଁ ସରକାରଙ୍କ ଜାଗାରେ ଘର କରିଛି ବୋଲି ଯଦି ମାପରେ ଜଣାପଡ଼ିବ ମ୍ୟୁନିସିପାଲଟି ଭାଙ୍ଗିଦେଲେ ବି ମୁଁ ପ୍ରତିବାଦ କରିବି ନାହିଁ। ତେବେ ଆଜିମାବାଦ ଅଞ୍ଚଳର ଜଣେ ସ୍ଥାୟୀବାସିନ୍ଦା ଭାବେ ଦୁଇ ପୁତ୍ରକୁ ହରାଇ ଉପାନ୍ତ ବୟସରେ ଏହି ନିବେଦନ କରୁଛି କି ବିନା ମାପରେ ମୋର ଘରକୁ ଭଙ୍ଗାଗଲେ ମୁଁ ଆତ୍ମହୁତି ଦେବା ପାଇଁ ପଛାଇବି ନାହିଁ ବୋଲି ତୀରମଣି ସାହୁ ଉକ୍ତ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭର ସହ ପ୍ରକାଶ କରିଛନ୍ତି।



# ସରପଂଚ ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ସମ୍ବଲପୁର, ୨୨/୦୮ (ନି.ପ୍ର): ସମ୍ବଲପୁର ଜିଲ୍ଲା ସରପଂଚ ସଂଘ ଆଜି ଜିଲ୍ଲାପାଳ ଅନନ୍ୟା ଦାଶଙ୍କୁ ଭେଟି ୧୧ ଦଫା ଦାବି ସମ୍ବଳିତ ଦାବି ପତ୍ର ପ୍ରଦାନ କରିଛନ୍ତି। ଆନ୍ଦୋଳନକୁ ସମ୍ବଲପୁର ଜିଲ୍ଲା ସରପଂଚ୍ ସଂଘ ସମର୍ଥନ ଜଣାଇଛି। ପ୍ରତି ପଂଚାୟତ ପାଇଁ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଓ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅନ୍ତତଃ ୫ଟି ଘର ଦେବାକୁ ସରପଂଚମାନଙ୍କୁ କ୍ଷମତା ପ୍ରଦାନ, ସରପଂଚ ମାସିକ ଭତାକୁ ୨୩୫୦ ଟଙ୍କାରୁ ୩୦ ହଜାରକୁ ବୃଦ୍ଧିକରିବା, ବାକି ରହିଥିବା କଚ୍ଚା ଘରକୁ ପକ୍କା କରିବା,ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ନିୟମାନୁଯାୟୀ ନିଶ୍ଚିତ ଭତା ପ୍ରଦାନ, ସରପଂଚଙ୍କ ଅନାସ୍ଥା ପ୍ରସ୍ତାବକୁ ଉଚ୍ଛେଦ କରିବା, ପଂଚାୟତର ବିକାଶ ମୂଳକ କାମରେ ସମିତିର ଅଯଥା ହସ୍ତକ୍ଷେପରୁ ମୁକ୍ତ ରଖିବା, ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ସିଏଫସି/ଏସଏଫସି ପାଣ୍ଠି ବୃଦ୍ଧି, ପଂଚାୟତ ଷ୍ଟ୍ରିଟ୍ ଲାଇଟର ବିଦ୍ୟୁତ ଦେୟ ପାଇଁ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା, ମନରେଗା ଯୋଜନାରେ ସମସ୍ତ ବିକାଶ ମୂଳକ କାମକୁ ଯୋଡିବା, କାର୍ଯ୍ୟକାଳ ସମରେ ସରପଂଚମାନଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଲେ ୨୦ ଲକ୍ଷ ଟଙ୍କାର ପରିବାରକୁ କ୍ଷତିପୂରଣ ଭଳି ୧୧ ଦଫା ଦାବି ନେଇ ଜିଲ୍ଲା ସରପଂଚ ସଂଘ ଆଜି ରାସ୍ତାକୁ ଓହ୍ଲେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଆଜି ଜିଲ୍ଲା ସଂଘର ସଭାପତି ପ୍ରଫୁଲ୍ଲ ମିର୍ଦ୍ଧାଙ୍କ ନେତୃତ୍ୱରେ ସାଧାରଣ ସଂପାଦକ ରାମପ୍ରସାଦ ସାହୁ, ଦିବାକର ପ୍ରଧାନ, ଦିବାକର ବେହେରା, କ୍ଷୀରୋଦ ରାଉଳ, ମମତା ଭାଗ୍ରେ, ସଞ୍ଜିବ ପୁରୋହୀତ, ସରସ୍ୱତୀ ଭୋସାଗର,ମମତା ପୁରୋହୀତ, ସୁଷମା ସାହୁ,ବିମଳ ଲାକ୍ରା, ମମତା ପ୍ରଧାନ, ଜିତୁ ପ୍ରଧାନ, ଲଳିତା ପ୍ରଧାନ ପ୍ରମୁଖ ଜିଲ୍ଲା ଶତ ପ୍ରତିଶତ ସରପଂଚ୍ ସ୍ଥାନୀୟ ଲକ୍ଷ୍ମୀ ଟକିଚ ଛକରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ। ବିଭିନ୍ନ ସ୍ଲୋଗାନ ଦେଇ ୧୧ ଦଫା ଦାବି ପୂରଣ ନେଇ ରାଜ୍ୟ ସରକାରଙ୍କ ଠାରେ ବିଭିନ୍ନ ନାରା ବାଜି ଦେଇଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିବା ପରେ ଜିଲ୍ଲାପାଳ ଡକାଇ ସଂଘର ଦାବିପତ୍ର ଗ୍ରହଣ କରିଥିଲେ। ୭ ଦିନ ମଧ୍ୟରେ ଦାବି ନେଇ ସରକାରଙ୍କ ସକରାତ୍ମକ ସଫଳତା ନମିଳିଲେ ସଂଘ ପରବର୍ତୀ ପଦକ୍ଷେପ ଗ୍ରହଣ କରିବ ବୋଲି ସଂଘ ପକ୍ଷରୁ ସଭାପତି ପ୍ରଫୁଲ୍ଲ ମିର୍ଦ୍ଧା ଚେତାବନି ଶୁଣାଇଛନ୍ତି।

ବୁଧବାର, ଅଗଷ୍ଟ ୨୩, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବିଶ୍ୱବିଦ୍ୟାଳୟରେ ବିଶ୍ୱ ଉଦ୍ୟୋଗିକତା ଦିବସ ପାଳିତ



ବାରିପଦା, ୨୨/୦୮ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଉଦ୍ୟୋଗିକତା ଦିବସ ପାଳନ ହୋଇଯାଇଛି । ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ମୁଖ୍ୟ ଅତିଥି, ଉତ୍କଳ ବିଶ୍ୱବିଦ୍ୟାଳୟର ୟୁଇସିଏଚର ନିର୍ଦ୍ଦେଶକ ପ୍ରଫେସର ଅବିଦ ଅଲି ଖାନ ମୁଖ୍ୟବକ୍ତା, ଷ୍ଟାର୍ଟଅପ୍ ଓଡିଶାରୁ ଶ୍ରୀ ଶିବାଙ୍କିତ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ମାନଙ୍କ ମନରେ ଉଦ୍ୟୋଗୀ ମନୋଭାବ ଆଣିବାରେ ସହାୟକ ହେବା ସହ ବିଶ୍ୱବିଦ୍ୟାଳୟରେ ନବସୃଜନର ପରିବେଶ ଏବଂ ନାରୀ ସଶକ୍ତିକରଣର ବାର୍ତ୍ତାବହ ହୋଇପାରିବ ବୋଲି କହିଥିଲେ । ସଭାରେ ଆଜିର ଯୁବପୀଢ଼ି ପାଇଁ କ୍ୟାରିୟର ବିକଳ୍ପ ଭାବରେ ଉଦ୍ୟୋଗିକତା ବିଷୟରେ ସବିଶେଷ ଆଲୋଚନା କରା ଯାଇଥିଲା. ବିଶ୍ୱବିଦ୍ୟାଳୟର ଇନକ୍ୟୁବେସନ ସେଣ୍ଟରର ନିର୍ଦ୍ଦେଶିକା ପ୍ରଫେସର ଏମ୍ ହିମବିନ୍ଦୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ଇନକ୍ୟୁବେସନ ସେଣ୍ଟରର ସିଇଓ ଇଂ ସୌମ୍ୟରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅପରାହ୍ନରେ ମହିଳା ଉଦ୍ୟୋଗୀଙ୍କ ଉପରେ ଏକ ବିଶେଷ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଅଧାପିକା ଡ. ଗାର୍ଗୀ ମହାନ୍ତି ଓ ତାଙ୍କ ଟିମ୍‌ର ଉଦ୍ୟୋଗୀ ହେବାର ଯାତ୍ରାର ଅନୁଭୂତି ପ୍ରକାଶ କରିଥିଲେ ।

## ପଥହୁଡ଼ା ହରିଣ ହେଲା ମାଂସଲୋଭୀ ଶିକାରୀଙ୍କ ଶିକାର: ଦରପୋଡ଼ା ହରିଣ ଜବତ ସହ ଶିକାରୀ ଗିରଫ



ନୀଳଗିରି , ୨୨/୦୮ (ନି.ପ୍ର): ଖାଦ୍ୟ ଅନ୍ୱେଷଣରେ ହେଉ କିମ୍ବା କୌଣସି ଶିକାରୀ ବନ୍ୟଜନ୍ତୁ ଆକ୍ରମଣ ଭୟରେ ହେଉ ପଥହୁଡି ଗାଁ ଭିତରକୁ ପଶିଆସିଥିଲା ହରିଣଟି । ମାତ୍ର ଜିହ୍ୱା ଲାଳସାରେ ବଶବର୍ତ୍ତୀ ମାଂସଲୋଭି ଶିକାରୀ କବଳରୁ ବର୍ତ୍ତି ପାରିନଥିଲା ନିରୀହ ହରିଣ । ସୂଚନା ଅନୁଯାୟୀ କୌଣସି କାରଣରୁ କୁଳଡିହା ଅଭୟାରଣ୍ୟର ଗୋଟିଏ ଅଣ୍ଡିଆ ହରିଣ ସଜନାଗଡ଼ ସେକ୍ସନ ଅଧୀନ ଖରଡିହା, ସଜନାଗଡ, ବେଢ଼ାସାହି ଆଦି ଅଞ୍ଚଳରେ ବାଟହୁଡ଼ି ଘୁରି ବୁଲୁଥିଲା । ମଙ୍ଗଳବାର ସକାଳ ପ୍ରାୟ ୮ଟା ସମୟରେ ବେଢ଼ାସକ୍ଷହି ଗ୍ରାମର ବର୍ଜୁ ମାଝୀ ନାମକ ଜଣେ ଶିକାରୀଙ୍କ ସହ ଅନ୍ୟଜଣେ ସହଯୋଗୀ ଉକ୍ତ ୪ବର୍ଷୀୟ ହରିଣଟିକୁ ମାରି ଶିଙ୍ଗ କାଟିନେଇ ପୋଡୁଥିବା ସମୟରେ ନୀଳଗିରି ରେଞ୍ଜ ଅଧିକାରୀ ଆଇସା ଅକ୍ତର ନିଶା ଏବଂ ବନବିଭାଗର କର୍ମଚାରୀ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଅର୍ଦ୍ଧଦଗ୍ଧ ହରିଣଟି ଉଦ୍ଧାର କରିବା ସହ ଶିକାରୀ ବୁର୍ଜୁ ମାଝୀକୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ବ୍ୟକ୍ତି ଘଟଣା ସ୍ଥଳରୁ ଖସିଯିବରେ ସମର୍ଥ ହୋଇଥିଲେ । ବର୍ଯୁକୁ ଗିରଫ କରି ଜେଲ ହାଜତକୁ ପଠାଇ ଦିଆଯାଇଥିବା ରେଞ୍ଜର ସୂଚନା ଦେଇଛନ୍ତି । ତେବେ ପୋଷ୍ଟ ମୋର୍ଟମ ରିପୋର୍ଟ ଆସିବା ପରେ ହରିଣ ମୃତ୍ୟୁର କାରଣ ଜଣାପଡିବ ବୋଲି ରେଞ୍ଜର କହିଛନ୍ତି । ଏନେଇ ଅଧିକ ତଦନ୍ତ ଜାରି ରହିଛି ।

## ଡ. ରମାକାନ୍ତ ବେହେରା ସାରସ୍ୱତ ଓ ସଂସ୍କୃତି ପରିଷଦର ଟ୍ରଷ୍ଟି ବୈଠକ ପ୍ରତିଷ୍ଠା ଦିବସପାଇଁ ପ୍ରସ୍ତୁତି



ବାଲେଶ୍ୱର, ୨୨/୦୮ (ନି.ପ୍ର): ଗତ ୨୦୨୨ ମସିହା ଅକ୍ଟୋବର ୫ତାରିଖରେ ବିଶିଷ୍ଟ ସାହିତ୍ୟିକ ଓ ଶିକ୍ଷାବିତ୍ ଡ. ରମାକାନ୍ତ ବେହେରା ତାଙ୍କ ଅଶିତମ ଜନ୍ମତିଥିରେ ନିଜ ନାମରେ ପ୍ରତିଷ୍ଠା କରିଥିବା ରେଜେଷ୍ଟ୍ରିଭୁକ୍ତ 'ଡ. ରମାକାନ୍ତ ବେହେରା ଲିଟ୍ରେରାରୀ ଆଣ୍ଡ କଲଚରାଲ ଫାଉଣ୍ଡେସନ୍ ଟ୍ରଷ୍ଟ'ର ପ୍ରଥମ ପ୍ରତିଷ୍ଠା ଦିବସ ଆସନ୍ତା ଅକ୍ଟୋବର ୫ତାରିଖରେ ପାଳନ ହେବା ସମ୍ବନ୍ଧୀୟ ଟ୍ରଷ୍ଟିମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଟ୍ରଷ୍ଟ କାର୍ଯ୍ୟାଳୟ ଅଙ୍ଗାରଗଡ଼ିଆସ୍ଥିତ ସାଧନାଳୟରେ ୨୦ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ପ୍ରାଣପ୍ରତିଷ୍ଠାତା ଡ. ରମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଟ୍ରଷ୍ଟିମାନଙ୍କ ବୈଠକରେ ସମ୍ପାଦକ କବି କାଳୀପଦ ପଣ୍ଡା ବିବରଣୀ ଉପସ୍ଥାପନ କରି ପ୍ରତିଷ୍ଠାତାଙ୍କ ପକ୍ଷରୁ ନଗଦ ୧୦ଲକ୍ଷ ଟଙ୍କା ଅର୍ଥରାଶି ଅନୁଷ୍ଠାନର ପରିଚାଳନା ପାଇଁ ଜମା କରାଯାଇଥିବା ପ୍ରକାଶ କରିବା ସହ ଆଗାମୀଦିନରେ ଟ୍ରଷ୍ଟ ପକ୍ଷରୁ ହେବାକୁ ଥିବା କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ । ଆସନ୍ତା ଅକ୍ଟୋବର ୫ତାରିଖରେ ଟ୍ରଷ୍ଟ ପ୍ରଥମ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ୫ଜଣ ପ୍ରତିଭାଧରଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ମାନ ଅର୍ପଣ କରାଯିବି । ଉତ୍ସବରେ ସାହିତ୍ୟ ଆଲୋଚନା ସଭା, କବିତାପାଠୋତ୍ସବ ଓ ବନ୍ଧୁମିଳନ ହେବା ସମ୍ବନ୍ଧୀୟ ନିଷ୍ପତି ଗ୍ରହଣ କରାଯାଇଥିଲା । ଟ୍ରଷ୍ଟକୁ ଅଧିକ କ୍ରିୟାଶୀଳ କରିବାପାଇଁ ସହଯୋଗୀ ସଦସ୍ୟ, ପୃଷ୍ଠପୋଷକ ଓ ଉପଦେଷ୍ଟା ସଦସ୍ୟ ଗ୍ରହଣ ନିମନ୍ତେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା । ପ୍ରତ୍ୟେକ ମାସରେ ଟ୍ରଷ୍ଟ ପକ୍ଷରୁ ସାହିତ୍ୟ ଆଲୋଚନାସଭା, ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ହେବାକୁ ସ୍ଥିର କରାଯାଇଥିଲାବେଳେ ନୂତନ ଭାବେ ସହଯୋଗୀ ସଦସ୍ୟରୂପେ ଔପନ୍ୟାସିକ ସୃଷ୍ଟିଧର ପରିଡ଼ା, କବି ବିଦ୍ୟାଧର ସେଠୀ ଓ ସୁଧାକର ସେଠୀ, ଔପନ୍ୟାସିକ ରମେଶଚନ୍ଦ୍ର ଜେନା ଓ ସାହିତ୍ୟାନୁରାଗୀ ଯୋଗେଶ ଚନ୍ଦ୍ର ପ୍ରଧାନଙ୍କୁ ଗ୍ରହଣ କରାଯାଇଥିଲା । ଟ୍ରଷ୍ଟର ଟ୍ରଷ୍ଟି ଡ. ଅରବିନ୍ଦ ଗିରି, ଡ. ଶିରୀଶ ଚନ୍ଦ୍ର ଜେନା, ଯଦୁନାଥ ସାହୁ, ଶୁଭେନ୍ଦୁ କୁମାର ରାୟ, ମଧୁସୂଦନ ଜେନା, କମଳାକାନ୍ତ ଦାଶ, ଅନସୂୟା ପ୍ରଧାନ, ସୁବର୍ଣ୍ଣ କେଶରୀ ସାମଲ, ଅନ୍ନପୂର୍ଣ୍ଣ ଜେନା, ଅର୍ଚ୍ଚନା ବେହେରା, ଅନିମା ସିଂହ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ଟ୍ରଷ୍ଟର କୋଷାଧକ୍ଷ ଡାକ୍ତର ମଧୁସୂଦନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋଖରୀରେ ବୁଡି ମହିଳାଙ୍କ ମୃତ୍ୟୁ

ବସ୍ତା୨୨.୮(ନିପ୍ର)ବସ୍ତା ବ୍ଲକ ସିଂଲା ଥାନା ଅନ୍ତର୍ଗତ ପାଉଁଶକୁଳି ଗ୍ରାମର ସ୍ୱର୍ଗତ ରଘୁନାଥ ଦେ ଙ୍କର ସ୍ତ୍ରୀ ଦୁର୍ଗାମଣି ଦେ (୭୩) ମଙ୍ଗଳବାର ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ସେ ଘର ପାଖ ପୋଖରୀ ଆଡିରେ ଶାଗ ତୋଳୁଥିଲେ । ଅସାବଧାନତା ବଶତଃ ତାଙ୍କ ଗୋଡ଼ ଖସିଯିବାରୁ ସେ ପୋଖରୀରେ ବୁଡି ଯାଇଥିଲେ । କିଛି ସମୟ ପରେ ପରିବାର ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି । ସେ ଜଣେ ମିଷ୍ଟଭାଷୀ,ଧର୍ମପରାୟଣା ଓ ମେଳାପୀ ସ୍ୱଭା ର ମହିଳା ଥିଲେ । ତାଙ୍କର ତିନି ପୁଅ, ପୁଅବୋହୁ, ଝିଅ, ଜ୍ୱାଇଁ ଓ ନାତି ନାତୁଣୀ ଅଛନ୍ତି ।

## ବନ୍ତ ବ୍ଲକ୍‌ରେ ମିଳିତ ଜନ ଶୁଣାଣି ଶିବିର

ଭଦ୍ରକ, ୨୨/୦୮ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନ ଶୁଣାଣି ଶିବିର ବନ୍ତବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଭଦ୍ରକ ଏସ୍.ପି. ବରୁଣ ଗୁ ୁପାଲି ଏହି ଯୁଗ୍ମ ଜନାଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ସମୁଦାୟ ୫୨ ଜଣଙ୍କ ଠାରୁ ଅଭିଯୋଗ ଶୁଣିଥିଲେ । ସମସ୍ତ ଅଭିଯୋଗ ମଧ୍ୟରେ ୪୭ଟି ବ୍ୟକ୍ତିଗତ ସମସ୍ୟା ମୂଳକ ଓ ୫ଟି ସାମୂହିକ ସମସ୍ୟା ଭି ିକ ଅଭିଯୋଗ ଥିଲା । ରେଡ଼କ୍ରସ ସମ୍ବନ୍ଧୀୟ ଜଣେ ଆବେଦନକାରୀଙ୍କୁ ଚିକିତ୍ସା ବାବଦ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ସାମାଜିକ ସୁରକ୍ଷା ଯୋଜନାରେ ୨ଟି ତିନିଚକିଆ ସାଇକେଲ ଓ ୧ଟି ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା । ଜିଲ୍ଲାପରିଷଦ ଅଧକ୍ଷ ପ୍ରଫୁଲ୍ଲ କୁମାର ଜେନା, ଆଜି ନୂତନ ଭାବେ ଯୋଗଦେଇଥିବା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦ ୍, ଉପଜିଲ୍ଲାପାଳ ମନୋଜ ପାତ୍ର, ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ବନ୍ତ ବି.ଡ଼ି.ଓ. ପ୍ରଦୀପ କୁମାର ସେଠୀ, ବନ୍ତ ତହସିଲଦାର ଅଙ୍କିତା ବାରିକ, ଏ.ପି.ଡ଼ି.ଏମ୍.ଆଇ.ଏସ୍ ପ୍ରହ୍ଲାଦ ରଣା ପ୍ରମୁଖ ଏହି ଶିବିରରେ ଯୋଗ ଦେଇଥିଲେ । ଉକ୍ତ ବ୍ଲକ ଓ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏହି ଶିବିରରେ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭ ।, କଳାକାର ଭ ।, କବର ସ୍ଥାନ ପାଇଁ ଜମି ଚିହ୍ନଟ, ଜଳ ଜମି ରହିବା ସମସ୍ୟା ଆଦି ବିଭିନ୍ନ ବିଭାଗୀୟ ଅଭିଯୋଗ ସବୁର ସମାଧାନ ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

## ପ୍ରଫେସର ଡାକ୍ତର ଗୁଣସାଗର ଦାଶଙ୍କ କବିତା ସଙ୍କଳନ 'ଭୂମିରୁ ଭୂମାକୁ' ଉନ୍ମୋଚିତ




ଭୁବନେଶ୍ୱର , ୨୨/୦୮ (ନି.ପ୍ର): ବସୁମତୀ ସାହିତ୍ୟ ସଂସଦ, ସମ୍ବଲପୁର ଆନୁକୂଲ୍ୟରେ ସ୍ଥାନୀୟ ଭାରତୀୟ ବିଦ୍ୟା ଭବନର ସଭାଗୃହରେ କବି ଗୁଣସାଗର ଦାଶଙ୍କ କବିତା ସଙ୍କଳନ 'ଭୂମିରୁ ଭୂମା'କୁ ଉନ୍ମୋଚିତ ହୋଇଯାଇଛି । ଗିରିଜା ଶଙ୍କର ଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଅମରେଶ ପଟ୍ଟନାୟକ ଉଦଘାଟକ , ବିଶିଷ୍ଟ କବି ପ୍ରସନ୍ନ କୁମାର ମହାନ୍ତି ମୁଖ୍ୟ ଅତିଥି ଏବଂ ଭାଷାବିତ୍ ଦେବାଶିଷ ମହାପାତ୍ର ଆଲୋଚକ ଭାବରେ ଯୋଗ ଦେଇଥିଲେ । ଜଣେ ଚକ୍ଷୁ ବିଶେଷଜ୍ଞ ଭାବରେ ଚିକିତ୍ସା କ୍ଷେତ୍ରରେ ଉତ୍କର୍ଷକୁ ଛୁଇଁଥିବା ଶ୍ରୀ ଦାଶ ସାହିତ୍ୟ ସର୍ଜନାରେ ମଧ୍ୟ ଶୀର୍ଷକୁ ଛୁଇଁଛନ୍ତି ଏବଂ ଭାବ ଓ ଭାଷାର ସମନ୍ୱୟରେ ରଚିତ ସମସ୍ତ କବିତା ଆତ୍ମିକ ଓ ଆଙ୍ଗିକ ଉଭୟ ଦୃଷ୍ଟିରୁ ଉଚ୍ଚକୋଟୀର । କବିତାଗୁଡ଼ିକ ଦୁର୍ବୋଧ ନହୋଇ ସରଳ ଓ ସାବଲୀଳ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସୁପ୍ରିୟା ପଣ୍ଡାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ଉନ୍ମୋଚିତ କବିତା ସଙ୍କଳନରୁ ଅତିଥିମାନଙ୍କ ଦ୍ୱାରା କବିତା ଆବୃତ୍ତି କରାଯାଇଥିଲା । ଲେଖକ ତଥା ପ୍ରକାଶକ ରାଜ କିଶୋର ଦାସଙ୍କ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନରେ ଆରମ୍ଭ ହୋଇଥିବା ଏହି ସାରସ୍ୱତ ଉତ୍ସବର ପରିଶେଷରେ କବି ଦୁର୍ଗା ଚରଣ ଷଡ଼ଙ୍ଗୀ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜୀବନୀକାର ସତ୍ୟ ନାରାୟଣ ମହାପାତ୍ର, କବି ଭିକାରୀ ଧଳ, ଗାଳ୍ପିକ ରମେଶ ପଟ୍ଟନାୟକ, କବି ସୂର୍ଯ୍ୟ ମିଶ୍ର, ଗାଳ୍ପିକା ଶ୍ରୁତକିର୍ତ୍ତୀ ତ୍ରିପାଠୀ ଓ ଅମିତାଭ ଖିଲାରଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

## ପୁରୀ ଆଇଟିଆଇରେ ଆପ୍ରେନଟିସିପ୍ ମେଳା

ପୁରୀ, ୨୨/୦୮ (ନି.ପ୍ର): ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେନଟିସିପ୍ ମେଳା,ସରକାରୀ ଶିଳ୍ପ ତାଲିମ ଶିକ୍ଷାନୁଷ୍ଠାନ ପୁରୀ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ମେଳା ରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା କର୍ମନିଯୁକ୍ତି ଅଧିକାରୀ ଶ୍ରୀ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ମେଳା ର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଳ୍ପ କେନ୍ଦ୍ର ର ସହକାରୀ ପରିଚାଳକ ଶ୍ରୀ ହେମନ୍ତ କୁମାର ନାୟକ ଉପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ତଥା ଆପରେନଟିସିପ୍ ପରବର୍ତ୍ତୀ ଉଦ୍ୟୋଗିତା ସୁଯୋଗ ଉପରେ ଆଲୋକପାତ କରିଥିଲେ ।

## ଖୋର୍ଦ୍ଧା ହାବେଳୀ ପଡିଆରେ ଅଭିଯୋଗ ଶୁଣିଲେ '୫-ଟି' ସଚିବ



ଖୋର୍ଦ୍ଧା, ୨୨/୦୮ (ନି.ପ୍ର): ୨ଦିନିଆ ଗସ୍ତରେ ଆସିଛନ୍ତି '୫-ଟି' ସଚିବ ଭି.କେ. ପାଣ୍ଡିଆନ । ଆଜି ପ୍ରଥମେ ବେଗୁନିଆ ବ୍ଲକରେ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପରେ ଖୋର୍ଦ୍ଧା ହାବେଳୀ ପଡିଆରେ ତାଙ୍କୁ ସ୍ୱାଗତ କରାଗଲା । ପଡିଆରେ ପହଂଚି ସମସ୍ତଙ୍କ ପାଖକୁ ଯାଇ ହାତ ମିଶାଇ ସେଲ୍ଫି ବି ନେଲେ । ମହିଳାମାନେ ୫-ଟି ସଚିବ ଙ୍କୁ ରାକ୍ଷୀ ପିନ୍ଧାଇ ମଙ୍ଗଳ ମାନସିଲେ । ତେବେ ସାଧାରଣ ଜନତାଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗ ଶୁଣିବା ସହ ଦରଖାସ୍ତଗୁଡ଼ିକ ଗ୍ରହଣ କରିଥିଲେ ୫-ଟି ସଚିବ । ପରେ ମଂଚ ଉପରେ ସମସ୍ତଙ୍କୁ ସମ୍ବୋଧନ କରି କହିଲେ, ମୁଖ୍ୟମନ୍ତ୍ରୀ ଆପଣଙ୍କ ସମସ୍ୟା ବୁଝିବାକୁ ପଠାଇଛନ୍ତି । ବହୁତ ଦରଖାସ୍ତ ପାଇଛି । ଚାଷୀ ମାନଙ୍କ ଦରଖାସ୍ତକୁ ପ୍ରାଧାନ୍ୟ ଦିଆଯିବ । ଜାଗା ମିଶନରେ ଜିଲ୍ଲାପାଳଙ୍କୁ ଅନୁରୋଧ କରିବି, ଜମି ସମସ୍ୟା ଉପରେ ପଦକ୍ଷେପ ନେବେ । ଆପଣ ବହୁ ଶୀଘ୍ର ଖୁସି ଖବର ପାଇବେ । ଜମି ପଟା ପାଇବେ । ପାଇକଙ୍କର ଉନ୍ନତି ଲାଗି ମୁଖ୍ୟମନ୍ତ୍ରୀ ଗୋଟିଏ ସପ୍ତାହ ଭିତରେ ଖୁସି ଖବର ଦେବେ ବୋଲି କହିଥିଲେ । ଜିଲ୍ଲାପାଳ ଜିଲ୍ଲା ସଂସ୍କୃତି ବିଭାଗ ସହ କଥା ହୋଇ ଖୋର୍ଦ୍ଧା ପାଇକଙ୍କ ଉନ୍ନତି ଏବଂ ଖୋର୍ଦ୍ଧା ଦୁର୍ଗ ଉନ୍ନତି ଲାଗି ଦିଆଯାଇଥିବା ଦରଖାସ୍ତ ର ଡିପିଆର ମାସକ ଭିତରେ ପ୍ରସ୍ତୁତ କରି ପଠାନ୍ତୁ ବୋଲି କହିଥିଲେ । ଖୋର୍ଦ୍ଧା ବ୍ଲକ ଅଂଚଳରେ ଥିବା ଏଖରାଜାତ ମାହାଲ ଜମି ସମ୍ପର୍କରେ କହିଥିଲେ, ସ୍ଥିତିବାନ ଜମିର ସ୍ଥିତି ପାଇଁ ଆଲୋଚନା ହୋଇଛି । ଜଗନ୍ନାଥ ଜମି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ସ୍ତରରେ ପଦକ୍ଷେପ ନିଆଯାଉଛି । ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ କମିଟି ଗଠନ ହୋଇଛି । ମନ୍ଦିର, ମସଜିଦ, ଚର୍ଚ୍ଚ, କମ୍ୟୁନିଟି ସେଂଟର ପାଇଁ ୭ଦିନ ଅର୍ଥାତ୍ ୨୯ତାରିଖ ତାରିଖ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ଠାରୁ ଖୁସି ଖବର ପାଇବେ । ସରକାର ଦେଉଥିବା ଅର୍ଥକୁ ଠିକ ଭାବେ ଖର୍ଚ୍ଚ କରନ୍ତୁ, ଆହୁରି ୨ୟ ଓ ୩ୟ କିସ୍ତି ପାଇବେ । କାଲିଠାରୁ ଖୋର୍ଦ୍ଧା ଜିଲ୍ଲାର ଯୁକ୍ତ ଦୁଇ ଓ ଡିଗ୍ରୀ କଲେଜ ୫-ଟି ରେ ସାମିଲ କଲେ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଯୋଜନାରେ ମିଶନ ଶକ୍ତି କୁ ସାମିଲ କରିଛନ୍ତି । ମହିଳା ମାନେ ରୋଜଗାର କଲେ ପରିବାର ଉନ୍ନତି ହେବ । ପରିବାର ଉନ୍ନତି ହେଲେ ରାଜ୍ୟ ଉନ୍ନତି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମିଶନ ଶକ୍ତି ମାଧମରେ ନିଜକୁ ସ୍ୱାବଲମ୍ବୀ କରାଇବା ପାଇଁ ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହଯୋଗ କରୁଛନ୍ତି । କୃଷକମାନଙ୍କୁ ମଧ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦିଆଯାଉଛି । ଯେଉଁଠାରେ ସରକାରୀ କୋଠା ବ୍ୟବହାରରେ ଲାଗୁନାହିଁ ତାକୁ ମିଶନ ଶକ୍ତିର ବ୍ୟବହାରରେ ଲଗାଯାଇ ପାରିବ । ମିଶନ ଶକ୍ତିର ମା'ମାନେ ସେଠାରେ ମିଶନ ଶକ୍ତି ଗୃହ କରିପାରିବେ, ଟ୍ରେନିଂ ନେଇପାରିବେ କିମ୍ବା ବ୍ୟବସାୟ କରିପାରିବେ ବୋଲି ୫-ଟି ସଚିବ କହିଥିଲେ । ରାଜ୍ୟରେ ୧୧ହଜାର ୩ଶହ କୋଟି ଟଙ୍କା ଲୋନ ନେଇଛନ୍ତି ମହିଳା ସ୍ୱୟଂସହାୟିକା ଗୋଷ୍ଠିର ସଦସ୍ୟାମାନେ । ତନ୍ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାର ୧୬ହଜାର ୪ଶହ ଗ୍ରୁପର ସଦସ୍ୟା ୬୫୦କୋଟି ଟଙ୍କା ଲୋନ ନେଇଛନ୍ତି । ସିଆରପି, ଏମବିକେଙ୍କ ଦରମା ବଢାଇବା ଲାଗି ମୁଖ୍ୟମନ୍ତ୍ରୀ ଚିନ୍ତା କରୁଛନ୍ତି । ଖୋର୍ଦ୍ଧା, ଟାଙ୍ଗି ଓ ବେଗୁନିଆ ବ୍ଲକରେ ପାନୀୟ ଜଳ ପାଇଁ ୨୩୩କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।

## ସକ୍ଷମ ହେଲେ ୨୩୩ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ

ବାରିପଦା , ୨୨/୦୮ (ନି.ପ୍ର): ଶାରୀରିକ ଗଠନରେ ତ୍ରୁଟି ଯୋଗୁଁ ଛାତ୍ରଛାତ୍ରୀ ମାନେ ଦୈନଦିନ କାର୍ଯ୍ୟ କରିବାରେ ତଥା ନିୟମିତ ବିଦ୍ୟାଳୟ ଉପସ୍ଥାନରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏହି ଅସୁବିଧାକୁ ଦୂର କରିବା ପାଇଁ ସମଗ୍ର ଶିକ୍ଷା ମୟୂରଭଞ୍ଜ ଏବଂ ଆଲିମକୋ ଭୁବନେଶ୍ୱରର ମିଳିତ ସହଯୋଗରେ ଆଲିମକୋର କୃତିମ ଅଙ୍ଗ ପ୍ରତ୍ୟଙ୍ଗ ବିଶେଷଜ୍ଞ ଦ୍ୱାରା ୨୦୨୨-୨୩ ଶିକ୍ଷା ବର୍ଷରେ ଚିହ୍ନଟି କରଣ ଶିବିର ଜିଲ୍ଲାର ୧୨ଟି ସ୍ଥାନରେ ଆୟୋଜନ କରାଯାଇଥିଲା । ଏଥିରେ ସର୍ବ ମୋଟ ୨୩୩ ଜଣ ପିଲା ବିଭିନ୍ନ ପ୍ରକାରର କୃତିମ ଅଙ୍ଗ ପ୍ରତ୍ୟଙ୍ଗ ପାଇବା ନିମନ୍ତେ ମନୋନୀତ ହୋଇଥିଲେ । ଗତ ଅଗଷ୍ଟ ୧୬ତାରିଖ ଠାରୁ ୨୧ ତାରିଖ ପର୍ଯ୍ୟନ୍ତ ଚିହ୍ନଟ ହୋଇଥିବା ୨୩୩ ଜଣ ଛାତ୍ର ଛାତ୍ରୀଙ୍କୁ ଜିଲ୍ଲା ଭିନ୍ନକ୍ଷମ ପୂର୍ବବାସ ଥଇଥାନ କେନ୍ଦ୍ର ବାରିପଦା ଠାରେ ୬ ଗୋଟି ପର୍ଯ୍ୟାୟରେ କୃତ୍ରିମ ଅଙ୍ଗ ତଥା ସାମଗ୍ରୀ ଗୁଡିକୁ ବଣ୍ଟନ କରଯାଇଥିଲା । ଆଲିମକୋ ତରଫରୁ ରାଜେଶ ନନ୍ଦ, ରାଜା ନାୟକ, ଆଶିଷ ମହାରଣା ଓ ଅବିନାଶ ଦେହୁରି ପିଲାମାଙ୍କୁ ଉକ୍ତ କୃତିମ ଅଙ୍ଗ ପ୍ରତ୍ୟଙ୍ଗ ଗୁଡିକ ଫିଟିଙ୍ଗ କରାଇଥିଲେ । ଜିଲ୍ଲା ଭିନ୍ନକ୍ଷମ ସଂଯୋଜକ ନିରଞ୍ଜନ ନାୟକ ପିଲା ମାନେ କିପରି ଭାବରେ ଏହାକୁ ନିୟମିତ ବ୍ୟବହାର କରିବେ ଏବଂ ଆବଶ୍ୟକ ହେଲେ ସମଗ୍ର ଶିକ୍ଷା ମୟୂରଭଞ୍ଜ ତରଫରୁ ପ୍ରତ୍ୟେକ ବ୍ଲକ ସ୍ତରରେ ଗୋଷ୍ଠୀ ସାଧନ କେନ୍ଦ୍ର ଠାରେ ଥେରପି ସେଣ୍ଟର ରେ ନିୟମିତ ଅଭ୍ୟାସ କରିବା ପାଇଁ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀମତୀ ରେଖାରଣୀ ଦାସ ଓ ସୋନାଲିକା ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo